

ନାରିନ୍‌ଙ୍କ ନିଆରା ରେକର୍ଡ

ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
## THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ




Vol. 34 | ISSUE 39 | ଭାଗ ୩୪ | ସଂଖ୍ୟା ୩୯
Bhubaneswar | Thursday 1 May 2025 | Page 8 Rs. 4.00
● ଭୁବନେଶ୍ୱର ଗୁରୁବାର ୧ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ପ୍ରଧାନମନ୍ତ୍ରୀଙ୍କ ତୁହାକୁ ତୁହା ବୈଠକ

# ଆତଙ୍କୀ ନିପାତ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ!



**ନୂଆଦିଲ୍ଲୀ,୩୦।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଆଜି ବସିଥିଲା ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ ବୈଠକ (ସିସିଏସ୍)। ଏହି ବୈଠକରେ ଉପସ୍ଥିତ ଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହ ମନ୍ତ୍ରୀ ଅମିତ ଶାହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ବୈଠକ ଆରମ୍ଭରେ ପହଲଗାମ ନରସଂହାରରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତର ଭବିଷ୍ୟତ ରଣନୀତି କ'ଣ ରହିବ, ସେନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକ ପରେ ଆରମ୍ଭ ହୋଇଥଲା ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିପିଏ) ବୈଠକ। ଏହାଛଡ଼ା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ➪ପୃଷ୍ଠା-୬

## ମୁସାକୁ କାବୁ ପାଇଁ ସର୍ଚ୍ଚ ଅପରେସନ୍



**ସେନା ଘୋଷଣା କଲା ୨୦ ଲକ୍ଷ**

ଶ୍ରୀନଗର,୩୦।୪: ହିନ୍ଦୁ ରକ୍ତରେ ହୋଲି ଖେଳିଥିବା ପାକିସ୍ତାନ ମିଲିଟାରୀ ଦ୍ୱାରା କମାଣ୍ଡୋ ତାଲିମ ପାଇଥିବା ଆତଙ୍କୀ ହାସିମ୍ ମୁସା ଏବେ ଭାରତରେ ଲୁଚିଛି। ପହଲଗାମ୍ ଆତଙ୍କୀ ହମଲା ପରେ ମୁସା ଦକ୍ଷିଣ କାଶ୍ମୀର ଜଙ୍ଗଲରେ ଲୁଚିଥିବା ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଛି। ତେବେ ଏହି ପ୍ରମୁଖ ଆତଙ୍କୀକୁ ଜୀବିତ ଅବସ୍ଥାରେ ଧରିବା ସକାଶେ ସେନା ପକ୍ଷରୁ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ହେଲେ ମୁସା କୌଣସି ପ୍ରକାରେ ପାକିସ୍ତାନକୁ ଖସିଯିବାକୁ ଚେଷ୍ଟା ଚଳାଇଥିବା ଅନୁମାନ କରାଯାଉଛି। ତେଣୁ ଯେନତେନ ପ୍ରକାରେଣ ମୁସାକୁ ଗିରଫ କରିବା ସକାଶେ ସେନା ଉଦ୍ୟମ ଚଳାଇଛି। ଏପରିକି ମୁସା ସମ୍ପର୍କରେ କେହି ସୁରାକ୍ ଦେଲେ ତାଙ୍କୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ମଧ ସେନା ଘୋଷଣା କରିଛି। ପାକିସ୍ତାନ ବଂଶୋଦ୍ଭବ ମୁସା ଓରଫ ଆସିଫ ଫୌଜି ଓରଫ ସୁଲେମାନ ପୂର୍ବରୁ ପାକିସ୍ତାନ ସେନାର ସ୍ପେଶାଲ ଫୋର୍ସ ଏସ୍‌ଏସ୍‌ଜିର କମାଣ୍ଡୋ ଥିଲା। ସେ ମିଲିଟାରୀ ଦ୍ୱାରା ତାଲିମପ୍ରାପ୍ତ ହୋଇଥିବା ବେଳେ ଏବେ ପ୍ରମୁଖ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବା ପାଇଁ କାମ କରୁଛି। ଗୁଇନ୍ଦା ସୂଚନାନୁସାରେ, ଲସ୍କର-ଏ-ତୋଇବା ଆତଙ୍କୀ ସଂଗଠନ ତାକୁ ସ୍ୱତନ୍ତ୍ର ମିଶନରେ ପଠାଇଥିଲା। ଏଥିପାଇଁ ତାକୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଛି। ସେ ପୂର୍ବରୁ କାଶ୍ମୀରରେ ୩ଟି ପ୍ରମୁଖ ଆତଙ୍କୀ ଆକ୍ରମଣ ଘଟଣାରେ ସାମିଲ୍ ଥିବା ନେଇ ମଧ ଗୁଇନ୍ଦା ପକ୍ଷରୁ ସୂଚନା ଦିଆଯାଇଛି।

## ଲାହୋରରେ ହାଫିଜ୍‌ର ଗୁପ୍ତ ଠିକଣା ଠାବ

**ସରକାର ଦେଇଛନ୍ତି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା**




**ନୂଆଦିଲ୍ଲୀ:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି । ଏଥିମଧ୍ୟରେ ପାକିସ୍ତାନ ଆତଙ୍କବାଦୀଙ୍କ ସୁରକ୍ଷା ବୃଦ୍ଧି କରାଇଥିବା ଖବର ମିଳିଛି । ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ ସୟିଦର ଗୁପ୍ତ ଠିକଣା ଠାବ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ପାକିସ୍ତାନରେ ରହୁଥିବା ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ୍ର ସୁରକ୍ଷା ବୃଦ୍ଧି କରାଯାଇଛି। ସାଟେଲାଇଟ୍ ଫଟୋ ଓ ଭିଡିଓରେ ହାଫିଜ୍‌ର ଘର ଲାହୋରରେ ବୋଲି ଜଣାପଡ଼ିଛି। ଏହି ଭିଡିଓରେ ହାଫିଜ୍ ଜଣେ ସାଧାରଣ ନାଗରିକ ଭଳି ବେଶ୍ ଆରାମରେ ରହୁଥିବା ଦେଖିବାକୁ ମିଳିଛି। ହାଫିଜ୍ ସରକାରଙ୍କ କଡ଼ା ସୁରକ୍ଷା ମଧ୍ୟରେ ଲାହୋରର ➪ପୃଷ୍ଠା-୬

**ମୋଦିଙ୍କ ଆଉ ଏକ ହାଇଲେବଲ ମିଟିଂ**

## ସ୍ଥଳସେନା ମୁଖ୍ୟ, ବୈଦେଶିକ ମନ୍ତ୍ରୀ, ଏନ୍‌ଏସ୍‌ଏଙ୍କ ସହ ଆଲୋଚନା



**ନୂଆଦିଲ୍ଲୀ, ୩୦।୪:** ପହଲଗାମ୍ ବଦଲା ନେବାକୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରୁଛି ଭାରତ। ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ସମ୍ଭାବନା ମଧ୍ୟରେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ପୁଣି ଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନଏସଏ ଅଜିତ ଡୋଭାଲ ମଧ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଫେରି ଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସଦ୍ୟତମ ବୈଠକରେ ଯୋଗ ଦେଇଥିବା ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ଏନଏସଏ ଡୋଭାଲ ମଧ ନୂଆଦିଲ୍ଲୀସ୍ଥିତ ୭ ଲୋକ କଲ୍ୟାଣ ମାର୍ଗରୁ ଚାଲିଯାଇଛନ୍ତି। ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ଦିନ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ୯୦ ମିନିଟ୍ ଧରି ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସିଡିଏସ ଜେନେରାଲ ଅନୀଲ ଚୌହାନ ଏବଂ ତିନି ବାହିନୀର ମୁଖ୍ୟ - ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ମାର୍ଶାଲ ଅମର ପ୍ରୀତ ସିଂହ ଉପସ୍ଥିତ ଥିଲେ ।

ତେବେ ଏହି ବୈଠକ ➪ପୃଷ୍ଠା-୬

**ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ସିଏମ୍ କିଷାନ୍ ସହାୟତା**

## ୫୧ ଲକ୍ଷ ଚାଷୀଙ୍କୁ ୧୦୨୫ କୋଟି

- ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ମିଳିବ ଜଳସେଚନ ସୁବିଧା
- ଚାଷୀଙ୍କ ଉନ୍ନତି ପାଇଁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ରହିଛି



**ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ):** ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷୟ ତୃତୀୟା ଅବସରରେ ସ୍ଥାନୀୟ ବରମୁଣ୍ଡା ଓୟୁଏଟି ଫାର୍ମଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହରେ ଯୋଗଦେବା ଅବସରରେ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷ ୧୬ ହଜାର ୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯ ହଜାର ୪୮୨ ଜଣ ଭୂମିହୀନ କୃଷି ପରିବାର ଓ ୨ ହଜାର ୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ମୋଟ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଛନ୍ତି। ଏଥିରେ ସହରାଞ୍ଚଳର ➪ପୃଷ୍ଠା-୬

● ଓପିଏସସିର ଘୋଷଣା

## ୧୪ରେ ସାନି ପରୀକ୍ଷା

**କଟକ,୩୦।୪(ସଂଚାର ବ୍ୟୁରୋ):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଓଡ଼ିଶା ସିଭିଲ ସର୍ଭିସେସ (ଓସିଏସ୍) ମୁଖ୍ୟ ପରୀକ୍ଷା ୨୦୨୩ ଅନ୍ତର୍ଗତ ଆନ୍ଥ୍ରୋପୋଲୋଜି ବିଷୟରେ ସାନି ପରୀକ୍ଷା ସକାଶେ ଆଜି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ଆସନ୍ତା ୧୪ ତାରିଖରେ ଏହି ବିଷୟର ଏକ ସାନି ପରୀକ୍ଷା ହେବ। ଗତ ୨୭ ତାରିଖରେ ଅନୁଷ୍ଠିତ ଆନ୍ଥ୍ରୋପୋଲୋଜି ପେପର-୧ ଓ ପେପର-୨ରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ଏହା ପରୀକ୍ଷାର୍ଥୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା। ଏ ସଂକ୍ରାନ୍ତରେ ଓପିଏସ୍‌ସି ➪ପୃଷ୍ଠା-୬

## ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି ଓଏନ୍‌ଓଇ: ଧର୍ମେନ୍ଦ୍ର

**ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ରନ୍ ଫର୍ ୱାନ୍ ନେସନ, ୱାନ୍ ଇଲେକ୍ସନ'**

**ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ 'ରନ୍ ଫର୍ ୱାନ୍ ନେସନ୍-ୱାନ୍ ଇଲେକ୍ସନ୍' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏହା ଏବେ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ କୌଣସି ନୂଆ ବିଚାରର କ୍ରିୟାନ୍ୱୟନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏକ ସଶକ୍ତ ପରମ୍ପରା ରହିଛି। ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ (ଓଏନ୍‌ଓଇ) ସପକ୍ଷରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏଭଳି ପ୍ରୟାସ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ➪ପୃଷ୍ଠା-୬




## ପୁରୀ ପର୍ଯ୍ୟଟନକୁ ବିପଦ ଦୀଘା ଜଗନ୍ନାଥ ମନ୍ଦିର



**ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ):** ଦୀଘାରେ ପଶ୍ଚିମବଙ୍ଗ ସରକାର ପ୍ରତିଷ୍ଠା କରିଥିବା ଜଗନ୍ନାଥ ମନ୍ଦିର ଏବେ ପୁରୀର ପର୍ଯ୍ୟଟନ ପାଇଁ ବିପଦ ସୃଷ୍ଟି କରିବାକୁ ଯାଉଛି। ବଙ୍ଗାଳି ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ପୁରୀର ପର୍ଯ୍ୟଟନ ଶିଳ୍ପ ଆଗାମୀ ଦିନରେ ଦୀଘା ଜଗନ୍ନାଥ ମନ୍ଦିର ଯୋଗୁଁ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ପୁରୀକୁ ଯେତେ ଦେଶୀୟ ପର୍ଯ୍ୟଟକ ଆସନ୍ତି, ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ବଙ୍ଗାଳି। ଜଗନ୍ନାଥ ଦର୍ଶନ ପାଇଁ ପ୍ରତିଦିନ ରେଳ ଓ ବସ୍ ଯୋଗେ ପର୍ଯ୍ୟଟକମାନେ ପୁରୀକୁ ଛୁଟିଥାନ୍ତି। ସେମାନଙ୍କ ଯୋଗୁଁ ପୁରୀର ହୋଟେଲଗୁଡ଼ିକ ବର୍ଷସାରା ଭରପୂର ଥାଏ। ତେବେ ପଶ୍ଚିମବଙ୍ଗ ସୀମାରେ ଉଦଘାଟିତ ହୋଇଥିବା ଜଗନ୍ନାଥ ମନ୍ଦିର ଏବେ ବହୁ ବଙ୍ଗାଳି ପର୍ଯ୍ୟଟକଙ୍କୁ ସେଠାରେ ଅଟକାଇଦେବ ବୋଲି ପୁରୀ ଶ୍ରୀମନ୍ଦିର ➪ପୃଷ୍ଠା-୬

**ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ବୈଠକ**

## ଜାତିଭିତ୍ତିକ ଜନଗଣନାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୦।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ଆଗାମୀ ଜନଗଣନାରେ ଜାତି ଗଣନାକୁ ସାମିଲ କରିବା ସକାଶେ ଆଗତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି। ଏନେଇ ଆଜି ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଭାରତୀୟ ସମ୍ବିଧାନର ଧାରା ୨୪୬ ଅନୁଯାୟୀ, ଜନଗଣନା ସପ୍ତମ ଅନୁସୂଚୀର କେନ୍ଦ୍ର ତାଲିକାରେ ୬୯ ନମ୍ବରରେ ତାଲିକାଭୁକ୍ତ ଏକ କେନ୍ଦ୍ରଶାସିତ ବିଷୟ। କେତେକ ରାଜ୍ୟ ଜାତିଗଣନା ପାଇଁ ସର୍ଭେ କରିଥିବା ବେଳେ ଏହାର ସ୍ୱଚ୍ଛତା ଓ ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ରହିଛି। କେତେକ ଜନଗଣନା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା ସନ୍ଦେହ କରାଯାଉଛି। ଏହି ସମସ୍ତ ପରିସ୍ଥିତିକୁ ବିଚାରକୁ ନେଇ ଏବଂ ସାମାଜିକ ଢାଞ୍ଚାକୁ ରାଜନୈତିକ ପ୍ରଭାବରୁ ମୁକ୍ତ ରଖିବା ସକାଶେ ଜାତି ଗଣନାକୁ ଏକ ପୃଥକ ସର୍ଭେ ପରିବର୍ତ୍ତେ ମୁଖ୍ୟ ଜନଗଣନାରେ ସାମିଲ୍ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ସମାଜ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ସୁଦୃଢ଼ ହୋଇପାରିବ ଓ ଦେଶର ପ୍ରଗତି ମଧ ବିନାବାଧାରେ ଜାରି ରହିପାରିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ସମୟରେ ସମାଜର କୌଣସି ବର୍ଗରେ ଉତ୍ତେଜନା ସୃଷ୍ଟି ହୋଇନଥିଲା। ସ୍ୱାଧୀନତା ପରଠାରୁ ଅଦ୍ୟାବଧି ହୋଇଥିବା ସମସ୍ତ ଜନଗଣନାରେ ଜାତିକୁ ବାଦ ଦିଆଯାଇଥିଲା। ଗତ ୨୦୧୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଡକ୍ଟର ମନମୋହନ ସିଂହ ଲୋକସଭାରେ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗରେ କ୍ୟାବିନେଟରେ ବିଚାର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହା ଉପରେ ➪ପୃଷ୍ଠା-୬

## ୪ ଓଡ଼ିଆଙ୍କ ସମେତ ୧୪ ଜୀବନ୍ତ ଦଗ୍ଧ



**ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ**

**କୋଲକାତା,୩୦।୪:** କେନ୍ଦ୍ରୀୟ କୋଲକାତାର ମେଛୁଆପଟ୍ଟି ଅଞ୍ଚଳରେ ଥିବା ଏକ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟିବା ଫଳରେ ୧୪ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ସାମିଲ୍ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଥିଲେ ହେଁ ଅନ୍ୟ ଜଣଙ୍କ ➪ପୃଷ୍ଠା-୬

## ଛୁଟି ଘୋଷଣା

ମଇ ଦିବସ ଉପଲକ୍ଷେ ୧ ତାରିଖ (ଗୁରୁବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୩ ତାରିଖ (ଶନିବାର) ପ୍ରକାଶ ପାଇବ।

**ପ୍ରକାଶକ**

# କାମରେ ଆସୁନି ପାଣି ମିଟର



**ଭୁବନେଶ୍ୱର,୩୦।୪:** ରାଜ୍ୟର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ମାର୍ଟ କରିବା ପାଇଁ ଲଗାଯାଇଥିବା ସ୍ମାର୍ଟ ପାଣିମିଟର କାମରେ ଆସୁନି। ପାଣି ମିଟରର ରିଡିଂ ନେବାକୁ କେହି ଆସୁନଥିବା ବେଳେ କେତେକ ସ୍ଥାନରେ ଏହା ଚୋରି ହୋଇଗଲାଣି।

ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ୭୦ ଲକ୍ଷ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବସୁଧା, ଅମୃତ ୨.୦ ଓ ୨୪ଘଣ୍ଟିଆ ଜଳଯୋଗାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୧୧୫ଟି ପୌରସଂସ୍ଥା ମଧ୍ୟରୁ ୧୧ଟି ପୌରାଞ୍ଚଳରେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହେଉଛି। ଅର୍ଥାତ୍ ଲୋକେ ସିଧାସଳଖ ଟ୍ୟାପରୁ ପାଣି ନେଇ ପିଇପାରିବେ। ଏହି ଜଳ ଆକ୍ୱାଗାର୍ଡ ମାନର ବୋଲି କୁହାଯାଉଛି। ତେବେ ୧୧୪ଟି ପୌରସଂସ୍ଥାରେ ଶତପ୍ରତିଶତ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ରାଜଧାନୀରେ ପାନୀୟଜଳ ଯୋଗାଣ ଉପରେ ନଜର ରଖିବା ପାଇଁ ହିତାଧିକାରୀଙ୍କ ଘରେ କର୍ତ୍ତୃପକ୍ଷ ପାଣି ମିଟର ଲଗାଇଥିଲେ। ପ୍ରତି ମାସରେ ଏହାର ଜଳ ବ୍ୟବହାରର ହିସାବ କରିବା ସହ ସେହି ଅନୁଯାୟୀ ଅର୍ଥ ଆଦାୟର ବ୍ୟବସ୍ଥା ହୋଇଥିଲା। ଏଥିସହିତ ଲୋକେ କେଉଁ ମାନର ଜଳ ପାଉଛନ୍ତି ତା'ର ମାନ ପରୀକ୍ଷା ପାଇଁ ମଧ ତାଲିମ ଦିଆଯାଇଥିଲା। ଏହିସବୁ କାର୍ଯ୍ୟ ପାଇଁ ଜଳ ସାଥୀମାନେ ନିଯୁକ୍ତ ହୋଇଥିଲେ। ସହରାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ଓ କିନ୍ନରମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା।

- ହିସାବ ନେବାକୁ କେହି ନାହାଁନ୍ତି
- ପାଣିର ପରୀକ୍ଷା ବି ହେଉନି
- ଅପଚୟ ମାତ୍ରା ବି ଉଦ୍‌ବେଗଜନକ

ତେବେ ଇତି ମଧ୍ୟରେ ଜଳସାଥୀମାନେ କାମରୁ ଅନ୍ତର ହୋଇଛନ୍ତି। ଫଳରେ ପାଣି ମିଟରର ହିସାବ ନେବାକୁ କେହି ଆସୁନାହାନ୍ତି କି ପାଣି ପରୀକ୍ଷା ବି ହେଉନାହିଁ। ଜଳକର ଆଦାୟ ପାଇଁ ବିଭିନ୍ନ ବ୍ୟାଙ୍କ୍ ସହ ରାଜିନାମା ପରେ ଯେଉଁ ପୋସ୍ ➪ପୃଷ୍ଠା-୬

## ପାଣି ଅଫିସ୍‌ରେ ରାଜାବାବୁ



ପାଣି ଅଫିସରେ ରାଜାବାବୁଙ୍କ ରାଜ୍। ବିଜେଡି ସରକାର ଅମଳରୁ ରାଜ୍ କରୁଥିବା ଏହି ରାଜାବାବୁଙ୍କର ଏଭଳି କାରବାର ଦେଖିବା ପରେ ଏବେ ଶ୍ରଦ୍ଧାରେ ତାଙ୍କୁ କିଛି 'ରାଜାନା ପାଣି' ବୋଲି ଡାକିବା ଆରମ୍ଭ କରିଛନ୍ତି। ସମ୍ପ୍ରତି ହେଉଥିବା ଚର୍ଚ୍ଚା ଅନୁସାରେ, ରାଜଧାନୀରେ ଜଳଯୋଗାଣ ପାଇଁ ୱାଟ୍‌କୋର ଏକ ନମ୍ବର ଡିଭିଜନ ଅଫିସରେ ଏହି ରାଜାବାବୁ ଏବେ ରାଜ୍ କରୁଛନ୍ତି। ତାଙ୍କର ରାଜ୍ ଆଜିକାଲିର ନୁହେଁ, କୁଆଡେ ବିଜେଡି ସରକାରର ଅମଳରୁ ସିଏ ଏଭଳି ରାଜ୍ କରୁଛନ୍ତି। ଗାଦିମଡା ରାଜାବାବୁ ବି ବିନା ପଇସାରେ କିଛି କରୁନାହାନ୍ତି। ନିଜେ ଖାଇବା ସହିତ ଉପର ବାବୁଙ୍କୁ ଖୁଆଉଥିବା କହି ବୁଲୁଛନ୍ତି। ରାଜାବାବୁଙ୍କ ଯେଉଁ ଗୁଣକୁ ନେଇ ପାଣି ଅଫିସରେ ଅଧିକ ଚର୍ଚ୍ଚା, ତାହା ହେଉଛି ମଧାହ୍ନ ବିରତି ସମୟରେ ତାଙ୍କର ରାଜକୀୟ ଠାଣି ଆଉ ତାଙ୍କ ସହ କିଛି ମହିଳା କର୍ମଚାରୀ ନିଇତି ଭୋଜନ କରୁଛନ୍ତି। ଖିଆପିଆ ସହିତ ଗପସପର ଆସର ଜମିବାରେ ଲାଗିଛି। ଏ ସଂକ୍ରାନ୍ତରେ କଥା କାନକୁ ଦି' କାନ ହେଲେ ବି ଅନ୍ୟମାନଙ୍କୁ ନିଜର ପ୍ରଜା ବୋଲି ଭାବୁଥିବା ରାଜାବାବୁ ଏହାକୁ ଖାତିର କରୁନାହାନ୍ତି। ତେଣୁ କିଛି ପ୍ରଜା ଏବେ ରାଜାବାବୁଙ୍କର ଏଭଳି ରାଜ୍ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଜଣାଇବା ସହିତ ତାଙ୍କ ଘରଣୀଙ୍କ କାନରେ କଥାଟା ପକାଇବାକୁ ମନ୍ତ୍ରଣା ଚଳାଇଥିବା ଜଣାପଡିଛି। ତେବେ ରାଜାନା ପାଣି ଯେଭଳି ଲୁଚି ଲୁଚି ପାଣି ପିଉଛନ୍ତି, ତାହା ଆଉ ବେଶିଦିନ ନୁହେଁ ବୋଲି ତାଙ୍କର କିଛି ପ୍ରଜା ମାର୍କା କର୍ମଚାରୀ କହୁଥିବା ବେଳେ ରାଜାବାବୁ କିନ୍ତୁ ଗାନ୍ଧିମୁଣ୍ଡ ମାୟାରେ ଏଭଳି ବାୟା ହୋଇଛନ୍ତି ଯେ ତାଙ୍କୁ କାହାରି କଥା ଶୁଣାଯାଉନାହିଁ କି ଅନ୍ୟ କୌଣସି ଜିନିଷ ଦେଖା ବି ଯାଉନାହିଁ।

# ଅକ୍ଷିମୁଠି ଅନୁକୂଳ କଲେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା



**ଆଳି,୩।୪(ସଂଚାର ବ୍ୟୁରୋ):** ସମଗ୍ର ଓଡ଼ିଶାରେ କୃଷକ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ କରୁଥିବା ବେଳେ ଆଳି ବ୍ଲକ ପତ୍ରପୁର ପଞ୍ଚାୟତ ରେ ନାକି ମଙ୍ଗଳା ମନ୍ଦିର ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷକ ମାନଙ୍କ କୃଷି ଅନୁକୂଳ କୃଷକ ମାନଙ୍କ ସମାବେଶରେ ବିଜେପି ଜିଲ୍ଲା ଉପସଭାପତି ତଥା ଆଳି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ଅକ୍ଷିମୁଠି ଅନୁକୂଳ କରିଥିଲେ । କଥାରେ ରହିଛି ଚାଷ ଅଛି ଯାହାର କେତେ ଖୁସି ତାହାର। କୃଷି ଉନ୍ନତି ହେଲେ ଦେଶର ଉନ୍ନତି ହେବ ଏହି ପରିପ୍ରେକ୍ଷିରେ ସରକାରଙ୍କ କୃଷି ନିମିତ୍ତ ପ୍ରଗତିର ଯୋଜନା ଉପରେ ଆଲୋକପାତ କରିଥିଲେ ଶ୍ରୀ ପଣ୍ଡା । ଏହି ମହାନ ପର୍ବରେ କ୍ଷେତକୁ ଯାଇ ପ୍ରତ୍ୟେକ ଚାଷୀ ଚାଷ ଅନୁକୂଳ କରୁଥିବା ବେଳେ ଗୋଟେଇ ରେ ଧାନ ବିହନ ସହିତ କ୍ଷେତରେ ପୂଜାର୍ଚ୍ଚନା କରିବା ପରେ ବିହନ ବୁଣିଥିଲେ ଶ୍ରୀ ପଣ୍ଡା। ଏହି ପର୍ବରେ ଯୋଗ ଦେଇଥିବା ନାକି ମଙ୍ଗଳା କୃଷକ ସଭାପତି ସୋମନାଥ ସାହୁ, ବିଜେପିର ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ଅନନ୍ତ ରାଉ, ବିଜେପି କୃଷକ ସମ୍ପାଦକ ପ୍ରକାଶ ମିଶ୍ର,ପତ୍ରପୁର ସରପଞ୍ଚ କାନନ ବିହାରୀ ପରିଡା,ପ୍ରମୁଖ ଦଳୀୟ କର୍ମୀ କୃଷକସାଥି ଗଣ ଯୋଗ ଦେଇ ଥିଲେ।

# ଅଖିମୁଠି ବୁଣାହେବା ସହ ହଳ ଲଙ୍ଗଳରେ ମାଧ୍ୟମ ଚାଷ ଅନୁକୂଳ



**ଡେରାବିଶ,୩।୪(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଲକ୍ଷ୍ମୀନାରାୟଣ ପୁର ପଂଚାୟତ, ବଳଭଦ୍ରପୁର ଗ୍ରାମରେ କୃଷି ଭିତିକ ପର୍ବକୁ ୧୨ନମ୍ବର ଜୋନ ଛଟା ମଣ୍ଡଳ ରେ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ସୁରଥ ସେଠି, ଜିଲ୍ଲା ସମ୍ପାଦିକା ମନୀଷା ପଣ୍ଡା, ମଣ୍ଡଳ ସମ୍ପାଦକ ଶ୍ରୀନିବାସ ମିଶ୍ର, ପ୍ରମୋଦ ଭଦ୍ର, ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ବେହେରା, ପ୍ରଭାସ ଚନ୍ଦ୍ର ସାହୁ, ଶକ୍ତି କେନ୍ଦ୍ର ପ୍ରମୁଖ ବିନୋଦ ଭୂୟାଁ, ସହ ପ୍ରମୁଖ ବିନୋଦ ସିଂହ, ପ୍ରଭାସ ପ୍ରଧାନ, ଅଜୟ ପ୍ରଧାନ, ଶୈଳେନ୍ଦ୍ର ପଣ୍ଡା ସୁଦର୍ଶନ ସାହୁ, ଡମ୍ବରୁ ଧର ଘଡେଇ, ବସନ୍ତ କୁମାର ପଲେଇ ଅକ୍ଷୟ ସାମଲ, ଭାମ ସେନ ମଲ୍ଲିକ, ଭୈରବାନନ୍ଦ ନାୟକ, ଉପସ୍ଥିତି ରେ ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପରିଡାଙ୍କ ସଭାପତିତ୍ୱରେ ଅଖିମୁଠି ବୁଣା ହେବା ସହ ହଳ ଲଙ୍ଗଳ ମାଧ୍ୟମରେ ଚାଷ ଅନୁକୂଳ ହୋଇଥିଲା, ବିଜେପି କୃଷକ ମୋର୍ଚ୍ଚା ପାଟକୁରା ନିର୍ବାଚନ ମଣ୍ଡଳୀ ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

# ବ୍ରାହ୍ମଣୀ କଲେଜରେ ରକ୍ତଦାନ ଶିବିର



**ପଟ୍ଟାମୁଣ୍ଡାଇ,୩।୪(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଞ୍ଛିସାହି ବ୍ରାହ୍ମଣୀ କଲେଜ ଜାତୀୟ ସେବା ସଂସ୍ଥା ଓ ରେଡକ୍ରସ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏହି ଶିବିରକୁ କଲେଜ ଅଧକ୍ଷ ଡ଼ ଗୌରୀ କୁମାର ସାମଲ ଉଦଘାଟନ କରିଥିଲେ ଓ ଜାତୀୟ ସେବା ସଂସ୍ଥା ସଂଯୋଜକ ଅଧ୍ୟାପକ ନଟବର ସୂତାର ଓ ରେଡକ୍ରସ ସଂଯୋଜକ ଅଧ୍ୟାପକ ସୁରେନ୍ଦ୍ର କୁମାର ବେଉରିଆଙ୍କ ସଂଯୋଜନାରେ ଆୟୋଜିତ ରକ୍ତଦାନ ଶିବିରରେ ଡ଼ ମନୋରଞ୍ଜନ ସାହୁ, ଅଧ୍ୟାପକ ଶିବ ଚରଣ ଦାସ, ଅଧ୍ୟାପକ ଅମୀୟ ରଞ୍ଜନ ଦାସ ଅଧ୍ୟାପକ ସୁଧାଂଶୁ ସାମଲ, ଅଧ୍ୟାପକ ସତ୍ୟଜିତ ବେହେରା ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଓ ଶେଷରେ ଅଧ୍ୟାପକ ନଟବର ସୂତାର ଧନ୍ୟବାଦ ଦେଇଥିଲେ ।

# ବିଜେପି ପକ୍ଷରୁ ୱାକଫ୍ ସୁଧାର ଜନ ଜାଗରଣ କର୍ମଶାଳା

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲା ବିଜେପି ପକ୍ଷରୁ ୱାକଫ୍ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କର୍ମଶାଳାରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୱାକଫ୍ ସଂଶୋଧନ ବିଲ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉପସଭାପତି ସଞ୍ଜୟ ରଥ ଯୋଗଦେଇ ୱାକଫ୍ ବୋର୍ଡ଼ର ସଂଶୋଧନ ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜନଜାଗରଣ ଅଭିଯାନ କର୍ମଶାଳାରେ ନାରାଜେନ୍ଦ୍ର ଗୋଚ୍ଛାୟତ ସେଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ନନ୍ଦ, ମନିଷା ପଣ୍ଡା, ଅମିତାଭ ସୁଆର, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶୋଭନ ଆଚାର୍ଯ୍ୟ, ବିଚିତ୍ର ପ୍ରଧାନ, ସୁରଥ ସେଠିଙ୍କ ସହିତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଜନଗର,୩।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଡି ପଂଚାୟତ ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବ୍ୟସିଂହ ପଢ଼ିହାରୀଙ୍କ ସେବା ନିବୃତ୍ତ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ କଲ୍ୟାଣ ପରିଷଦ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଏଡିଓ ଶିବ ପ୍ରସାଦ ବେହେରା, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ସରପଞ୍ଚ ସସ୍ମିତା ମହାନ୍ତି,



ମେଜର ଗଗନ ବିହାରୀ ସ୍ୱାଇଁ, ସିଆରସିସି ବୈକୋଳିଆ ଦାସ, ଶ୍ୟାମ ସୁନ୍ଦର ନାଥ, ପୂର୍ବତନ ସରପଞ୍ଚ ରଂଜନ କୁମାର ମହାନ୍ତି, ଜୁନାର ସ୍ୱାଇଁ, ସୁଧାଂଶୁ ବାଲା ଦାସ, ଅନ୍ତର୍ଯ୍ୟାମୀ ମହାନ୍ତି ପ୍ରମୁଖ ସଂମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟ ପ୍ରଧାନ ଶିକ୍ଷକ ଶ୍ରୀ ପଢ଼ିହାରୀଙ୍କ ଅତିଥିମାନେ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧନା କରିବା ସହ ତାଙ୍କ ୩ ଦଶନ୍ଧି ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରି ଜଣେ କର୍ତ୍ତବ୍ୟ ନିଷ୍ଠ ଛାତ୍ର ବସ୍ତଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାଜା ବାଣ ଫୁଟାଇ ପ୍ରଧାନ ଶିକ୍ଷକ ଶ୍ରୀ ପଢ଼ିହାରୀଙ୍କୁ ସୁଭାୟାତ୍ରାରେ ତାଙ୍କ ଗାଁ କୁ ନେବା ସମୟରେ ଏକ ଆବେଗପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପରିଚାଳନା କରିଥିଲେ।

# ଭାଙ୍ଗି ରୁଜି ଗଲାଣି ସୁରକ୍ଷା ବାଡ଼

**୧ କୁମ୍ଭୀର ଭୟରେ ନଦୀକୁ ଯାଉନାହାଁନ୍ତି ଗ୍ରାମବାସୀ ୨ ବନ ବିଭାଗର ଦୃଷ୍ଟି ପଡୁନି**

**ମହାକାଳପଡ଼ା,୩।୪(ସଂଚାର ବ୍ୟୁରୋ):** କୁମ୍ଭୀରଙ୍କ କବଳରୁ ରକ୍ଷା ପାଇବା ତିଆରି ହୋଇଥିବା ତାର ଜାଲି ବାଡ଼ ଭାଙ୍ଗି ଗଲାଣି। ଖୁଣ୍ଟ ଅଛି ହେଲେ ସୁରକ୍ଷା ଦେବାକୁ ଥିବା ତାର ଜାଲି ନଷ୍ଟ ହୋଇ ଯାଇଛି। ଯେଉଁଥିପାଇଁ ଲୋକେ ଏବେ କୁମ୍ଭୀର ଭୟରେ ନଦୀକୁ ଯିବାକୁ ସାହାସ କରୁନାହାଁନ୍ତି। ବିପର୍ଯ୍ୟସ୍ତ ତାରବାଡ ଲୋକଙ୍କ ମନରେ ଏବେ ଆଶଙ୍କା ସୃଷ୍ଟି କରିଛି। ନଦୀରେ ପାଦ ରଖିବାକୁ ଭୟ କରୁଛନ୍ତି ଲୋକେ। ଦିନ ଥିଲା ସାଧାରଣ ବ୍ୟବହାର କାର୍ଯ୍ୟ ପାଇଁ ଏ ନଦୀ ଉପରେ ସମସ୍ତେ ନିର୍ଭର କରୁଥିଲେ, ହେଲେ କୁମ୍ଭୀରମାନଙ୍କ ପ୍ରାଦୁର୍ଭାବ ବଢ଼ିବା ପରେ ଲୋକ ନଦୀରେ ପାଦ ରଖିବାକୁ ଭୟ କରୁଛନ୍ତି। କୁମ୍ଭୀରକୁ ଦେଖି ଭୟଭୀତ ଅବସ୍ଥାରେ ଗ୍ରାମବାସୀ। ଲୋକମାନଙ୍କ ସୁରକ୍ଷିତ ବ୍ୟବହାର ନିମନ୍ତେ ବନବିଭାଗ ତରଫରୁ ଯେଉଁ ତାରବାଡର ବ୍ୟବସ୍ଥା କରାଯାଇଥିଲା ତାହା ଏବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ତାରଜାଲି ଉଭାନ ହୋଇଯାଇଛି, କେବଳ ସିମେଣ୍ଟ ଖୁଣ୍ଟ କେତୋଟି ଅସ୍ତିତ୍ୱ ହରାଇଲା ଭଳି ପଡ଼ି ରହିଛି। ଯାହା ଫଳରେ ଏବେ ନଦୀ ତୁଠକୁ ଯିବାକୁ ଲୋକଙ୍କ ଭୟ ବଢ଼ିଛି। ମହାକାଳପଡ଼ା ବ୍ଲକ ମହାକାଳପଡ଼ା ପଞ୍ଚାୟତର ଜାଲକଣା ଗ୍ରାମରେ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ଏବେ ନଷ୍ଟ ହୋଇଯାଇଛି। ଯାହାର ମରାମତି କରିବା ନିହାତି ଆବଶ୍ୟକ। ପୂର୍ବରୁ ଲୋକମାନେ କୁମ୍ଭୀର ଆକ୍ରମଣର ଶିକାର ହୋଇ ସାରିଛନ୍ତି। ଏବେ ମଧ୍ୟ ନଦୀରେ କୁମ୍ଭୀର ଦେଖି ଲୋକେ ଭୟଭୀତ। କେତେବେଳେ କିଏଯେ କୁମ୍ଭୀର ଆକ୍ରମଣର ଶିକାର ନହେବ ସେକଥା କିଏ କହିବ? ତୁରନ୍ତ ଧନ ଜୀବନ ସୁରକ୍ଷିତ ରଖିବା ପାଇଁ ବନବିଭାଗ ତରଫରୁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଯାଇଥିବା ସୁରକ୍ଷା ବାଡ଼ କୁ ମରାମତି କରାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ବିପୁଳ ପରିମାଣରେ ଚୋରା ମଦ ଜବତ,୪ କୋର୍ଟ ଚାଲାଣ

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ କୁଦାନଗରୀ, ପଟ୍ଟାମୁଣ୍ଡାଇ ରୁରାଲ, ଟାଉନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ତିରିନିଅ ଗ୍ରାମର ଅକ୍ଷୟ ମଳିକଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଂସାର ଗ୍ରାମର ଝୁମର ନାୟକଙ୍କ ଠାରୁ ୨୭ ଲିଟର ଦେଶୀ ମଦ, କଖାରୁନି ଗ୍ରାମର ସୁରେଶ ମଳିକଙ୍କ ଠାରୁ ୪୦ ଲିଟର ଦେଶ ମଦ, ସାନମୂଳବସନ୍ତ ଗ୍ରାମର ଅଚୁତ ସେଠିଙ୍କ ଠାରୁ ୩୯ ଲିଟର ଦେଶୀ ମଦ ଏବଂ ଲୋକନାଥପୁର ଗ୍ରାମର ବଳରାମ ସେଠିଙ୍କ ଠାରୁ ୪୮ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୯୧ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।



# ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି ସଂଘର ସାଧାରଣ ସଭା ପୌରାଂଚଳ ଅନ୍ତର୍ଗତ ମାଧପୁର ଠାରେ ଜିଲ୍ଲା ସଭାପତି ବୈରାଗୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କର୍ମଚାରୀ ମହାମଂଚ ଓଡିଶା ରାଜ୍ୟ ସଭାପତି ଗୋଲଖ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେପିର ବରିଷ୍ଠ ନେତା ତେଜେଶ୍ୱର ପରିଡା, ଡିଆରସିଏସ୍ ସନ୍ତୋଷ କୁମାର ଦାସ, ସିସିସିବି ର ସଂପାଦକ ଅନନ୍ତ ସାମଲ, ଦିଗାମ୍ବର ନାୟକ, ନିତ୍ୟାନନ୍ଦ ଦାସ, ଅନନ୍ତ ସାମଲ, ଘନଶ୍ୟାମ ଜେନା, ଲିଟନ କୁମାର ଦାସ, ବିଶ୍ୱନାଥ ମହାରଣା, ଯୋଗେନ୍ଦ୍ର ବିଶ୍ୱାଳ, ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଜିଲ୍ଲା ସଂଘ ତରଫରୁ ଦୀର୍ଘଦିନ ଧରି ହୋଇ ଆସୁଥିବା ଦାବି ଗୁଡିକୁ ମୁଖ୍ୟତଃ ସମସ୍ତ କର୍ମଚାରୀ ମାନଙ୍କର ମାସିକ ଦରମା ରାଜ୍ୟ ସରକାର ଭରଣା କରିବା ନିମନ୍ତେ ତଥା ସମିତିର ସମସ୍ତ କର୍ମଚାରୀ ମାନଙ୍କୁ ରାଜ୍ୟ ସରକାରଙ୍କ କର୍ମାରୀ ମାନ୍ୟତା ଦେବା ସଂପର୍କରେ ଆଲୋଚନା କରିବା ସହିତ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏଥି ସହିତ ରାଜ୍ୟ ସରକାରଙ୍କର କୃଷକ ମାନଙ୍କ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ସଂପର୍କରେ ପ୍ରକାଶ କରିଥିଲେ। ରାଜ୍ୟ ସରକାର କୃଷକ ମାନଙ୍କର ଉନ୍ନତି ଓ ଚାଷ ପାଇଁ ବିଭିନ୍ନ ଆଧୁନିକ ଯୋଜନା ପ୍ରସ୍ତୁତ କରିବା ସହିତ ମହିଳା ଚାଷୀ ମାନଙ୍କୁ ସୁଭଦ୍ରା ଯୋଜନା ରେ ସହାୟତା ପ୍ରଦାନ କରିବା ସଂପର୍କରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ କୃଷି ସମବାୟ ସମିତିର ସଂପାଦକ, ସହ ସଂପାଦକ, ଡାଟାଏଣ୍ଟ୍ରି ଅପରେଟର ପ୍ରମୁଖ ଉପସ୍ଥିତ ଥିଲେ।




# ବିଜେଡ଼ି ପକ୍ଷରୁ କୋରୋ ପଞ୍ଚାୟତରେ ପବିତ୍ର ଅକ୍ଷୟ ତୃତୀୟା ପାଳିତ

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଜୁ ଜନତା ଦଳ ତରଫରୁ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ କେନ୍ଦ୍ରାପଡା ବ୍ଲକ କୋରୋ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଧାୟକ ଗଣେଶ୍ୱର ବେହେରା ପୌରହିତ୍ୟ କରି ପବିତ୍ର କୃଷି ପର୍ବ ଅକ୍ଷୟ ତୃତୀୟାର ତାତ୍ପର୍ଯ୍ୟ ବିଷୟରେ କହିଲେ ଯେ ଏହି ଦିନ ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା। ଏହିଦିନ ଦ୍ୱାରକାଧିପତି ଶ୍ରୀକୃଷ୍ଣ ଦରିଦ୍ର ସୁଦାମାଙ୍କୁ ଧନ ସମ୍ପି ଦାନ କରି ଦରିଦ୍ର ମୁକ୍ତ କରିଥିଲେ। ଏହିଦିନ ବେଦବ୍ୟାସ ମହାଭାରତ କାବ୍ୟର ଶ୍ରୁତିଲିଖନ ଶ୍ରୀ ଗଣେଶଙ୍କୁ ଡାକି ଶୁଭାରମ୍ଭ କରିଥିଲେ। ସେ ସମସ୍ତ ରାଜ୍ୟ ତଥା କେନ୍ଦ୍ରାପଡାବାସୀ ବିଶେଷ କରି ଚାଷୀବୃନ୍ଦର ସୁଖ ସମୃଦ୍ଧି ଅକ୍ଷୟ ରଖିବାକୁ ମା' ଲକ୍ଷ୍ମୀଙ୍କୁ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ବ୍ଲକ ସଭାପତି ଆଲୋକ ସାହୁ, ନଗର ସଭାପତି ଜଜାତି ମହାନ୍ତି, ସରପ ଦୀପାଞ୍ଜଳି ଜେନା, ରଞ୍ଜିତ ଜେନା, ଅକ୍ଷୟ ପାତ୍ର, ଅଶୋକ ବରାଳ, ଶରତ ସାମଲ, ଲକ୍ଷ୍ମୀଧର ପଲାଇ, ପ୍ରମୋଦ ଲେଙ୍କା, ମୋହନୀ ଚରଣ ଆଚାର୍ଯ୍ୟ, ତନ୍ମୟ ପରିଡା, ଅର୍ଜୁନ ପଲାଇ, ବସନ୍ତ ନାୟକ, ରମେଶ ମଳିକ, ଉଦୟ ମଳିକ, ପ୍ରଶାନ୍ତ ପ୍ରଧାନ, ଶରତ ଭଳ, ଅକ୍ଷୟ ପରିଡା, କଳାକାର ମଳିକ, ଉଦକର ମଳିକ, ସୁନାକର ବିଶ୍ୱାଳ, ପ୍ରସାଦ ଜେନା, ଭାବଗ୍ରାହୀ ବରାଳ, ପୁରସ୍ତମ ପରିଡା, ଅଭିମନ୍ୟୁ ପରିଡା, ନରୋମ ମଳିକ, ରାଜନ ଥାଟୋଇ, ପ୍ରକାଶ ଦାସ, ସମ୍ବିତ ଶ୍ରୀଚନ୍ଦନ, ପ୍ରଭାତ ଉଡାଣ ସିଂ, ଦେବାଶୀଷ ବରାଳ, ପ୍ରଶାନ୍ତ ବରାଳ, ଅନୁସୂୟା ନାୟକ, ଜଗନ୍ନାଥ ନାୟକ, ଦେବବ୍ରତ ବରାଳ, ହରିପଦ ବେହେରା, ବାବାଜୀ ମଳିକ, ଯଦୁନାଥ ରାଉତ, କୃଷ୍ଣ ମଲ୍ଲିକ, ହରି ସିଂ, ବସନ୍ତ ମଳିକ, ବସନ୍ତ ରାଉତ, ବାବୁଲି ମଳିକ, ରବି ସେଠୀ, ରୋହିତ ମଳିକ, ଦୈତାରୀ ସାହୁ, ହରି ସାହୁ, ଧନେଶ୍ୱର ପାତ୍ର, କୃତିବାସ ସ୍ୱାଇଁ, ସୌରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ତୁଳସୀକ୍ଷେତ୍ରରେ ଅକ୍ଷୟ ତୃତୀୟା ଚନ୍ଦନ ଯାତ୍ରା ଆରମ୍ଭ

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରରେ ଅକ୍ଷୟ ତୃତୀୟା ୨୧ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ଘୋଷ ଯାତ୍ରା ପାଇଁ ରଥ ଅନୁକୂଳ ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥି ଥିବାରୁ ତୁଳସୀ କ୍ଷେତ୍ର ରେ ଭିଡ଼ ଲାଗି ରହିଥିଲା ପବିତ୍ର ଦିନ ଥିବାରୁ ଭକ୍ତ ମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ଆଜ୍ଞା ମାଳ ପ୍ରସାଦ ପୃବକ ଗୃହ ମାଙ୍ଗଳିକ କାର୍ଯ୍ୟ ଶୁଭ ଦିନ ଥିବାରୁ ସମସ୍ତ କାର୍ଯ୍ୟ କରିଥାନ୍ତି ଆଜି ପ୍ରତୁଶ ରୁ ଦ୍ୱାର ଉନ୍ମୁକ୍ତ କରାଯାଇ ଜୟ ମଙ୍ଗଳା ଆଳତି ପରେ ନୀତି ସ୍ନାନ ସୂର୍ଯ୍ୟ ଚନ୍ଦ୍ର ଦ୍ୱାରପାଳ ପୂଜା ଗୋପାଳ ବଲ୍ଲଭ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ପରେ ପୂଜା ପଣ୍ଡା ମାନ ଙ୍କ ଦ୍ୱାରା ବସ୍ତ୍ର ଓଲାଗି କରାଯାଇ ନୂତନ ଶୁକ୍ଳ ଧୋତି ଚାଦର ପଞ୍ଚ ଲହରୀକୁ ଶ୍ରୀ ଜୀଉ ପରିଧାନ କରିଥିଲେ। ଆଜି ଠାରୁ ପାଟ ମଉଳି ପରିତ୍ୟାଗ କରିଆନ୍ତି ପରେ ଘଟ ସ୍ଥାପନ ମଙ୍ଗଳାର୍ପଣ କରାଯାଇ ପଣା ପଖାଳ ଭୋଗ କରାଯାଇଥିଲା। ଭୋଗ ସମ୍ପନ୍ନ ପରେ ରଥ ଯାତ୍ରା ପାଇଁ ରଥ ଅନୁକୂଳ କରାଯାଇଥିଲା ପୂଜା ପଣ୍ଡା ସେବକ ଦ୍ୱାରା ଆଜ୍ଞା ମାଳ ସିରିପା ମହାରଣା କମାର ସେବକଙ୍କ ମସ୍ତକ ରେ ବନ୍ଧା ଯାଇ ଅନୁକୂଳ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଯାତ୍ରା କରିଥିଲେ ଚନ୍ଦନ ପୁଷ୍କରିଣୀକୁ ନନ୍ଦା ଭଦ୍ରା ର ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ ପୁଷ୍କରିଣୀ ମନ୍ଦିର ଚତ୍ତୁ ପାର୍ଶ୍ୱ ଭ୍ରମଣ ପରେ ସବାସିତ ପୁଷ୍ପ ଅଗୁରୁ କୁଣ୍ଡ ଜଳରେ ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ସ୍ନାନ କରି ଥାଆନ୍ତି। ଯାତ୍ରାର ଲୋକ କଥା ଅନୁସାରେ ଅତ୍ୟଧିକ ଗ୍ରୀଷ୍ମରୁ ରକ୍ଷା ପାଇଁ ପ୍ରଭୁ ଯାତ୍ରା କରିଥାନ୍ତି ରାତ୍ର ପର୍ଯ୍ୟନ୍ତ ସ୍ନାନ ନୀତି ଚାଲିଥାଏ ପରେ କେଳି କାକରା ଡାଳିମ୍ବ ପଣା ଭୋଗପରେ ବିଶ୍ରାମ ଟୁଙ୍ଗି ରେ ବିଶ୍ରାମ ନିଅନ୍ତି। ବିଶ୍ରାମ ପରେ ମନ୍ଦିରକୁ ବାହୁଡ଼ି ଥାଆନ୍ତି ବଡ ସିଂହାର ପୁଷ୍ପାଞ୍ଜଳି ହୋଇ ରାତ୍ର ଏଗାର ଟା ବେଳ କୁ ପହୁଡ଼ ପଡ଼ିଥିବା କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।



# ପବିତ୍ର ଅକ୍ଷୟ ତୃତୀୟାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ

**କେନ୍ଦ୍ରାପଡା,୩।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ପାଳନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ପରିସର ରେ ଅଖି ମୁଠି ପୂଜା କରାଯାଇ ଧାନଚାଷ ଅନୁକୂଳ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଳିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ମୃତିକା ସଂରକ୍ଷଣ ର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ, ସିଡିଭିଓ ପ୍ରଭଞ୍ଜନ ରଂଜନ କବି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପବିତ୍ର ଅକ୍ଷୟ ତୃତିଆରେ କୃଷକ ମାନଙ୍କ ପାଇଁ ଭର୍ଚୁଆଲ ମାଧ୍ୟମରେ ସିଧା ପ୍ରସାରଣ କରାଯାଇ ଥିଲା। ଏଥି ସହିତ କୃଷକ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

# ବିଲରେ ଅଖିମୁଠି ଅନୁକୂଳ ସହ ହଳ କଲେ ବିଧାୟକ



**ରାଜନଗର,୩।୪(ସଂଚାର ବ୍ୟୁରୋ):** ଓଡିଆ ମାନଙ୍କ ଅସ୍ମିତାର ପ୍ରତୀକ କୃଷିଭିତିକ ପର୍ବ ପବିତ୍ର ଅକ୍ଷୟତୃତୀୟା ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ ଅଖିମୁଠି ଅନୁକୂଳ କରିବା ସହ ହଳ କରିଛନ୍ତି। ଚାଷୀଘରର ପୁଅ ବିଧାୟକ ହୋଇଥିବା ଧ୍ରୁବ ଆଜି ସକାଳେ ଅଖିମୁଠି ଅନୁକୂଳ କରିବା ଦେଖିବାକୁ ମିଳିଛି। ଆଜି ପବିତ୍ର ଅକ୍ଷୟତୃତୀୟା ଅବସରରେ ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁ ସକାଳେ ଓସ୍ତିଆ ପଂଚାୟତ ନଗଡ଼ରେ ଅଖିମୁଠି ଅନୁକୂଳ କରିବାକୁ ବିଲକୁ ବାହାରିଥିଲେ। କୃଷକ ବେଶରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ବିଲରେ ପହଁଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଧାନ ବିହନ ପୂଜାର୍ଚ୍ଚନା କରିବା ପରେ ବଳଦ ମାଧ୍ୟମରେ ବିଲରେ ହଳ କରିଥିଲେ। ଏହାପରେ ବିଲରେ ଧାନ ବୁଣିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ସହିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଆତ୍ମା ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ସରପଞ୍ଚ ବୈଦେହି ଦାସ, ନ୍ୟାବ ସରପଞ୍ଚ ସର୍ବେଶ୍ୱର ନାୟକ, ବରିଷ୍ଠ ନେତା ବିଜଯ ନାୟକ, ପତିତପାବନ ପଣ୍ଡା, କଟକ କେନ୍ଦ୍ର ସମବାଯ ବ୍ୟାଙ୍କ ନିର୍ଦେଶକ ଅରୁଣ କୁମାର ସାହୁ, ମନୋଜ ସ୍ୱାଇଁ, ପୃଥୀରାଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

**ବାରିପଦା,୩।୪(ସଂଚାର ବ୍ୟୁରୋ):** ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତୀର୍କୀ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ତିରିଂ ଥାନା ଅନ୍ତର୍ଗତ ଇନ୍ଦଖୁଳି ଗ୍ରାମରେ ଚଢ଼ାଉ କରାଯାଇ ୫୨.୫୦୦ ଲିଟର ନକଲି ବିଦେଶୀ ମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ପଶ୍ଚିମ ସିଂଘଭୂମ ଜିଲ୍ଲା ମଞ୍ଜରୀ ଥାନା ଅନ୍ତର୍ଗତ ରୋଲାଡି ଗ୍ରାମର ସଞ୍ଜୟ କୁମାର ବାରି ଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ, କନେଷ୍ଟବଳ ବିପ୍ଳବ କୁମାର ମଲ୍ଲିକ, ଦିଲ୍ଲୀପ ଜେନା, ତମନ ପରିଡ଼ା, ବୁଦ୍ଧଦେବ ମହନ୍ତ, ସୁରେନ୍ଦ୍ର ସୋରେନ, ଫୁଲମଣୀ ହାଁସଦା ପ୍ରଭୃତି ସାମିଲ ଥିଲେ । ଏନେଇ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ କେସ ନଂ: ୦୭/୨୦୨୫-୨୬ ମୂଳେ ମାମଲା ରୁଜ୍ଜୁ କରାଯାଇଛି ।

# ଦେଶର ଏକମାତ୍ର କୃଷକ ମନ୍ଦିରରେ ଅକ୍ଷୟ ତୃତୀୟା ପାଳିତ

**● ୨୦ଜଣଙ୍କୁ କୃଷକ ଗୌରବ ସମ୍ମାନିତ**

**ମାହାଙ୍ଗା,୩।୪(ସଂଚାର ବ୍ୟୁରୋ):** ଆଜି ହେଉଛି ପବିତ୍ର ଅକ୍ଷୟ ତୃତୀୟା।ସାରା ରାଜ୍ୟରେ ଚାଷୀଭାଇମାନେ ହର୍ଷ ଉଲ୍ଲାସରେ ବିଲକୁ ଅଖିମୁଠି ନେଇ ରାଜ୍ୟ ଦେଶର କୋଣ ଅନୁକୋଣର ବ୍ୟକ୍ତି ବିଶେଷ ମାନଙ୍କ ମୁହଁରେ ଆହାର ଦେବା ପାଇଁ ଫସଲ ଅନୁକୂଳ କରିଥାନ୍ତି ଯାହାଫଳରେ କୃଷକ ଭାଇମାନଙ୍କ ଉପରେ କୀଟ, ପତଙ୍ଗ, ପଶୁପକ୍ଷୀଙ୍କ ଠାରୁ ଆରମ୍ଭ କରି ବହୁ ଧନୀକ ଶ୍ରେଣୀର ବ୍ୟକ୍ତିମାନେ ନିର୍ଭର କରିଥାନ୍ତି। ଯଦି କୃଷକ ନଥାନ୍ତେ, ତେବେ କୌଣସି ଜୀବଜନ୍ତୁ ଓ ମନୁଷ୍ୟ ଖାଇବାକୁ ନପାଇ ଛଟପଟ ହୋଇ ମରି ଯାଇଥାନ୍ତେ। ସେଥିପାଇଁ କୁହାଯାଇଛି ଚାଷ ଅଛି ଯାହାର କେତେ ଶୁଖ ତାହାର। କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଗୋକନ ମଣିଜୋରିଠାରେ ଦେଶର ପ୍ରଥମ କୃଷକ ମନ୍ଦିରର ପ୍ରତିଷ୍ଠାତା ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ୨୦ଜଣ ସାମ୍ବାଦିକଙ୍କୁ କୃଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କଟକ ଜିଲ୍ଲାର ୩୦ଜଣ ଭଲ ମୁଗଚାଷୀ, ବିରିଚାଷୀ, କୋଳଥ ଚାଷୀ, ମାଣ୍ଡିଆ ଚାଷୀ, ଧାନଚାଷୀଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଓ ମାନପତ୍ର ସହ କୃଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ମନ୍ଦିରର ଉଦ୍‌ଘାଟକ କୈଳାସ ମିଶ୍ର, ଯୁବ ସମାଜସେବୀ ବାପୁ ଓଝା, ଯୁବ ଚାଷୀମାନେ ଯୋଗଦେଇ ଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ ଚାଷପ୍ରତି ଧ୍ୟାନ ଦେବେ, ସେ ନେଇ ମତପ୍ରକାଶ କରିଥିଲେ।



# ବିଜେପିର ଦାବି: କ୍ଷମା ମାଗନ୍ତୁ ଭକ୍ତ



ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ପହଲଗାମରେ ହୋଇଥିବା ଇସ୍‌ଲାମୀ ଆତଙ୍କବାଦୀ ଆକ୍ରମଣକୁ ନେଇ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ବୟାନ ଅତ୍ୟନ୍ତ ନିନ୍ଦନୀୟ। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। କେନ୍ଦ୍ର ସରକାର ନାଟକ କରୁଛନ୍ତି ଏବଂ ଦୁଇଟି ରାଜ୍ୟରେ ଆଗାମୀ ଦିନରେ ନିର୍ବାଚନ ହେବାକୁ ଯାଉଥିବାରୁ ଆତଙ୍କବାଦୀ

**କଳାହାଣ୍ଡିର ବିକାଶ ପାଇଁ କ'ଣ କରିଛନ୍ତି, ହିସାବ ଦିଅନ୍ତୁ**

ଆକ୍ରମଣ କରାଗଲା ବୋଲି ଭକ୍ତ ଦାସ କହିଛନ୍ତି। ଏହା ଦର୍ଶାଉଛି ଯେ, ସେ ଆତଙ୍କବାଦୀମାନଙ୍କୁ ବଂଚାଇବା ଓ ସେମାନଙ୍କୁ ଦୋଷ ମୁକ୍ତ କରିବା ପାଇଁ ଚାହୁଁଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ସାରା ବିଶ୍ୱ ଜାଣିଛି ଯେ, ପାକିସ୍ତାନ ହେଉଛି ଆତଙ୍କବାଦର କେନ୍ଦ୍ର ଓ ପହଲଗାମରେ ଇସ୍‌ଲାମୀ ଆତଙ୍କବାଦୀମାନେ ଧର୍ମ ପଚାରି ଓ କଲମା ପଢ଼ିବାକୁ କହି ନିରୀହ ଲୋକଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। କେବଳ ଭକ୍ତ ଦାସ ଓ କଂଗ୍ରେସର କେତେଜଣ ନେତାଙ୍କୁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଓ ସେମାନଙ୍କର ବର୍ବରତା ଦେଖାଯାଉ ନାହିଁ। କଂଗ୍ରେସ ଦଳର କିଛି ନେତା ଓ ଭକ୍ତ ଦାସ ଯେଉଁ ଭଳି ଭାବେ କହୁଛନ୍ତି ଯେ, ଆତଙ୍କବାଦୀଙ୍କର ଧର୍ମ ନାହିଁ, ନିର୍ବାଚନକୁ ଆଖି ଆଗରେ ରଖି ଆତଙ୍କବାଦୀ ଆକ୍ରମଣ କରାଗଲା ସେମାନେ କେଉଁଠି ନା କେଉଁଠି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣଙ୍କର ପରିବାରଙ୍କ କଟା ଘା'ରେ ଲୁଣ ଦେଉଛନ୍ତି। ଯଦି ନିର୍ବାଚନକୁ ଆଖି ଆଗରେ ରଖି ପହଲଗାମଠାରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି ବୋଲି ଭକ୍ତ ଦାସ କହୁଛନ୍ତି ତେବେ ସେ ଜବାବ ଦିଅନ୍ତୁ, ୧୯୮୪ ମସିହାରେ କ'ଣ କଂଗ୍ରେସ ଦଳ ଆତଙ୍କବାଦୀଙ୍କୁ ଲଗାଇ ଇନ୍ଦିରା ଗାନ୍ଧିଙ୍କୁ ହତ୍ୟା କରିଥିଲା କି ? କାରଣ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ପରେ କଂଗ୍ରେସ ଦଳ ସରକାରଙ୍କ ପାଂଚ ବର୍ଷର ସମୟସୀମା ପୂରି ନ ଥିଲେ ବି ରାଜୀବ ଗାନ୍ଧିଙ୍କ ନେତୃତ୍ୱରେ ଆଗୁଆ ନିର୍ବାଚନକୁ ଯାଇଥିଲା। ଇନ୍ଦିରା ଗାନ୍ଧିଙ୍କ ହତ୍ୟାକାରୀ ଭିଣ୍ଡରୱାଲଙ୍କୁ କଂଗ୍ରେସ ଦଳ ସରକାର ସମୟରେ ହିଁ ପୃଷ୍ଠପୋଷକତା ଦିଆଯାଇଥିଲା। ସେହିଭଳି ୧୯୯୧ ମସିହା ନିର୍ବାଚନ ପ୍ରଚାର ସମୟରେ ରାଜୀବ ଗାନ୍ଧିଙ୍କ ହତ୍ୟା ହୋଇଥିଲା। ସେଥିରେ କ'ଣ କଂଗ୍ରେସ ଦଳର ହାତ ଥିଲା କି? କାରଣ ସେହି ନିର୍ବାଚନ ମଧ୍ୟ କଂଗ୍ରେସ ଦଳ ଜିତିଥିଲା ଏବଂ ଏଲ୍‌ଟିଟିଇ ଆତଙ୍କବାଦୀ ଗୋଷ୍ଠୀକୁ ଆଗରୁ କଂଗ୍ରେସ ଦଳ ପୃଷ୍ଠପୋଷକତା ଦେଇ ଆସିଥିଲା। ଆମେ କେବ ବି ଏହି ଦୁଃଖଦ ଘଟଣାରେ ରାଜନୀତି କରିନାହୁଁ କି ପ୍ରଶ୍ନ କରିନାହୁଁ। ଭକ୍ତ ଦାସ ତୁରନ୍ତ ନିଜର ବକ୍ତବ୍ୟକୁ ପ୍ରତ୍ୟାହାର କରନ୍ତୁ ଓ ରାଜ୍ୟବାସୀଙ୍କ ଆଗରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ।

କଂଗ୍ରେସ ଶାସନରେ ଥିବା ସମୟରେ ଦେଶରେ ମହାତ୍ମା ଗାନ୍ଧିଙ୍କ ହତ୍ୟା ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ଦୁଇ ଦୁଇ ଜଣ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ହୋଇଛି। ଏ ସବୁର ଉତ୍ତର ଦାୟିତ୍ୱ କଂଗ୍ରେସ କାହିଁକି ନେଉନାହିଁ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ସାରା ଦେଶ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏକଜୁଟ୍ ହୋଇ ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ମୋଦିଜୀ ସମସ୍ତ ପ୍ରକାର ଦିଗରୁ ପାକିସ୍ତାନ ଉପରେ ପ୍ରତିଶୋଧ ନେବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଏହି ସମୟରେ କଂଗ୍ରେସ ଦଳର ଏପ୍ରକାର ଆଚରଣ ପାକିସ୍ତାନର ଭାଷା ଭଳି ଲାଗୁଛି। ଗତକାଲି କଂଗ୍ରେସ ଦଳ ନିଜର ସାମାଜିକ ଗଣାମାଧ୍ୟମରେ "ସର୍ ତନ ସେ ଜୁଦା" ଏଜେଣ୍ଡାରେ ଏକ ଫଟୋ ପୋଷ୍ଟ କରିଥିଲା, ଯାହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ହେବା ପରେ ସେମାନେ ଡିଲିଟ କରି ଦେଇଛନ୍ତି। କଳାହାଣ୍ଡିର ଦାରିଦ୍ର୍ୟକୁ ନେଇ ନିଜ ରାଜନୀତିର ରୁଟି ସେକିଥିବା ଭକ୍ତ ଦାସ କେବେ ତାଙ୍କର ବକ୍ତବ୍ୟକୁ ଡିଲିଟ କରିବେ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି।

### ୬ ଶିଳ୍ପସଂସ୍ଥାର ସ୍ଥିତି ସମୀକ୍ଷା କଲେ ଭୁବନେଶ୍ୱର ସାଂସଦ

# ଖୋର୍ଦ୍ଧା-ଜଟଣୀର ୨୦ ହଜାର ବେକାରଙ୍କୁ ମିଳିବ ନିଯୁକ୍ତି



ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଏବଂ ଜଟଣୀ ନିର୍ବାଚନମଣ୍ଡଳୀରେ ଗଢ଼ି ଉଠୁଥିବା ୬ଟି ଶିଳ୍ପ ପ୍ରତିଷ୍ଠାନକୁ ଗସ୍ତ କରି ଆଜି ସ୍ଥିତି ସମୀକ୍ଷା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଅବସରରେ ଭୁବନେଶ୍ୱର ସାଂସଦ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ନେଷ୍ଟଲେ ଇଣ୍ଡିଆ ଲିମିଟେଡ୍ , ଏପିକ୍ ଗ୍ରୁପ , ବରୁଣ ବେଭାରେଜ, ଆନାଡ୍ରୋନ ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜଟଣୀ ନିର୍ବାଚନମଣ୍ଡଳିରେ ନିର୍ମାଣାଧୀନ ଥିବା ଶିଳ୍ପ ପ୍ରତିଷ୍ଠାନ ଜୁପିଟର ଟେଟ୍ରାଭାଗୋଙ୍କା ରେଲଓ୍ୱେ ହୁଇଲ୍ ଫାକ୍ଟରି ପ୍ରା ଲିମିଟେଡ୍, ଆଇଜିଏଫଏଲ ରିଫ୍ରାକ୍ଟର ଲିମିଟେଡ୍, ପରିଦର୍ଶନ କରି ଏହାର ଅଗ୍ରଗତି ନେଇ ବୁଲି ଦେଖିଛନ୍ତି। ଭୁବନେଶ୍ୱର ସାଂସଦଙ୍କର ଏହି ଜଟଣୀ ଏବଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପରିଦର୍ଶନ କାଳରେ ସମସ୍ତ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାର ଯୁବକଯୁବତୀଙ୍କ ନିଯୁକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି। ଏହି ସମସ୍ତ ଶିଳ୍ପାଞ୍ଚଳରେ ମୋଟ୍ ନିଯୁକ୍ତିର ଯେପରି ୮୦ ପ୍ରତିଶତ ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀଙ୍କୁ ମିଳିବ, ସେନେଇ ଶିଳ୍ପ ମୁଖ୍ୟଙ୍କ ସହ ଆଲୋଚନା କାଳରେ ଗୁରୁତ୍ୱ ଦେଇଛନ୍ତି ସାଂସଦ। ମୋଟ୍ ୬ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଗଢି ଉଠିଥିବା ବରୁଣ ବେଭେରେଜ କମ୍ପାନୀରେ ମୃଦୁ ପାନୀୟ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହା ସ୍ଥାନୀୟ ଅଞ୍ଚଳର ଅନେକ ବେକାରୀଙ୍କୁ ନିଯୁକ୍ତି ଯୋଗାଇବାର ମାଧ୍ୟମ ସାଜିବ। ମୋଟ୍ ଉପରେ ଖୋର୍ଦ୍ଧା ଓ ଜଟଣୀର ପ୍ରାୟ ୨୦ ହଜାର ଯୁବକଯୁବତୀଙ୍କୁ ଏହି ସମସ୍ତ ଶିଳ୍ପାଞ୍ଚଳରେ ନିଯୁକ୍ତି ମିଳିବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଏପିକ୍ ଗ୍ରୁପ୍ ଖୁବ୍‌ଶୀଘ୍ର କାର୍ଯ୍ୟ କରିବ। ସାଂସଦଙ୍କ ସହ ମହଜୁଦ ଏପିକ୍ କମ୍ପାନୀ ମୁଖ୍ୟ ଏଠାରେ ସ୍ଥାନୀୟ ଅଞ୍ଚଳର ୮୦ ପ୍ରତିଶତ ଯୁବତୀ ଓ ମହିଳାଙ୍କୁ ନିଯୁକ୍ତି ଦିଆଯିବ।

ବର୍ତ୍ତମାନ ଏହି ଶିଳ୍ପାଞ୍ଚଳଗୁଡ଼ିକର କିପରି ନିର୍ମାଣ କାମ ଚାଲିଛି। ପାଣି-ବିଜୁଳି ଯୋଗାଣର ସ୍ଥିତି କିପରି ରହିଛି, ପ୍ରତିଶ୍ରୁତି ମୁତାବକ ସରକାରୀ ସହାୟତା କିପରି ମିଳୁଛି, ଗଢି ଉଠୁଥିବା ଶିଳ୍ପସଂସ୍ଥାରେ ନିଯୁକ୍ତି ପ୍ରକ୍ରିୟାରେ ସ୍ଥାନୀୟ ବେକାରୀଙ୍କୁ କିପରି ପ୍ରାଧାନ୍ୟ ଦିଆଯାଉଛି, ସେ ସବୁ ଦିଗକୁ ନେଇ ସ୍ଥିତି ତଦାରଖ କରିଛନ୍ତି ସାଂସଦ। ଏହି ଗସ୍ତ କାଳରେ ସ୍ଥାନୀୟ ଅଞ୍ଚଳରେ ଶିଳ୍ପାଞ୍ଚଳରେ କିପରି ଶିଳ୍ପଗୁଡିକୁ ଆଗାମୀ ସମୟରେ ଅଧିକ ଜମି ଯୋଗାଇ ଦିଆଯାଇପାରିବ, ଏକାଧିକ ବଡ଼ ବଡ଼ ଶିଳ୍ପ କିପରି ଖୋର୍ଦ୍ଧା-ଜଟଣୀକୁ ଆସିପାରିବେ, ସେନେଇ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଭୁବନେଶ୍ୱର ସାଂସଦ ବିଶେଷ ଭାବେ ଆଲୋଚନା କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ଏହି ଗସ୍ତ କାଳରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳରେ ଶିଳ୍ପର ପ୍ରଗତି ତଦାରଖ କରିଥିଲେ।

## ଆଜି ରଥଯାତ୍ରା ପାଇଁ ଅନୁକୂଳ ହେଲା ରଥକାଠ

ପୁରୀ, ୩୦।୪(ସଂଚାର ବ୍ୟୁରୋ): ଆଜି ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ ପବିତ୍ର ଅକ୍ଷୟ ତୃତୀୟା। ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜିଠାରୁ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ରଥଖଳାକୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣ ଆରମ୍ଭ ହୋଇଛି। ଏହାସହ ମହାପ୍ରଭୁଙ୍କ ବଡ଼ଦିଅଁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହୋଇଛି । ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି ମହାବାହୁଙ୍କ ଚଳନ୍ତି ପ୍ରତିମା ।



## ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପର୍ବ ସମ୍ପନ୍ନ

● ମେ ୩୧ରେ ଶିବ ବିବାହ



ସମ୍ବଲପୁର,୩୦।୪(ସଂଚାର ବ୍ୟୁରୋ): ଆଜି ସମ୍ପନ୍ନ ହୋଇଛି ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପର୍ବ। ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ କାର୍ଯ୍ୟକ୍ରମ ଥାଳଉଠା ପର୍ବ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ଆଜି ପବିତ୍ର ଅକ୍ଷୟ ତୃତୀୟାରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ରୀତିନୀତି ଅନୁଯାୟୀ ନନ୍ଦପଡାର ବମବରାଡ଼ ବାବା ବାଲୁଙ୍କେଶ୍ୱର, ଝାଡୁଆପଡାର ଲୋକନାଥ ବାବା ଓ ମୋଦୀପଡାର ଜାଗେଶ୍ୱର ବାବାଙ୍କ ମନ୍ଦିରରେ ଆଡମ୍ବର ସହକାରେ ଥାଳଉଠା ପୂଜାର୍ଚ୍ଚନା କରାଯାଇଛି। ଚଳିତ ବର୍ଷର ନୂତନ କନ୍ୟା ପିତାମାତା, ସ୍ଥାନୀୟ ବୁଦ୍ଧିଜୀବୀ ଓ ମନ୍ଦିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଥାଳ ଉଠିଥିବା ବେଳେ ଯାତ୍ରାର ଆୟୋଜନ ପାଇଁ ପାଣ୍ଠି ସଂଗ୍ରହ ଆରମ୍ଭ ହୋଇଛି। ମନ୍ଦିର କର୍ମକର୍ତ୍ତା ପୂଜକଙ୍କ ସହ ବିଭିନ୍ନ ପଡା ବୁଲି ପାଣ୍ଠି ସଂଗ୍ରହ କରିଥିଲେ। ଆସନ୍ତା ୩୧ ତାରିଖରେ ଶିବ ବିବାହ, ଜୁନ ୧ ଓ ୨ ତାରିଖରେ ନବବିବାହିତ ଦେବଦମ୍ପତିଙ୍କ ନଗର ପରିକ୍ରମା ସହ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ, ବାଲେଶ୍ୱର ଏବଂ କଳାକାର ବାଲେଶ୍ୱରର ମିଳିତ ସହଯୋଗରେ ବାଲେଶ୍ୱର ଜିଲ୍ଲାସ୍ଥିତ ଗାନ୍ଧି ସ୍ମୃତି ଭବନଠାରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଆଜି ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଆଜି ନାଟକ ମହୋତ୍ସବର ଶେଷ ଦିନରେ ନାଟ୍ୟକାର ପ୍ରଦୀପ୍ତ କୁମାର ସାମଲଙ୍କ ନିର୍ଦ୍ଦେଶନାରେ ନାଟକ 'ଫିକା ଅପରାହ୍ନ' ଓ ଭଗବାନ ଗୁରୁଙ୍କ ନିର୍ଦ୍ଦେଶନାରେ ନାଟକ 'ଶହୀଦ ବାଜି ରାଉତ' ମଞ୍ଚସ୍ଥ ହୋଇଛି। ଆଜି ଶେଷ ଦିନରେ ମଞ୍ଚସ୍ଥ ହୋଇଥିବା ନାଟକ ଦୁଇଟି ଦର୍ଶକମାନଙ୍କର ବେଶ୍ ପ୍ରଶଂସା ସାଉଁଟିପାରିଥିଲା। ନାଟକ ରଚନା ଏବଂ ଅଭିନୟ କ୍ଷେତ୍ରରେ ଶିଶୁ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଆମ ନାଟକ ପରମ୍ପରାକୁ ଆହୁରି ସମୃଦ୍ଧ କରିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକଡେମୀ ପକ୍ଷରୁ ଆୟୋଜିତ ହୋଇଥିବା ଏହି ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମସ୍ତ ଦର୍ଶକ ଓ ଅତିଥିମାନେ ମତପ୍ରକାଶ କରିଥିଲେ। ଉଦ୍‌ଯାପନୀ ସମାରୋହରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ , ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

## ଯାତ୍ରା ଶ୍ରମିକଙ୍କ ଚେତାବନୀ, ଦରମା ନ ବଢ଼ିଲେ କାମ ବନ୍ଦ



ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): କଳାକାରଙ୍କ ପରେ ଯାତ୍ରା ଶ୍ରମିକ। ନିଜ ପାଉଣାକୁ ନେଇ ମେଳି ହୋଇଛନ୍ତି ଯାତ୍ରା ଶ୍ରମିକ । ସରକାର ଧାର୍ଯ୍ୟ କରିଥିବା ମଜୁରୀ ଦେବାକୁ ଦାବି କରିଛନ୍ତି। ୧୫ ରୁ ୨୦ ହଜାର ଟଙ୍କା ଦରମା ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଯାତ୍ରାରେ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଟ୍ରକ ଉପରେ ବସି ଯାତ୍ରା ଶ୍ରମିକମାନେ ଯେଉଁଭଳି ଭାବରେ ଯାତ୍ରା ସ୍ଥଳୀକୁ ଯାଉଛନ୍ତି ତାକୁ ନେଇ ମଧ୍ୟ ଆପତ୍ତି ଉଠାଇଛନ୍ତି । ଟ୍ରକରେ ଶ୍ରମିକ ମାନେ ଏଭଳି ଯାତ୍ରା କରିବେ ନାହିଁ ବୋଲି କହିଛି ସଂଘ । ରାଜ୍ୟରେ ପାଖାପାଖି ୨୦ ହାଜରରୁ ଅଧିକ ଯାତ୍ରା ଶ୍ରମିକ କାର୍ଯ୍ୟ କରୁଛନ୍ତି । ମାସକୁ ୮ ହାଜର ଟଙ୍କାରେ ପରିବାର ଚଳେଇବା କଷ୍ଟ ହେଉଛି ବୋଲି ସଂଘ କହିଛି । ଏଥିସହ କଳାକାରଙ୍କ ଭଳି ସେମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ ଦାବି କରିଛନ୍ତି ।

## ବିଜେଡି ପାଳିଲା ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା



ଭୁବନେଶ୍ୱର, ୩୦।୪(ସଂଚାର ବ୍ୟୁରୋ): ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କ ଜନ୍ମମାଟି ଜୟଦେବ ନିର୍ବାଚନ ମଣ୍ଡଳୀଠାରେ ଚାଷୀମାନଙ୍କ ଗଣପର୍ବ ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ବିଜେଡି ତରଫରୁ ବାଲିଅନ୍ତା ବ୍ଲକ ପୁରୁଣାପ୍ରଧାନ ଗ୍ରାମପଞ୍ଚାୟତଠାରେ ମହାସମାରୋହରେ ପାଳନ କରାଯାଇଛି। ଅକ୍ଷୟ ତୃତୀୟା ରାଜ୍ୟ କୃଷକ ସମାଜ ପାଇଁ ଏକ ମହତ୍ୱପୂର୍ଣ୍ଣ ଦିନ। ଏହି ଦିନ ଚଷା ପୁଅ ଭଗବାନଙ୍କୁ ସ୍ମରଣ କରି ଭଲ ଫସଲ ପାଇବା ପାଇଁ ବିଲରେ ବିହନ ବୁଣି ତାର ଚାଷ କାର୍ଯ୍ୟ ଆରମ୍ଭ କରେ।

ଆଜି ସକାଳ ୧୦ ଘଟିକା ସମୟରେ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟମାନେ ବାଲିଅନ୍ତା ବ୍ଲକ ପୁରୁଣାପ୍ରଧାନ ପଞ୍ଚାୟତ ଅଫିସଠାରେ ଉପସ୍ଥିତ ହୋଇଥିଲେ। ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ନେତୃମଣ୍ଡଳୀଙ୍କୁ ଉତ୍ସବ ସ୍ଥଳକୁ ପାଛୋଟି ନେଇଥିଲେ। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ସଭାସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ କରି କ୍ଷେତକୁ ଯାଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ତାଙ୍କ ସହିତ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଡ଼ ଲେନୀନ ମହାନ୍ତି, ବରିଷ୍ଠ ନେତା କୈାଳାସ ଚନ୍ଦ୍ର ମହାପାତ୍ର, ଚନ୍ଦନ ପାତ୍ର, ଦୁର୍ଗା ସାମନ୍ତରାୟ, ନାରାୟଣ ଜେନା, ଖୋର୍ଦ୍ଧା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଧ୍ୟକ୍ଷା କନକଲତା ମହାନ୍ତି, ବାଲିଅନ୍ତା ବାଲିପାଟଣା ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସହ ଜିଲ୍ଲାପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ।

ଅକ୍ଷିମୁଠି ଅନୁକୂଳ ପରେ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଦାସବର୍ମା କହିଥିଲେ ଯେ, ଚାଷୀ କୁଳର ଶୁଭ ମନାସିବା ସହ ଚାଷୀର କ୍ଷେତରେ ସୁନାର ଫସଲ ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ବିଗତ ଦିନରେ ନବୀନ ବାବୁ କିଭଳି ଚାଷୀମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରିଥିଲେ ତାହା ପ୍ରକାଶ କରିଥିଲେ। ସେହିଭଳି ଶ୍ରୀ ପଣ୍ଡା ମଧ୍ୟ କହିଥିଲେ ଯେ, ଚାଷୀର ସମୃଦ୍ଧିରେ ରାଜ୍ୟ ହୁଏ ସମୃଦ୍ଧି।

### ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ

# ଚାଷୀଙ୍କ ହକ୍ ପାଇଁ ଲଢ଼ିବ କଂଗ୍ରେସ

ଭୁବନେଶ୍ୱର, ୩୦।୪(ସଂଚାର ବ୍ୟୁରୋ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କିଷାନ କଂଗ୍ରେସର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁରଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ ଉତ୍ସବରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ରୀତିରେ କ୍ଷେତରେ ଭୂମିପୂଜା କରିବା ସହ ଅକ୍ଷିମୁଠି ଅନୁକୂଳର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବା ଏବଂ ସେମାନଙ୍କର ହକ୍ ପୂରଣ କରିବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ। କୃଷକ ଅନ୍ନଦାତା। ତେଣୁ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଦାସ କହିଛନ୍ତି।



ଉଦ୍‌ବୋଧନ ଦେଇ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଓଡ଼ିଶା ସହ ପ୍ରଭାରୀ ସାହାନୱାଜ ଚୌଧୁରୀ, ଏକ୍ରାମ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଶିବାନନ୍ଦ ରାୟ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ୟାସିର ନୱାଜ, କିଶୋର ଜେନା, ସମାଜସେବୀ ମୁରଲୀ ପ୍ରଧାନ, ଅଶୋକ ଦାସ, ଗୀତାଞ୍ଜଳି ମହାନ୍ତି, ପ୍ରକାଶ ଜେନା, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ଦୀପକ କୁମାର ମହାପାତ୍ର, ମିହିର ଆଚାର୍ଯ୍ୟ, ସତ୍ୟବ୍ରତ ନାୟକ, ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜୟଦେବ ଜୟନ୍ତୀ ସମାରୋହ



ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କବି ଶ୍ରୀ ଜୟଦେବ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବି ଜୟଦେବଙ୍କୁ ଓଡ଼ିଆ ଅସ୍ମିତାର ଜଣେ ଅଗ୍ରଜ ପ୍ରତିଭା ଭାବେ ଅଭିହିତ କରିଥିଲେ । କବି ଜୟଦେବଙ୍କ ଶ୍ରୀ ଗୀତ ଗୋବିନ୍ଦ ଏକ କାଳଜୟୀ ରଚନା ଏବଂ ଏହା ଓଡ଼ିଶାର ସାହିତ୍ୟ, ସଂଗୀତ, ନୃତ୍ୟ ଓ ସର୍ବୋପରି ସଂସ୍କୃତିକୁ ଯୁଗଯୁଗ ଧରି ଋଦ୍ଧିମନ୍ତ କରି ଆସିଛି । କବି ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଏବେ ମଧ ଆମ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଏକ ପ୍ରମୁଖ ଅଂଶ ବିଶେଷ ବୋଲି ପ୍ରଫେସର ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ । ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜୟଦେବଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ଅଧାପକ ଡ. ଅଜୟ କୁମାର ବିଶ୍ୱାଳ ଓ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଅନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ସହଯୋଗୀ ପ୍ରଫେସର ଡ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଛାତ୍ର ଛାତ୍ରୀ ମାନେ ଶ୍ରୀ ଜୟଦେବଙ୍କ ଅଷ୍ଟପଦୀ ପରିବେଷଣ କରିଥିଲେ ।

## ଅବସର ନେବେ ଜେଲ ଡିଜି ଅରୁଣ କୁମାର ରାୟ

ଭୁବନେଶ୍ୱର,୩୦।୪ (ସଂଚାର ବ୍ୟୁରୋ): ରାଜ୍ୟରେ ବରିଷ୍ଠ ଆଇପିଏସ୍ ସ୍ତରରେ ଖୁବଶୀଘ୍ର ହୋଇପାରେ ଅଦଳବଦଳ। ଆଜି ଅବସର ନେବେ ଜେଲ ଡିଜି ଅରୁଣ କୁମାର ରାୟ। ୧୯୮୮ ବ୍ୟାଚର ଆଇପିଏସ୍ ଅରୁଣ କୁମାର ରାୟ । ସେହିପରି ଜୁନ୍ ମାସରେ ଅବସର ନେବେ ୧୯୮୯ ବ୍ୟାଚର ଆଇପିଏସ୍ ଅଧିକାରୀ ଏସ.ଏମ୍.ନର୍ଭାଣେ । ନିକଟରେ ଡିଜି ରାଙ୍କର ଅଫିସର ସୁଶାନ୍ତ ନାଥ କେନ୍ଦ୍ରୀୟ ଡେପୁଟେସନରୁ ଫେରି ଓଡିଶା ସରକାରରେ ଯୋଗ ଦେଇଛନ୍ତି । କିନ୍ତୁ ଏବେସୁଦ୍ଧା ତାଙ୍କୁ ନୂଆ ପଦବୀ ମିଳିନାହିଁ। ଏଭଳିସ୍ଥିତିରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଅରୁଣ କୁମାର ରାୟଙ୍କ ସ୍ଥାନ ନେବେ କି ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥ । ନା ଡିଜି ରାଙ୍କରେ ଥିବା ଅଫିସରଙ୍କ ମଧ୍ୟରେ ହୋଇପାରେ ଅଦଳବଦଳ । ପୋଲିସ ଡିଜି ରାଙ୍କରେ ଏବେ ଅଛନ୍ତି ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡଙ୍ଗୀ, ସୁଶାନ୍ତ ନାଥ, ବିନୟତୋଷ ମିଶ୍ର, ଆରପି କୋଚେ। ୧୯୯୦ ବ୍ୟାଚର ବରିଷ୍ଠ ଆଇପିଏସ୍ ସୁଧାଂଶୁ ଷଡଙ୍ଗୀ । ସେ ଏବେ ଅଗ୍ନିଶମ, ହୋମଗାର୍ଡ ଡିଜି ଅଛନ୍ତି। ସିଭିଲ ଡିଫେନ୍ସର ନିର୍ଦ୍ଦେଶକ ମଧ ସେ ଅଛନ୍ତି। ୧୯୯୩ ବ୍ୟାଚର ଆଇପିଏସ୍ ଅଫିସର ସୁଶାନ୍ତ ନାଥ । ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଛନ୍ତି । ୧୯୯୩ ବ୍ୟାଚର ଆଇପିଏସ୍ ଅଫିସର ହେଲେ ବିନୟତୋଷ ମିଶ୍ର । ଏବେ ସେ ସିଆଇଡି କ୍ରାଇମବ୍ରାଞ୍ଚ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି । ୧୯୯୩ ବ୍ୟାଚର ଆଇପିଏସ୍ ଅଧିକାରୀ ଆରପି. କୋଚେ। ଏବେ ସେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

# ନବବାବୁଙ୍କ ଘର ମରାମତି, ପୁଣି ଘୋଷଣା



ଭୁବନେଶ୍ୱର,୩୦।୪: ଅନୁଗୁଳରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଚାଳଛପର ମାଟି ଘରର ସଂରକ୍ଷଣ ପାଇଁ ଓଡିଶା ସରକାର କାମ କରିବେ ବୋଲି ପୁଣିଥରେ ଘୋଷଣା କରାଯାଇଛି। ଅତୀତରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏଭଳି ଘୋଷଣା କରାଯାଇ ରାଜଧାନୀରୁ ମାଳ ମାଳ ଅଫିସର ଓ ଯନ୍ତ୍ରୀଙ୍କୁ ଅନୁଗୁଳ ପଠାଯାଇଥିଲେ ମଧ୍ୟ କିଛି କାମ ହୋଇନଥିଲା । ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣିଥରେ ସେହି ପୁରୁଣା କଥାର ଘୋଷଣା କରିଥିବାରୁ ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ସେଥିଘେନି ଉତ୍କଣ୍ଠା ପ୍ରକାଶ ପାଇଛି।

ପ୍ରାୟ ୮୦ ବର୍ଷ ତଳେ ଦେଶ ସ୍ୱାଧୀନ ହେବା ପୂର୍ବରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମାଳତୀ ଚୌଧୁରୀଙ୍କ ଉଦ୍ୟମକ୍ରମେ ଅନୁଗୁଳରେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରାଯାଇଥିଲା। ମାଳତୀ ଦେବୀ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟା ଥିଲେ । ସ୍ୱଧୀନତା ସଂଗ୍ରାମ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅନବଦ୍ୟ ଅବଦାନ ରହିଛି । ତାଙ୍କ ପତି ନବକୃଷ୍ଣ ଚୌଧୁରୀ ଜମିଦାରୀ ଛାଡି ସ୍ୱାଧୀନତା ସଂଗ୍ରାମରେ ଝାସଦେବା ସହ ପରବର୍ତ୍ତୀ ସମୟରେ ରାଜନୀତିକୁ ସେବାର କ୍ଷେତ୍ର ଭାବେ ଗ୍ରହଣ କରିଥିଲେ । ନବ ବାବୁ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇ ଅନୁଗୁଳର ବାଜିରାଉତ ଛାତ୍ରାବାସ ପରିସରରେ ଏକ ଚାଳ ଘରେ ଶେଷ ଜୀବନ ପର୍ଯ୍ୟନ୍ତ ରହିଥିଲେ ।

ଚୌଧୁରୀ ଦମ୍ପତିଙ୍କର ଏହି ଚାଳ ଘର ସହିତ ଇତିହାସର ଅନେକ ସ୍ମୃତି ଜଡିତ ରହିଛି । ସ୍ୱାଧୀନତୋର ଭାରତବର୍ଷରେ ରାଜନୀତିକୁ ସମ୍ପତ୍ତି ଓ କ୍ଷମତା ଆହରଣର ମାଧ୍ୟମ ଭାବେ ବହୁ ନେତା ବାଛୁଥିବାବେଳେ ଚୌଧୁରୀ ଦମ୍ପତ୍ତି କିନ୍ତୁ ଏହାକୁ ସେବା, ସଂସ୍କାର ଓ ସଂଗ୍ରାମର କ୍ଷେତ୍ର ଭାବେ ରୂପାୟିତ କରୁଥିଲେ । ଏହି ଚାଳ ଘରେ ୮୦ ଦଶକରେ ନବକୃଷ୍ଣଙ୍କର ଓ ନବେ ଦଶକରେ ମାଳତୀ ଦେବୀଙ୍କର ଦେହାନ୍ତ ହୋଇଥିଲା । ଏହି ଘରକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରିବାପାଇଁ ଦଳମତ ନିର୍ବିଶେଷରେ ଦୀର୍ଘବର୍ଷରୁ ଦାବିହୋଇ ଆସୁଛି ।

ଚାରି ପାଞ୍ଚ ବର୍ଷ ତଳେ ଏହି ଚାଳଛପର ମାଟିଘର ଭୁଷୁଡ଼ି ପଡିବା ଅବସ୍ଥାକୁ ଆସିଥିଲା । ପଲିଥିନ୍ ଜରି ଢାଙ୍କି ଏହାକୁ ଘୋଡାଇ ରଖାଯାଉଥିଲା । ସେତେବେଳେ ଗଣମାଧ୍ୟମରେ ଏମିତିକି ବିଧାନସଭାରେ ଏହି ଐତିହ୍ୟ ଘରର ସୁରକ୍ଷା କଥା ବେଶ୍ ଆଲୋଡନ ସୃଷ୍ଟି କରିଥିଲା । ରାଜ୍ୟ ସରକାର ଏହାର ସଂରକ୍ଷଣ କରିବେ ବୋଲି ମଧ୍ୟ ଘୋଷଣା କରିଥିଲେ । ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ଅନୁଗୁଳ ଯାଇ ଏହି ଘରର ସୁରକ୍ଷା ସମ୍ପର୍କରେ ସମୀକ୍ଷା କରିବାପରେ ଯନ୍ତ୍ରୀ ଓ ସ୍ଥପତିମାନଙ୍କୁ ପଠାଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଏହି ଘରର ସଂରକ୍ଷଣ ତ ଦୂରରକଥା ଘର ଛପର ବି କରାଯାଇ ପାରିଲାନାହିଁ। ଏ ପରିପ୍ରେକ୍ଷୀରେ ମାଳତୀଦେବୀ-ନବକୃଷ୍ଣ ଚୌଧୁରୀଙ୍କ ନାମରେ ଗଠିତ ଏକ ବେସରକାରୀ ଟ୍ରଷ୍ଟ ଘରର ମରାମତି ସହିତ ଛପର ମଧ୍ୟ କରିଥିଲା। ପୂର୍ବରୁ ବାଜି ରାଉତ ଛାତ୍ରାବାସ ପୂର୍ବତନ ଛାତ୍ରମାନେ ବି ଏହାର ସଂରକ୍ଷଣ ପାଇଁ କିଛି କାମ କରିଛନ୍ତି ।

ନିକଟରେ ଅନୁଗୁଳ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ଐତିହ୍ୟ ଗୃହର ସଂରକ୍ଷଣ ସହିତ ଚୌଧୁରୀ ଦମ୍ପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଆସିଛନ୍ତି । ଚୌଧୁରୀ ପରିବାରର ବଡ ବୋହୂ ତଥା ବିଶିଷ୍ଟ ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ରାଜ୍ୟ ସରକାର ରାଜ୍ୟବ୍ୟାପି ପାଳନ କରିବେ ବୋଲି ଗତ ଜାନୁଆରୀ ମାସରେ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଯାବତ୍ ସଂସ୍କୃତି ବିଭାଗ ଏ କ୍ଷେତ୍ରରେ କୌଣସି କାର୍ଯ୍ୟକ୍ରମ ଆରମ୍ଭ କରିନାହିଁ । (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆପ ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର



# ଅର୍ଥନୈତିକ ଆତଙ୍କ

ପ୍ରାୟ ୮ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦି କଳା ଟଙ୍କାର ବିଲୋପ ପାଇଁ ବିମୁଦ୍ରିକରଣ ଘୋଷଣା କରିଥିଲେ। ରାତାରାତି ହଜାରେ ଏବଂ ୫ ଶହ ଟଙ୍କିଆ ନୋଟ ଅଚଳ ହୋଇ ଯାଇଥିଲା। ଅବଶ୍ୟ ଯାହା ପାଖରେ ଏହିସବୁ ନୋଟ ରହିଥିଲା ତାହାକୁ ବ୍ୟାଙ୍କରେ ଜମା କରିବାକୁ ବା ବଦଳାଇବାକୁ ସୁଯୋଗ ମିଳିଥିଲା। ଏହା ପରିବର୍ତ୍ତେ ନୂଆ ଦୁଇ ହଜାର ଏବଂ ପାଞ୍ଚ ଶହ ଟଙ୍କିଆ ନୋଟ ପ୍ରଚଳନ କରାଯାଇଥିଲା। କିଛି ବର୍ଷ ପରେ ୨ହଜାର ଟଙ୍କିଆ ନୋଟକୁ ବି ପ୍ରତ୍ୟାହାର କରାଗଲା। ବିମୁଦ୍ରିକରଣର ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା। ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ। କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା। ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି। ତାହା ହେଲା ସାଇବର କ୍ରାଇମ। ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳକଳ କୌଶଳ ପ୍ରୟୋଗ କରୁଛନ୍ତି। ତେବେ ଏ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି। ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ବମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ। ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ। ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଗତ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲି ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି। ଏହା କିଛି କମ କଥା ନୁହେଁ। ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲି। ମାତ୍ର ୬ ମାସରେ ଏହିସବୁ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଥିଲା। ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ। ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ। ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ। ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ। ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି। କିନ୍ତୁ ଅନେକ ଲୋକ ଏ ସମ୍ପର୍କରେ ଶତ ପ୍ରତିଶତ ସଚେତନ ବା ଅଭ୍ୟସ୍ତ ନୁହଁନ୍ତି। ତେଣୁ ଅନେକ ମାନୁଆଲ କାରବାରକୁ ଏବେ ସୁଦ୍ଧା ଛାଡ଼ିପାରିନାହାଁନ୍ତି। ଏଟିଏମରୁ ଟଙ୍କା ଉଠାଇବା ମଧ୍ୟ ଅନେକଙ୍କ ପାଇଁ କାଠିକରପାଠ। ଅନଲାଇନ ପେମେଣ୍ଟତ ବହୁ ଦୁର କଥା। ସେମାନଙ୍କୁ ଏଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ। ଅନଲାଇନ କାରବାର ସବୁଠାରୁ ସହଜ ଏବଂ ଦ୍ରୁତତର। ଇଣ୍ଟରନେଟ ଯୁଗରେ ଏହାକୁ ଆପଣାଇବା ନିହାତି ଜରୁରୀ। ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୫ଟି ଡିବିୟୁ ଉଦଘାଟିତ ହେବା ଏକ ମହତ୍ୱପୂର୍ଣ୍ଣ ଘଟଣା। ଡିଜିଟାଲ ଇଣ୍ଡିଆ ରିଭଲ୍ୟୁସନରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ। ବର୍ତ୍ତମାନର ଯୁଗ ହେଲା ଡିଜିଟାଲ ବା ଅନଲାଇନର ଯୁଗ। ସବୁ କିଛି ଘରେ ବସି ଅନଲାଇନ ମାଧ୍ୟମରେ କରାଯାଇପାରୁଛି। ଏବେ ପ୍ରତି ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ରହିଛି। ଏହି ଫୋନ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇପାରୁଛି। ଆଗକୁ ୫-ଜି ଆସୁଛି। ଏହା ଫଳରେ ଇଣ୍ଟରନେଟ ଆହୁରି ଦ୍ରୁତତର ହେବ ଏବଂ ଲୋକଙ୍କୁ ସବୁ ପ୍ରକାର ସେବା ଅତି ସହଜରେ ମିଳିଯିବ। କରୋନା ମହାମାରୀ ବେଳେ ଯେତେବେଳେ ସ୍କୁଲ-କଲେଜ ସବୁ ବନ୍ଦ ରହିଲା ସେତେବେଳେ ଅନେକ ଘରେ ବସି ଅନଲାଇନରେ ପାଠ ପଢ଼ିଲେ। ଅନଲାଇନରେ ପରୀକ୍ଷା ବି ଦେଲେ। ବିମୁଦ୍ରାକରଣ ପରେ ସରକାର ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି ଡିଜିଟାଲ ପେମେଣ୍ଟ ମାଧ୍ୟମରେ କାରବାରକୁ ଅଧିକ ଗୁରୁତ୍ୱ ଦେଲେ। କେନ୍ଦ୍ର ସରକାର ଏଥିପାଇଁ ସମସ୍ତଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ରହିବା ନିହାତି ଜରୁରୀ ବୋଲି ମନେ କରି ଏଥିଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କଲେ। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା। ଏହା କୁହାଯାଉଛି ଡିବିଟି। ଏଥିରେ ଚଞ୍ଚକତା ଅନେକାଂଶରେ ହ୍ରାସ ପାଇଛି। ଧିରେ ଧିରେ ଲୋକେ ଡିଜିଟାଲ ପେମେଣ୍ଟ ସହିତ ଅଭ୍ୟସ୍ତ ହେଉଛନ୍ତି। ଅବଶ୍ୟ ଡିଜିଟାଲ କାରବାର ସହିତ ଅଭ୍ୟସ୍ତ ନଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ସେହି ସମୟ ଆଉ ବେଶୀ ଦୂର ନାହିଁ, ଯେତେବେଳେ ଲୋକେ ଘରେ ବସି ସବୁ କାରବାର କରିବେ। ଏପରିକି ଘରେ ବସି ଅନଲାଇନ ମାଧ୍ୟମରେ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ସବୁ କିଛି ପାଇପାରିବେ। ଏବେ ବି ସେହି ସୁବିଧା ରହିଛି, କିନ୍ତୁ ସମସ୍ତେ ଏହାକୁ ଗ୍ରହଣ କରିପାରିନାହାଁନ୍ତି। ନିକଟରେ ଆରବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ କ୍ରେଡିଟ କାର୍ଡ ମାଧ୍ୟମରେ କିଣାବିକା ବଢୁଛି। ସେହିପରି ୟୁପିଆଇରେ ପେମେଣ୍ଟ ବଢ଼ି ଚାଲିଛି। ପ୍ରତି ମାସରେ ଏହା ବୃଦ୍ଧି ପାଉଛି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ଏବଂ ଦେଶର ଆର୍ôଥକ ବ୍ୟବସ୍ଥା ପ୍ରତି ଏକ ଶୁଭସଙ୍କେତ। ନଗଦ କାରବାର ଯେତେ ବଢ଼ିବ, କଳାଧନ ଏବଂ ନକଲି ନୋଟ କାରବାର ସେତେ କମିବ। ଆରବିଆଇ ଉପରେ ଟଙ୍କା ଛପାଇବାର ବୋଝ ହାଲୁକା ହୋଇଯିବ। ଆଉ ଲୋକେ ନିଜ ପାଖରେ ଥିବା କଳାଧନକୁ ଲୁଚାଇପାରିବେ ନାହିଁ। ଜଣେ ବ୍ୟକ୍ତିର ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି , କେତେ ଆୟ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ। ତେଣୁ କେହି ଟିକସ ଫାଙ୍କିପାରିବେ ନାହିଁ। ଏହା ହିଁ ଡିଜିଟାଲ କାରବାରର ଫାଇଦା। ଗୋଟିଏ ବାକ୍ୟରେ କହିଲେ ଦେଶରେ ଡିଜିଟାଲ ଯୁଗ ଆରମ୍ଭ ହୋଇଯାଇଛି ଏବଂ ଏ କ୍ଷେତ୍ରରେ ଏକପ୍ରକାର ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଦୁର୍ନୀତି, କଳାଧନ କାରବାର, ନକଲି ନୋଟ କାରବାର ରୋକିବାକୁ ଡିଜିଟାଲ ପେମେଣ୍ଟ ହିଁ ଏକମାତ୍ର ଉପାୟ। ପିସି କାରବାର ରୋକିବାକୁ ହେଲେ ଡିଜିଟାଲ କାରବାରକୁ ପ୍ରସାରିତ କରିବାକୁ ପଡ଼ିବ। ୧୦୦ ଟଙ୍କାରୁ ଅଧିକ କେହି ନଗଦ କାରବାର କରିପାରିବେ ନାହିଁ, ଏଭଳି ବ୍ୟବସ୍ଥା ହେଲେ ଦୁର୍ନୀତିଖୋରଙ୍କ ନିଦ ହଜିଯିବ। ଆଶା କରାଯାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବେ ଏବଂ ଦେଶରେ କଳାଧନର ପ୍ରସାରକୁ ରୋକିବେ। ଏଥିପାଇଁ ଲୋକଙ୍କୁ ସଚେତନ ଏବଂ ଶିକ୍ଷିତ କରିବାକୁ ପଡ଼ିବ। ଘରେ ଘରେ ଲୋକଙ୍କୁ ନଗଦ କାରବାର ଛାଡ଼ି ଡିଜିଟାଲ କାରବାରକୁ ଆପଣାଇବାକୁ ପ୍ରରୋଚିତ କରିବାକୁ ପଡ଼ିବ। ଏହାର ଫାଇଦା ଏବଂ ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ଡିଜିଟାଲ କାରବାର କିପରି ସହଜରେ କରାଯାଇପାରିବ ସେ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବାକୁ ପଡ଼ିବ। ସ୍କୁଲ ସ୍ତରରୁ ଏଥିପାଇଁ ସମସ୍ତଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ବ୍ୟାଙ୍କ କାରବାରର ମହତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ। ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଏବଂ ଅସୁବିଧା ହେଲା ସାଇବର କ୍ରାଇମ। ସାଧାରଣ ଲୋକେ ଏ ସମ୍ପର୍କରେ ଅବଗତ ହେବା ଉଚିତ ଏବଂ ନିଜେ ସତର୍କ ରହିବା ସହିତ ଅନ୍ୟକୁ ସତର୍କ କରାଇବା ଉଚିତ। ନଚେତ ଡିଜିଟାଲ ରିଭଲ୍ୟୁସନ ସଫଳ ହୋଇପାରିବ ନାହିଁ। ସାଇବର କ୍ରାଇମ ରୋକିବାକୁ ହେଲେ ସାଧାରଣ ଉପଭୋକ୍ତାଙ୍କୁ ଅଧିକ ସଚେତନ ହେବାକୁ ପଡ଼ିବ। ନିଜ ସଂଚିତ ଅର୍ଥର ସୁରକ୍ଷା ନିମନ୍ତେ ସତର୍କତା ଜରୁରୀ। ଏଥିର ଭାରତ ସରକାର ସମସ୍ତ ପ୍ରକାର ସହଯୋଗ ଏବଂ ସହାୟତାର ହାତ ବଢ଼ାଇବା ଉଚିତ। ଅର୍ଥନୈତିକ ଦୃଷ୍ଟିରୁ ସାଇବର କ୍ରାଇମ ହେଉଛି ଏକ ଆତଙ୍କବାଦ। ଏହି ଆତଙ୍କବାଦର ବିଲୋପ ପାଇଁ ସ୍ୱତନ୍ତ୍ର ବୈଷୟିକ ଜ୍ଞାନ କୌଂଶଳର ପ୍ରୟୋଗ ଆବଶ୍ୟକ।



ଅଭୟ କୁମାର ଦାସ

# ବାରବାଟୀ ଦୁର୍ଗ

**'ବାରବାଟୀ ଦୁର୍ଗେ ଉଡୁ ନାହିଁ ଧ୍ୱଜା, ବାରବାଟୀ ଦୁର୍ଗେ ବାଜୁନାହିଁ ବାଜା।**
**ସୁପ୍ତ ବାରବାଟୀ ମୃତ ଶୈଳ ପ୍ରାୟ, କାନ୍ଦେ ପଡ଼ି ଘୋର କଷଣେ।'**

'ଅଇଲା କଳା ପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ'। ହଜାର ବର୍ଷର ଓ ପ୍ରାଚୀନ ତଥା ଐତିହାସିକ କଟକ ନଗରୀ ବହୁ ଉତ୍ଥାନ ପତନ ଦେଇ ବିଭିନ୍ନ ରାଜା ରାଜୁଡ଼ାଙ୍କ ରାଜୁତ୍ୱରେ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ମୁକସାକ୍ଷୀ ଭାବରେ ଅଦ୍ୟାବଧି ଦଣ୍ଡାୟମାନ। ଉପରୋକ୍ତ ଧାଡ଼ିଟି ଏବେ ବି ଲୋକମୁଖରେ କାଳ କାଳକୁ ରହିଯାଇଛି। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ରାଜା ଭଗଗୁପ୍ତଙ୍କ ଅନୁଶାସନରେ କଟକର ନାମ ଉଲ୍ଲେଖ ରହିଛି। ତତ୍କାଳୀନ ସମୟରେ ବର୍ତ୍ତମାନର ଚୌଦ୍ୱାରକୁ ଲୋକ କଟକ ବୋଲି କହୁଥିଲେ। ବିଶ୍ୱକୋଷର ବର୍ଣ୍ଣନା ଅନୁଯାୟୀ କଟକ ଠାରୁ ଚୌଦ୍ୱାର ଥିଲା ଅତୀବ ପ୍ରାଚୀନ। କିମ୍ବଦନ୍ତୀ ରହିଛି ଯେ ରାଜା ଜନ୍ମେଜୟ ଚୌଦ୍ୱାରରେ ସର୍ପଯଜ୍ଞ କରିଥିଲେ। ଏହି ଚୌଦ୍ୱାରକୁ ଉତ୍ତର କୋଶଳର ମୌଳୀ ଅଳଙ୍କାର ଭାବରେ କବିବର ରାଧାନାଥ ବର୍ଣ୍ଣନା କରିଛନ୍ତି-"ବହୁଦ୍ୱାର ଶୋଭି ପୁର ଚୌଦ୍ୱାର, ଉତ୍ତର କୋଶଳା ମୌଳି ଅଳଙ୍କାର'।

ପରବର୍ତ୍ତୀ ସମୟରେ ରାଜା ନୃପକେଶରୀ ଚୌଦ୍ୱାରରେ ପ୍ରଥମେ ଦୁର୍ଗ ନିର୍ମାଣ କରାଇଥିଲେ ଏବଂ ତାହା ହିଁ ଥିଲା ପ୍ରଥମ ରାଜଧାନୀ। ମାଦଳା ପାଞ୍ଜି ଅନୁସାରେ ନୃପକେଶରୀ ମହାନଦୀ ଓ କାଠଯୋଡ଼ିର ତ୍ରିକୋଣ ଭୂମିରେ କଟକକୁ ପ୍ରତିଷ୍ଠା କରିଥିବା ସମ୍ଭବପର। ସେ ସମୟରେ ବାହ୍ୟ ଶତ୍ରୁ ମାନଙ୍କ ଆକ୍ରମଣରୁ ରକ୍ଷା କରିବା ନିମିତ୍ତ ରାଜାମାନେ ଦୁର୍ଗ ନିର୍ମାଣ କରୁଥିଲେ। ସୋମବଂଶୀ ରାଜା ନୃପକେଶରୀ (ଖ୍ରୀଷ୍ଟ ୯୪୧-୯୫୩) କଟକ ନଗର ପ୍ରତିଷ୍ଠା କରି ବାରଣାସୀ (ବିଡ଼ାନାସୀ)ରେ ଗୋଟିଏ ଦୁର୍ଗ ନିର୍ମାଣ କଲେ। ତାହା କ୍ରମେ ବିଡ଼ାନାସୀ କଟକ ଭାବରେ ଅଭିହିତ ହେଲା। ବାରବାଟୀ ଦୁର୍ଗ ସମ୍ପର୍କରେ ମାଦଳା ପାଞ୍ଜିରେ ଥିବା ତଥ୍ୟ ମୁତାବକ ଏହା ପ୍ରଥମେ ଅନଙ୍ଗଭୀମ ଦେବ ତୃତୀୟ (୧୨୧୧-୧୨୩୮ ଖ୍ରୀ:ଅ)ଙ୍କ ଦ୍ୱାରା ନିର୍ମିତ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ଦିନେ ରାଜା ମହାନଦୀ ପାରି ହୋଇ ବାରବାଟୀ ଗ୍ରାମରେ ଥିବା ବିଶ୍ୱେଶ୍ୱର ଶିବ ମନ୍ଦିରକୁ ପୂଜା କରିବା ପାଇଁ ଯାଉଥିଲେ। ସେଠାରେ ସେ ଦେଖିଲେଯେ ବଗଟିଏ ଗୋଟିଏ ଛଞ୍ଚାଣକୁ ମାରି ଦେଉଛି। ରାଜା ଏହି ଅଦ୍ଭୁତ ଘଟଣା ଦେଖି ପ୍ରଭାବିତ ହେଲେ ଏବଂ ନିଜର ଉଆସ ବା କଟକକୁ ଚୌଦ୍ୱାର ଠାରୁ ସେହି ଗ୍ରାମକୁ ସ୍ଥାନାନ୍ତରିତ କଲେ। ସେଠାରେ ବିଶ୍ୱେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଥିବାରୁ ରାଜା ସେହି ସ୍ଥାନର ନୂତନ ନାମକରଣ କଲେ ଅଭିନବ ବାରଣାସୀ ବୋଲି। ୧୨୩୦ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗଭୀମ ଦେବଙ୍କ ନାଗରୀ ତାମ୍ରଫଳକ ଅଭିନବ ବାରଣାସୀ କଟକରୁ ହିଁ ପ୍ରଦାନ କରାଯାଇଥିଲା।

ହଜାର ବର୍ଷର କଟକ ନଗରର ଇତିହାସକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। କହିବାକୁଗଲେ ରାଜତ୍ୱ କାଳକୁ ନେଇ ଏହି ବିଭାଗୀକରଣ ହୋଇଛି। ୯୮୯ ଖ୍ରୀଷ୍ଟାବ୍ଦରୁ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ୫୭୭ ବର୍ଷ ବ୍ୟାପୀ ହିନ୍ଦୁ ରାଜତ୍ୱ, ୧୫୬୮ ଖ୍ରୀଷ୍ଟାବ୍ଦରୁ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ୨୩୫ ବର୍ଷ ବ୍ୟାପୀ ମୋଗଲ ମରହଟ୍ଟା ଶାସନ, ୧୮୦୩ ଖ୍ରୀଷ୍ଟାବ୍ଦରୁ ୧୯୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ୧୪୫ ବର୍ଷ ବ୍ୟାପୀ ଇଂରେଜ ଶାସନ ଓ ୧୯୮୯ ଖ୍ରୀଷ୍ଟାବ୍ଦରୁ ସ୍ୱାଧୀନୋତ୍ତର କାଳ କହିବାକୁଗଲେ ବହୁ ଉତ୍ଥାନ ପତନ, ଜୟପରାଜୟ, ଧ୍ୱଂସ ନିର୍ବାଣ ମଧ୍ୟରେ ଏହି ଏକ ହଜାର ବର୍ଷର ଇତିହାସ, ଏକ ସମନ୍ୱୟ ଓ ସମ୍ମିକରଣର ଇତିକଥାରେ ପରିଣତ ହୋଇଯାଇଛି। କହିବାକୁଗଲେ ରୋମ୍ ଭଳି କଟକ ନଗର ମଧ୍ୟ ଗୋଟିଏ ଦିନରେ ଗଢ଼ି ଉଠିନଥିଲା। ଏହି ପ୍ରାଚୀନ ନଗରୀର ଅତୀତକୁ ଆଧାର କରି ଇତିହାସ ଲିପିବଦ୍ଧ ହୋଇଛି ଆହୁରି ମଧ୍ୟ ଲିପିବଦ୍ଧ ହୋଇଛି ଅନେକ ରାଜା ଓ ସେମାନଙ୍କ ବଂଶ ପରମ୍ପରାର ଉତ୍ଥାନ ପତନର କାହାଣୀ। କଟକର ଭୌଗୋଳିକ ଚିତ୍ରକୁ ଦେଖିଲେ ଜଣାଯାଏ ଓଡ଼ିଶାର ରାଜଧାନୀ କଟକ ସହରର ଭୌଗୋଳିକ ଅବସ୍ଥିତି ଭାରତର ମାନଚିତ୍ରରେ ଅକ୍ଷ୍ୟାଂଶ ୨୦.୨୯ ଉତ୍ତରବର୍ତ୍ତୀ ଓ ଦ୍ରଘ୍ୟାଂଶ ୫୮.୫୦ ପୂର୍ବବର୍ତ୍ତୀ ଥିବା ଦେଖାଯାଏ। ମହାନଦୀର ତ୍ରିକୋଣ ଭୂମିର ଶିରୋଦେଶରେ ଏହା ଅବସ୍ଥିତ। କଟକ ସହରର ଉତ୍ତର ଦିଗରେ ମହାନଦୀ ଓ ଦକ୍ଷିଣ ଦିଗରେ ମହାନଦୀର ପ୍ରଥମ ଶାଖାନଦୀ କାଠଯୋଡ଼ି ଦ୍ୱାରା ପରିବେଷ୍ଟିତ। ଏହାର କ୍ଷେତ୍ରଫଳ ଚାରି ବର୍ଗମାଇଲ। ତ୍ରିକୋଣାକାର କଟକର ଭୂମିରେଖା ରେଳ ଲାଇନ ଓ ଅପର ବାହୁ ଦୁଇଟି ମହାନଦୀର ଦକ୍ଷିଣତୀର ଓ କାଠଯୋଡ଼ିର ଉତ୍ତର ତୀର। କବିବର ରାଧାନାଥ ଚୌଦ୍ୱାରର କପାଳେଶ୍ୱର ଦୁର୍ଗର ଅଧିପତିଙ୍କୁ ଉତ୍ତର କୋଶଳର ରାଜା ରୂପେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି - "ଥିଲେ ଏକାବେଳେ କପାଳେଶ ଦୁର୍ଗେ, ହିରଣ୍ୟ ବର୍ମ ଭୂପତି, ଉତ୍ତର-କୋଶଳେ ଟୋକାଇଲେ ଯେହୁ, ଯଶୋରୂପେ ଶ୍ୱେତ ଛତି'। ଗଙ୍ଗବଂଶାବଳୀରୁ ନିମ୍ନଲିଖିତ ଗଙ୍ଗ ରାଜା ମାନଙ୍କ ନାମ ଉଲ୍ଲେଖ ରହିଛି। ଚୋଡ଼ଗଙ୍ଗ ଦେବ ୭୪ ବର୍ଷରେ ଗଜପତିଙ୍କୁ ପରାସ୍ତ କରି କଟକରେ ସିଂହାସନରେ ବସିଲେ। ଜଳଦଭାନୁ କଟକର ଶେଷ ରାଜା।

ଇତିହାସ କେବଳ ସାଂସାରିକ ବିଷୟ ହିସାବ ରଖେ। ତାହାଦ୍ୱାରା ଜାତୀୟ, ସାମାଜିକ, ରାଜନୈତିକ ବା ବ୍ୟକ୍ତିଗତ ଯେ କୌଣସି ଉପକାର ହେଉ ପଛକେ ତାହା କେବଳ ଅସାର ସଂସାର ସମ୍ବନ୍ଧୀୟ। ଭାରତର ଇତିହାସ ଯେ ଆଦୌ ନାହିଁ ତାହା ନୁହଁ। ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାର ଇତିହାସ ଅଛି। ଓଡ଼ିଆମାନେ ଆପଣାର ଇତିହାସ ଗଢ଼ିଛନ୍ତି। ଇତିହାସ ଜାତୀୟତା ଗଠନର ପ୍ରଧାନ ସହାୟ। ଏହା ଜାତିର ଜୀବନ ଚରିତ୍ର। ଏହାଦ୍ୱାରା ଜାତି ଆତ୍ମଜ୍ଞାନ ଲାଭ କରେ। ସୁଦୂର ଅତୀତର ସ୍ମୃତି ଯେପରି ଏହା ଜାଗରଣ କରାଏ ଭବିଷ୍ୟତ ଉନ୍ନତିର ମାର୍ଗ ମଧ୍ୟ ସେହିପରି ଦେଖାଇ ଦିଏ।

ଯାଜପୁର-ପୁରୀ-ଭୁବନେଶ୍ୱର କ୍ରମାନ୍ୱୟରେ କେଶରୀ ବଂଶର ପ୍ରଥମ ନୃପତି ମାନଙ୍କର ରାଜଧାନୀ ଥିଲା। ବର୍ତ୍ତମାନ କଟକ ନଗର ଠାରୁ ବିଡ଼ାନାସୀ ପୃଥିକ ହୋଇଥିଲେ ହେଁ ପୂର୍ବେ କଟକ ସ୍ୱତନ୍ତ୍ର ନଗର ନଥିଲା। କଟକ ଓ ବିଡ଼ାନାସୀ ଉଭୟେ ପୂର୍ବେ କଟକ ବାରଣାସୀ ନାମରେ ଅଭିହିତ ଥିଲା। କଟକ ରାଜଧାନୀ ହେଲା ସତ୍ୟ କିନ୍ତୁ ନଦୀ ସ୍ରୋତରେ ନଗର ଧୌତ ହୋଇଯିବାର ଆଶଙ୍କା ଦେଖି ତାହାଙ୍କର ପରବର୍ତ୍ତୀ ନରପତି ମର୍କଟକେଶରୀ (୯୫୩ରୁ ୯୬୧ ଖ୍ରୀଷ୍ଟାବ୍ଦ) କଟକ ସୁରକ୍ଷଣ ନିମନ୍ତେ କାଠଯୋଡ଼ି ଓ ମହାନଦୀର ଯେଉଁ ପଥର ବନ୍ଧ ନିର୍ମାଣ କରାଇଥିଲେ ତାହା ଅଦ୍ୟାବଧି ବର୍ତ୍ତମାନ ଥାଇ ଓଡ଼ିଆଙ୍କ ନିର୍ମାଣ ଦକ୍ଷତାର ପରାକାଷ୍ଠା ଦେଖାଉଛି। ମହାନଦୀର ଉତ୍ତରାଞ୍ଚଳ ପ୍ରାଚୀନ କାଳରେ ଉତ୍ତର କୋଶଳା ନାମରେ ବିଦିତ ଥିଲା। ଚୌଦ୍ୱାର ଉକ୍ତ ରାଜ୍ୟର ନରପତି ମାନଙ୍କର ରାଜଧାନୀ ଥିଲା। କବିବର ରାଧାନାଥ ଲେଖିଛନ୍ତି - "ବହୁ ଦ୍ୱାର ଶୋଭା ପୁର ଚୌଦ୍ୱାର, ଉତ୍ତର କୋଶଳା ମଉଳି ଅଳଙ୍କାର'।

ଶ୍ରୀ ଚୈତନ୍ୟାଚରିତ୍ରାମୃତରୁ ଜଣାଯାଏ ଯେ ଚୈତନ୍ୟ ମହାପ୍ରଭୁ କଟକରେ ପ୍ରବେଶ କରି ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବଙ୍କ ସଙ୍ଗେ ବାରବାଟୀ ଦୁର୍ଗରେ ସାକ୍ଷାତ କରିଥିଲେ। ଚୈତନ୍ୟ ଚରିତ୍ରାମୃତର ମଧ୍ୟଲୀଳା ୧୭୦୦ ପରିଚ୍ଛେଦରେ ବର୍ଣ୍ଣିତ ଅଛି - "ଏହି ମତ ଚଲି ଚଲି କଟକ ଆଇଲା, ସାକ୍ଷୀ ଗୋପାଳ ଦେଖି ସେ ଦିନ ରହିଲା। ସାକ୍ଷୀ ଗୋପାଳରେ କଥା କହେ ନିତ୍ୟାନନ୍ଦ, ଶୁଣିଆ ବୈଷ୍ଣବ ମନେ ବାଢ଼ିଲା ଆନନ୍ଦ।' ରାଜା ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି ସାକ୍ଷୀଗୋପାଳଙ୍କୁ ବାରବାଟୀ ଦୁର୍ଗ ମଧ୍ୟରେ ରଖାଇଥିଲେ। ରାଧାନାଥ ତାଙ୍କ ପ୍ରସିଦ୍ଧ "ଦରବାର' କାବ୍ୟରେ ଲେଖିଛନ୍ତି - "କାଞ୍ଚି ଅଭିଯାନେ ଯେ ଦୁର୍ଗ ପ୍ରାଚୀର, ବାଦ୍ୟ ନାଦେ ଦେଇଥିଲା ପ୍ରତି ଗିର'। ଅତଏବ ବାରବାଟୀ ଦୁର୍ଗ ପୁରୁଷୋତ୍ତମ ଦେବଙ୍କ ରାଜଧାନୀ ଥିଲା ଏବଂ କାଞ୍ଚି ଯୁଦ୍ଧ ନିମନ୍ତେ ବାରବାଟୀରୁ ସୈନ୍ୟ ପ୍ରେରିତ ହୋଇଥିଲେ। "ଆଇନ-ଇ-ଆକବରୀ' ପ୍ରଣୀତା ଆବୁଲଫାଜଲ କହନ୍ତି ଯେ ଗଙ୍ଗବଂଶୀୟ ପଞ୍ଚମ ନରପତି ଅନଙ୍ଗ ଭୀମଦେବ ବାରବାଟୀ ଦୁର୍ଗ ନିର୍ମାଣ କରାଇଥିଲେ। ମାଦଳା ପାଞ୍ଜିରୁ ଜଣାଯାଏ କଟକରେ ଦୁର୍ଗ ସ୍ଥାପିତ ହେବା ପୂର୍ବରୁ ବର୍ତ୍ତମାନ କଟକ ବାରବାଟୀ ଗ୍ରାମ ନାମରେ ପରିଚିତ ଥିଲା। ଏହି ଦୁର୍ଗ ସ୍ଥାପନ ବିଷୟରେ ପାଞ୍ଜିରେ ଲେଖା ଅଛି।

ଆମେ ବର୍ତ୍ତମାନ ବାରବାଟୀ ଦୁର୍ଗର ଏକ ଚିତ୍ର ଉପସ୍ଥାପନ କରୁଛୁ। ୧୬୭୩ରେ ବ୍ରୁଟନ, ୧୭୬୬ରେ ଟିମଟ୍, ୧୭୯୦ ଲେକି, ୧୮୦୩ରେ ହାରକୋଟ, ୧୮୨୨ ପୂର୍ବରୁ ଷ୍ଟାରଲିଂ ଏବଂ ୧୮୩୬ କିଟୋ ପ୍ରମୁଖ ସମସ୍ତେ ଏହି ଦୁର୍ଗ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୨୧୫୦ ଫୁଟ ଲମ୍ବ ଓ ୧୮୦୦ ଫୁଟ ଓସାର ବିଶିଷ୍ଟ ଏହି ଆୟତକ୍ଷେତ୍ର ଉପରେ ଦୁର୍ଗଟି ପରିବ୍ୟାପ୍ତ ଥିଲା। ତିନିକୋଣରେ ତିନୋଟି ଛୋଟ ଗମ୍ବୁଜ ଓ ଉତ୍ତର-ପୂର୍ବ କୋଣରେ ଗୋଟିଏ ଗମ୍ବୁଜ ଥିଲା ଯାହାକୁ ୧୭୫୦ରେ ଖ୍ରୀଷ୍ଟାବ୍ଦରେ ଯୋଗ କରାଯାଇଥିଲା। ଦୁର୍ଗର ମଧ୍ୟ ଭାଗରେ ଥିବା ଗୋଟିଏ ଗୋଲାକୃତ ମୀନାରରେ ଏକ ପତାକା ସ୍ତମ୍ଭ ଶୋଭା ପାଉଥିଲା। ଦୁର୍ଗର ଚତୁଃପାଶ୍ୱର୍ରେ ଥିବା ଗଡ଼ଖାଇ ପଥର ଦ୍ୱାରା ବନ୍ଧା ଯାଇଥିଲା। ଏହାର ଓସାର ୨୦ୟାଡର୍ ଓ ଗଭୀରତା ୭ଫୁଟ। କୁମ୍ଭୀର ମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଓ ଓସାରିଆ ଗଭୀର ଗଡ଼ଖାଇ ଦୁର୍ଗ ରକ୍ଷାର ପ୍ରଧାନ ଅବଲମ୍ବନ ଥିଲା। ଖୋର୍ଦ୍ଧାର ରାଜା ମୁକୁନ୍ଦ ଦେବ ଓ ତାଙ୍କ ପୁଅ ଏକଦା ବାରବାଟୀ ଦୁର୍ଗ ଭିତରେ ଥିବା ମନ୍ଦିର କୋଠରୀରେ ନଜର ବନ୍ଦୀ ହୋଇ ରହିଥିଲେ ଏହା ୧୮୧୮ ଖ୍ରୀ.ଅ. ର ଘଟଣା। କଟକର ପଥର ବନ୍ଧର ମରାମତି ସମୟରେ ଅର୍ଥାତ୍ ୧୮୨୮ ମସିହା ଅପ୍ରେଲ ୧୦ ତାରିଖରେ ତତ୍କାଳୀନ କମିଶନର ଟମାସ ପ୍ୟାକେନହାମ୍ କମାଣ୍ଡିଂ ଅଫିସର ଲେଫଟ୍ଟନାଣ୍ଟ କର୍ଣ୍ଣେଲ ଟଡକୁ ଚିଠିରେ ଲେଖିଲେ ଯେ ବାରବାଟୀ ଦୁର୍ଗର ପଥର ଏଥି ନିମିତ୍ତ ଉପଯୋଗ କରାଯାଇପାରେ।

୧୧୩୨ରେ ରାଜା ଚୋଡ଼ଗଙ୍ଗ ଦେବ କଟକର ସୋମବଂଶୀୟ ରାଜା ସୁବର୍ଣ୍ଣ କେଶରୀଙ୍କୁ ପରାସ୍ତ କରି କଳିଙ୍ଗ ନଗରରେ ଥିବା ତାହାଙ୍କ ରାଜଧାନୀକୁ କଟକର ସାରଙ୍ଗଗଡ଼କୁ ଉଠାଇ ଆଣିଥିଲେ। ତୃତୀୟ ଅନଙ୍ଗଭୀମ ଦେବଙ୍କ ତାମ୍ର ଫଳକର ଉଲ୍ଲେଖ ଅନୁଯାୟୀ ରାଜଧାନୀ ଅଭିନବ ଯଜାତି ନଗର (ଚୌଦ୍ୱାର-କଟକରୁ ଅଭିନବ ବାରଣାସୀ କଟକ) (ବିଡ଼ାନାସୀ କଟକକୁ) ସ୍ଥାନାନ୍ତରିତ ହୋଇଥିଲା। ଅତଏବ ସୋମବଂଶୀୟ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଚୌଦ୍ୱାର କଟକରୁ ରାଜଧାନୀ ବିଡ଼ାନାସୀ କଟକକୁ ସ୍ଥାନାନ୍ତରିତ ହୋଇ ସେହିଠାରେ ବାରବାଟୀ ଦୁର୍ଗ ନିର୍ମିତ ହୋଇଥିଲା। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ତାଙ୍କ "ଅବକାଶ ଚିନ୍ତା'ର ପୃଷ୍ଠା ୪୬ରେ ଉଲ୍ଲେଖ କରିଛନ୍ତି - "ଶୁଭ୍ର ଶୈଳ ସମ ବିଶାଳ ସଉଧ, ଶିର ଟେକି ଦିନେ ଭେଦିଣ ବଉଦ। ଗମ୍ଭୀର ଗରବେ ହୋଇଥିଲା ଠିଆ, ଦେଖି ଯାହା ଥରୁଥିଲା ଶତ୍ରୁ ହିଆ।' ବାରବାଟୀ ଦୁର୍ଗ ଥିଲା ଅତୀତ ଉତ୍କଳର ଜୀବନ୍ତ ମୁକସାକ୍ଷୀ। ବାରବାଟୀର ଇତିହାସ ହିଁ ଉତ୍କଳର ଇତିହାସ। ଗଙ୍ଗବଂଶୀ ଶାସନର ପତନ ପରେ ଓଡ଼ିଶାର ଶାସନ ସୂର୍ଯ୍ୟବଂଶୀ ଗଜପତି ରାଜା କପିଳେନ୍ଦ୍ରଦେବ (ଖ୍ରୀଷ୍ଟ ୧୪୩୫-୧୪୬୭) ହାତକୁ ଗଲା। ରାଜା କପିଳେନ୍ଦ୍ର ଦେବ କଟକର ବାରବାଟୀ ଦୁର୍ଗରେ ରହି ରାଜ୍ୟ ଶାସନ କରୁଥିଲେ। ତାହାଙ୍କ ପୁତ୍ର ପୁରୁଷୋତ୍ତମ ଦେବ (ଖ୍ରୀଷ୍ଟ୧୪୬୭-୧୪୯୭)ଙ୍କ ରାଜତ୍ୱ ସମୟରେ ଏହି ବାରବାଟୀ ଦୁର୍ଗର ଅଶ୍ୱାରୋହୀ ଓ ସୈନ୍ୟ ମାନଙ୍କୁ ନେଇ ରାଜା ପୁରୁଷୋତ୍ତମ କାଞ୍ଚି ଅଭିଯାନରେ ବାହାରିଲେ। ଓଡ଼ିଆ ଜାତିର ଗର୍ବ ଓ ଗୌରବ ଓ ଅନେକ ରାଜା ମହାରାଜା, ସେନା, ସେନାପତିଙ୍କ ବୀର ଦୁର୍ଗର ବୀରତ୍ୱ ପାଣି ଫୋଟକା ଭଳି ଉଭେଇ ଯାଇଛି କିନ୍ତୁ ମଥାଟେକି ପଡ଼ିଯାଇଛି ମୁକସାକ୍ଷୀ ଭଳି ଏହି ଭଗ୍ନ ବାରବାଟୀ।

କବିବର ରାଧାନାଥଙ୍କ ଭାଷାରେ - "ବାରବାଟୀ ଯହିଁ ମନସ୍ମୃତି ପୋତେ, ବହିଯାଏ ପ୍ରତିଲୋମେ କାଳସ୍ରୋତେ। କାଳେ କାଳେ କେତେ ଦେଖି ଯେ ଆସିଲା ନଶ୍ୱର ନଗରର ଗାରିମାର ଲୀଳା।' ଅତଏବ ବୀର ଓଡ଼ିଆର ରକ୍ତ ମାଂସରେ ଗଢ଼ା ଏହି ବାରବାଟୀ ଦୁର୍ଗ କେବେ ମୃତ ହୋଇ ଜୀବନ ସ୍ମୃତିରୁ ଲିଭିଯିବ ନାହିଁ କି ହଜିଯିବ ନାହିଁ। ବରଂ ତାହା ଇତିହାସ ଓ କିମ୍ବଦନ୍ତୀ ହୋଇ ଲୋକଲୋଚନରେ ଯୁଗ ଯୁଗ ଧରି ଓଡ଼ିଆ ଜାତିକୁ ଉଦବୁଦ୍ଧ କରିବ। ଜୀର୍ଣ୍ଣଶୀର୍ଣ୍ଣ ଏହି ବାରବାଟୀ ଦୁର୍ଗ ସାତଶହ ବର୍ଷର ସ୍ମୃତି ବକ୍ଷରେ ଧାରଣ କରି ଏହି ଜାତିକୁ ଜାଗ୍ରତ ଓ ସଚେତନ କରିବ। ଓଡ଼ିଆର ସେ ବୀରତ୍ୱ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଶିଳ୍ପନୈପୁଣ୍ୟର ପୀଠସ୍ଥଳୀ। ସେହି ପବିତ୍ର ଗୌରବମୟ ଅତୀତ ଇତିହାସର ନୀରବ ସାକ୍ଷୀ ସେହି ମହାନ ବାରବାଟୀ କି ଥିଲା ଆଜି କି ହୋଇଛି?

କବିଙ୍କ ସେହି ସ୍ମୃତିର ଟିକିଏ - "ବାରବାଟୀ ଦୁର୍ଗେ ଉଡୁ ନାହିଁ ଧ୍ୱଜା, ବାରବାଟୀ ଦୁର୍ଗେ ବାଜୁନାହିଁ ବାଜା। ସୁପ୍ତ ବାରବାଟୀ ମୃତ ଶୈଳ ପ୍ରାୟ, କାନ୍ଦେ ପଡ଼ି ଘୋର କଷଣେ।'

**ଗୋତରା, ମାହାଙ୍ଗା, କଟକ, ମୋବାଇଲ୍: ୯୪୩୭୧୪୨୭୧୭**

# ଅବତାର କଥାର ମାନେ କ'ଣ ?

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ?

ଜଣେ କଥା ପ୍ରସଙ୍ଗରେ ପ୍ରଶ୍ନ କରିଲେ - ଶ୍ରୀ କୃଷ୍ଣଙ୍କୁ କେହି କେହି କାଳର ଅବତାର କହନ୍ତି। ତାର ମାନେ କ'ଣ? ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - କାଳର ଅବତାର ପୁଣି କ'ଣ? ଆମ୍ଭ ମାନଙ୍କର ଏହି ଯେ ସାଧନାର ପଥ, ଶ୍ରୀକୃଷ୍ଣ ତା'ର ଜଣେ ପୂର୍ବତନ ଗୁରୁ, ଯେପରି ମୈନୁଦ୍ଦୀନ ଚିସ୍ତୀ, ମୌଲାମ ରୁମ ପ୍ରଭୃତି ଥିଲେ। ବହିରାଗତ ଜଣେ ଭଦ୍ରଲୋକ - ସେ ସତ୍ୟ ପୁରୁଷଙ୍କର ଅବତାର। ନା କାଳର ଅଧୀନ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ଅବତାର ହେଲେ ହିଁ ତାଙ୍କୁ କାଳର ମଧ୍ୟରେ ଆସିବାକୁ ହୁଏ। ସେ କାଳର ମଧ୍ୟରେ ଆସିଲେ ବି କାଳର ଉପରେ ରହନ୍ତି। ଅବତାର କଥାର ମାନେ ଦୁଇଟା ଅଛି। ପ୍ରଥମରେ ଯିଏ ଅବତାରଣ କରନ୍ତି। ଆଉ ଦ୍ୱିତୀୟରେ ଯିଏ ରକ୍ଷାକୁ ତ୍ରାଣ କରନ୍ତି। ଭଦ୍ରଲୋକ - ଅବତାର ପୁରୁଷମାନେ କ'ଣ ବିଭିନ୍ନ ସ୍ତରର ଥାନ୍ତି? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ପ୍ରତି ପଦର ଚାନ୍ଦ, ଦ୍ୱିତୀୟାର ଚାନ୍ଦ, ସପ୍ତମୀର ଚାନ୍ଦ, ପୂର୍ଣ୍ଣିମାର ଚାନ୍ଦ - ଏସବୁ ଏକଇ ଚାନ୍ଦ, ଯଦିଓ ଆମ୍ଭେମାନେ ଦେଖୁ ଛୋଟ - ବଡ଼ ସ୍ୱଷବସ୍କୁଙ୍କଶଷ ସ୍ୱଷର ସ୍ୱଷବୟର କୁଲ କୁଙ୍କସ୍ କ ସଶଭକୁସ୍କବଭମର (ଆମ୍ଭମାନଙ୍କର ଅଜ୍ଞତାର ଛାୟାର ଭିତର ଦେଇ)। ପୂର୍ବୋକ୍ତ ବ୍ୟକ୍ତି - ସତସଙ୍ଗୀ କେଉଁମାନେ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ଯେଉଁମାନେ ଦୟାଳଙ୍କୁ ଭଲ ପାଆନ୍ତି ସଭ ବଭଇ ଲକୁସ୍କଜ୍ଞ (ଯେ କୌଣସି ରକମରେ) ସେହିମାନେ ହିଁ ସତସଙ୍ଗୀ। ଉକ୍ତ ବ୍ୟକ୍ତି - ଯେଉଁମାନେ ସତସଙ୍ଗୀ ବୋଲି ପରିଚିତ, କେବଳ ସେହିମାନେ ହିଁ କି ଭଗବାନଙ୍କର ପ୍ରିୟ ଲୋକ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ତାହା କ'ଣ କେବେ ଶୁଣିଛନ୍ତି? ଜରକ୍ଷସଶସକୁଭ ଜ୍ଞବଚ ଭର ୟସଲଲରକ୍ସରଭବ୍ୱ, ଭଙ୍ଗସ୍ୱ ଉଷବକ୍ସଜ୍ଞବ ସସ୍ୱ ରଙ୍ଗରକ୍ସ କୁକ୍ସର (ଦ୍ୱିଜାଧିକରଣ ଭିନ୍ନ ହୋଇପାରେ, କିନ୍ତୁ ଧର୍ମ ଚିରଦିନ ଏକ)। ସେଥିପାଇଁ ଅବତାର ଅର୍ଥାତ୍ ବେତ୍ତାପୁରୁଷମାନେ ଏକ। ଭଦ୍ରଲୋକ - ଦଶ ପାୱାରର ବତୀ ଆଉ ହଜାର ପାୱାରର ବତୀ ତ ଏକ ନୁହଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର - ଯେତେବେଳେ ଯେଉଁଠି ଯେପରି ପ୍ରୟୋଜନ, ସେତେବେଳେ ସେଠାରେ ସେପରି ଶକ୍ତିର ଆବିର୍ଭାବ ହୁଏ। ଦଶ ପାୱାରର ଯେଉଁଟା ସେହି ପ୍ରୟୋଜନ ହେଲେ ହଜାରେ ପାୱାରରେ ପରିଣତି ହୋଇପାରେ।

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୂର୍ଣ୍ଣ କରିପାରିନାହିଁ। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ।

ଦଶ ଅବତାର ଧାରଣାଟି ଜନ୍ମ ନେଇଛି ଷଷ୍ଠ ଶତାବ୍ଦୀରେ। ତା' ପୂର୍ବରୁ କୌଣସି ଶାସ୍ତ୍ରରେ ଦଶ ଜଣ ଅବତାର ବୋଲି କୁହାଯାଇନାହିଁ। କିନ୍ତୁ ବିଷ୍ଣୁପୁରାଣ ଏବଂ ଭାଗବତରେ ବିଷ୍ଣୁଙ୍କର ଚବିଶ ଅବତାର କଥା କୁହାଯାଇଛି। ଭଗବପତ ଗୀତା ଏବଂ ଦୁର୍ଗା ସପ୍ତସତୀ ଚଣ୍ଡୀରେ ଏପରି କୌଣସି ସଂଖ୍ୟାର ଉଲ୍ଲେଖ ନାହିଁ। ଉଭୟ ଗ୍ରନ୍ଥ ଅନୁଯାୟୀ ଯେତେବେଳେ ଧର୍ମର ଗ୍ଳାନି ଘଟେ ଏବଂ ଅଧର୍ମର ଶକ୍ତି ବଢ଼େ, ସେ ଆସନ୍ତି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ସଂଖ୍ୟାର ଉଲ୍ଲେଖ ନାହିଁ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ।

ବାଲ୍ୟକାଳରୁ ଭଗବାନ ଶ୍ରୀ ଶ୍ରୀ ଠାକୁରଅନୁକୂଳଚନ୍ଦ୍ର ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଆଶ୍ରିତ ଓ ସତସଙ୍ଗୀ ମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧ୍ୟାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ "ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର କୃପା, ପ୍ରେମ ଯାହା ହିଁ ଆନନ୍ଦ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଆଶ୍ରିତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ।

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**



ଅନୀତା ପଟ୍ଟନାୟକ

# ସମ ପରିଣତି

ଗୋଟିଏ ଝିଙ୍କାଳିଆ ଆମ୍ବ ଗଛଟିଏ ଆମ ଘର ପାଖରେ ଥିଲା। ସେ ଗଛକୁ ଅନେକ ପକ୍ଷୀ - ଯଥା କୋଇଲି, ଲାଲି ଥଣ୍ଟ ଥିବା ଶୁଆ, ବଗ ଆସି ବସୁଥିଲେ। କୋଇଲିର ଶବ୍ଦ, ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ପିଲାଦିନେ ଶୁଣିବାକୁ ଭଲ ଲାଗୁଥିଲା। ବଉଳର ବାସ୍ନା ମତେ ଭାରି ଭଲ ଲାଗେ। ସମୟ ପାଇଲେ ସେ ଗଛମୂଳେ ମୁଁ ବସେ। କେତେଥର ପାଚିଲା ଆମ୍ବକୁ ପବନ ଆମ୍ବ ଗଛ ଦେଇ ଯିବା ବେଳେ ସେ ମୋ କୋଳରେ ତାହାକୁ ଫିଙ୍ଗି ଦେଇଛି। କେତେ ରାସ୍ତା ବାଟୋଇଙ୍କର ଖରା ଦିନେ ସେ ଆଶ୍ରୟସ୍ଥଳ ପାଲଟିଛି। ପ୍ରତିଦାନରେ ବଗୁଲିଆ ପିଲାଙ୍କ ଠାରୁ ଢେ଼ଲା ମାଡ଼ ଖାଇଛି। ପୂଜା ପାର୍ବଣରେ ଆମ୍ବଡାଳକୁ ଛିଣ୍ଡାଇ ନେଇ ବ୍ୟବସାୟୀମାନେ ତାହାକୁ ବିକ୍ରି କରିଛନ୍ତି। ଏପରି ସମୟ ଆସିଲା, ଆମ୍ବଗଛରେ ଆଉ ପତ୍ର ରହିଲା ନାହିଁ। ସେ ଥୁଣ୍ଟ ଗଛରେ ପରିଣତ ହେଲା। ସମୟକ୍ରମେ ପକ୍ଷୀମାନେ ଆଉ ସେଠାକୁ ଆସିଲେ ନାହିଁ ମୁଁ କିନ୍ତୁ ତା ନିଟକୁ ଯାଏ। ଗଛଟି ଦିନେ ମତେ କହିଲା ହୃଦ+ଦୟା ହେଉଛି ହୃଦୟ। ଏହା ମାଟିରେ ରୋପଣ କରାଯାଏ ନାହିଁ। ମଣିଷର ହୃଦୟରେ ତାହା ଜାଗ୍ରତ ହେବା ଉଚିତ। କିଛି ଦିନ ପରେ ତାର କାଠଗଣ୍ଡିରୁ କେତେକ ଖଳ ପ୍ରକୃତିର ଲୋକ ମେସିନ ଜରିଆରେ କାଟି ନେଲେ। ମୁଁ ପଚାରିବାରୁ ସେମାନେ କହିଲେ ଏହି ଥୁଣ୍ଟା ଗଛଟିର କୌଣସି ମୂଲ୍ୟ ନାହିଁ। ତାର କାଠଗଣ୍ଡି ଗୁଡ଼ିକ କବାଟ ଝରକା ହେବାରେ ସାହାଯ୍ୟ କରିବ। ଏହିପରି ଭାବରେ ଆମ୍ବଗଛଟି ସହିତ ମୋର ବନ୍ଧୁତ୍ୱ ସରି ଯାଇଥିଲା। ମୋର ବିବାହ ହେଲା, ମୋର ସ୍ୱାମୀ ଗୋଟିଏ ନୂଆ ସ୍ଥାନକୁ ବଦଳି ହୋଇ ଗଲେ। ସେ ମୋର ସୁଖ ପାଇଁ ଓ ପିଲାମାନଙ୍କର ସୁସ୍ଥ ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ଏକ ସୁନ୍ଦର ଘର ତିଆରି କରିଥିଲେ। ଘରଟିକୁ ସୁନ୍ଦର ଭାବେ ସଜ୍ଜାସଜି କରି ରଖିବାର ଦାୟିତ୍ୱ ମୋ ଉପରେ ଥିଲା। ଧୀରେ ଧୀରେ ପିଲା ମାନଙ୍କର ବିବାହ ହେଲା ଓ ଘର, ନାତି, ନାତୁଣୀଙ୍କର କୋଳାହଳରେ ଫାଟି ଉଠିଲା। ମୋର ସ୍ୱାମୀ ସାଜସଜ୍ଜାପୂର୍ଣ୍ଣ ଘର ଭଲ ପାଉଥିବାରୁ ଚାକରବାକର ନରଖି ମୁଁ ନିଜେ ଚାରିଆଡ଼େ ସଫା ସୁତୁରା କରି ରଖେ। ସ୍ୱାମୀଙ୍କ ମୃତ୍ୟୁପରେ ମୋର ବୃଦ୍ଧା ଅବସ୍ଥା ଯୋଗୁଁ ଚିଡ଼ିଚିଡ଼ାପଣ, ବିଭିନ୍ନ ପ୍ରକାର ରୋଗ ଧୀରେ ଧୀରେ ମତେ ମାଡ଼ି ବସିବାକୁ ଲାଗିଲା। ନାତିନାତୁଣୀମାନେ ଓ ଆଧୁନିକ ସଭ୍ୟତାର ବୋହୂମାନେ ଘର ସଜାଡ଼ିବା ଶିଖିଲେ ନାହିଁ। ବହି, ଖାତାପତ୍ର, ପେନ, ପେନସିଲ, ରବର ସେମାନଙ୍କର ପଢ଼ା ଟେବୁଲ ଉପରେ ନରଖି ଏଣେତେଣେ ଫିଙ୍ଗି ଦେଉଥିଲେ। ଏପରିକି ଲୁଗାପଟା ମଧ୍ୟ ଠିକ ଜାଗାରେ ରଖୁନଥିଲେ। ମୁଁ ଚିଡ଼ିଚିଡ଼ା ହେଉଥିଲେ ମଧ୍ୟ ସେ ସବୁ ଗୋଟାଇ ଘରକୁ ଠିକ କରି ରଖେ। ନାତିନାତୁଣୀ ମାନଙ୍କୁ କହେ ତୁମେ କେବେ ବି ସୁଧୁରିବ ନାହିଁ। କାରଣ ତୁମେ ଚାହୁଁଥିବା ସମସ୍ତ ଜିନିଷ ତୁମ ବାପା, ମା'ମାନେ ତୁମକୁ କିଣି ଦେଉଛନ୍ତି। ଅଭାବ କ'ଣ ତୁମେ ଜାଣିଲ ନାହିଁ। ଧୀରେ ଧୀରେ ମୋର ପିଲାମାନେ ସେମାନଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ବିଦେଶ ଗ୍ରସ୍ତ କଲେ। କିଏ ବାଙ୍ଗାଲୋର ତ କିଏ ଆମେରିକା, ଲଣ୍ଡନ ବିଭିନ୍ନ ସ୍ଥାନକୁ ଚାଲିଗଲେ। ମୋର ଘର ଖାଲି ରହିଲା। ଯେଉଁ ଘର ଦିନେ ଅସଜଡ଼ା ହୋଇ ଯାଉଥିଲା ବୋଲି ଘରେ ପାଟିତୁଣ୍ଡ ହେଉଥିଲା ଓ ମୁଁ ଚିଡ଼ିଚିଡ଼ି ହେଉଥିଲେ ସେ ଘର ଏବେ ଶାନ୍ତ ହୋଇଗଲା। କଲିଙ୍ଗବେଲ ବାଜିଲେ ନାତି ନାତୁଣୀମାନେ କାହିଁକି କବାଟ ଖୋଲି ଦେଉଛନ୍ତି ମୁଁ ପାଟି କରୁଥିଲି। କିନ୍ତୁ ଆଜି କଲିଙ୍ଗବେଲ ବାଜିଲେ ମତେ ନିଜେ ଯାଇ କବାଟ ଖୋଲିବାକୁ ପଡୁଛି।

ଖାଲି ଦୂରରେ ରହି ଦୂରଭାଷରେ ମୋ ସହିତ ମୋର ପିଲାମାନେ ଓ ନାତିନାତୁଣୀମାନେ କଥା ହେବାକୁ ଲାଗିଲେ। ଘର ଛାଡ଼ି ସେମାନଙ୍କ ନିକଟକୁ ବିଦେଶକୁ ଚାଲି ଆସିବା ପାଇଁ ମତେ ଉପଦେଶ ଦେଲେ। ମୁଁ କିନ୍ତୁ ମୋ ସ୍ୱାମୀଙ୍କର ମୋ ପାଇଁ ଅତି ସ୍ନେହରେ କରିଥିବା ଘରଟିକୁ ଛାଡ଼ି କେଉଁଆଡ଼େ ଯିବାକୁ ଚାହୁଁନଥିଲି। ଦିନେ ମୋର ଗୋଡ଼ ଶୌଚାଳୟରେ ପଡ଼ି ଭାଙ୍ଗିଗଲା। ବାହାର ଲୋକଙ୍କ ସହାୟତାରେ ମୋର ଗୋଡ଼ିକୁ ଜଣେ ହାଡ଼ଭଙ୍ଗା ଡାକ୍ତର ପାଖକୁ ସଜାଡ଼ିବାକୁ ଗଲି କିନ୍ତୁ ମୁଁ ଆଉ ଘରକୁ ଫେରିଲି ନାହିଁ। ବିଦେଶରେ ରହୁଥିବା ମୋର ପିଲାମାନେ ଡାକ୍ତରଖାନାରୁ ବୃଦ୍ଧାଶ୍ରମକୁ କିପରି ଯିବି ତାର ବ୍ୟବସ୍ଥା କରିଦେଲେ। ମତେ ବୃଦ୍ଧାଶ୍ରମ ଭଲ ଲାଗୁନାହିଁ। ମୋର ସେ ସାଜସଜ୍ଜାପୂର୍ଣ୍ଣ ଘର ନାତି ନାତୁଣୀଙ୍କର ଏଣେତେଣେ ଫିଙ୍ଗି ଦେଇଥିବା ପଦାର୍ଥ, ମୋର ପିଲାମାନଙ୍କ ଉପରେ ହେଉଥିବା ରାଗ ଅଭିମାନ ମୋର ମନେ ପଡୁଛି। କିନ୍ତୁ ହାୟ ମୁଁ ମଧ୍ୟ ମୋର ପିଲା ଦିନର ବନ୍ଧୁ ଆମ୍ବଗଛ ପରି ପାଲଟି ଯାଇଛି। ଗତକାଲି ଗୋଟିଏ ସମାଜ ସେବୀ ସଂଗଠନ ବୃଦ୍ଧାଶ୍ରମକୁ ଆସିଥିଲେ। ମୁଁ ମୋର ଶରୀରର ଅଙ୍ଗସବୁ ସମାଜ ସେବା ପାଇଁ ଦାନ କରିଦେଇଛି ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ରହିଛି।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ମୋବାଇଲ୍: ୯୬୯୨୯୮୦୦୨୬

# ଘର ଭାଙ୍ଗିବା ପରେ ରକ୍ତମୁଖା ଆତଙ୍କବାଦୀ

## କାଶ୍ମୀରରେ ପୁଣି ଟିଆରଏଫର ଆକ୍ରମଣ ଯୋଜନା



**ନୂଆଦିଲ୍ଲୀ, ୩୦।୪:** ଜମ୍ମୁ-କାଶ୍ମୀରରେ କାଶ୍ମୀର ପଣ୍ଡିତ ଏବଂ ଅଣ-ମୁସଲମାନ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରି ଲସ୍କର-ଇ-ତୋଏବା ପ୍ରୋକ୍ସି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ପୁଣି ଥରେ ଆକ୍ରମଣ କରିବାକୁ ଯୋଜନା କରୁଛି ବୋଲି ଗୁଇନ୍ଦା ଏଜେନ୍ସିମାନେ ଚେତାବନୀ ଦେଇଛନ୍ତି। ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା କାଶ୍ମୀରରେ ଏହି ସତର୍କ ସୂଚନା ଜାରି କରାଯାଇଛି। ସ୍ଥାନୀୟ ଆତଙ୍କବାଦୀଙ୍କ ବିରୋଧରେ ସେମାନଙ୍କ ଘର ଭାଙ୍ଗିବା ସମେତ ତୀବ୍ର କାର୍ଯ୍ୟାନୁଷ୍ଠାନ ପରେ ଏପରି ଧମକ ପଦାକୁ ଆସିଛି।

ସୂତ୍ରରୁ ପ୍ରକାଶ ଯେ ପହଲଗାମ ପରେ ସକ୍ରିୟ ଆତଙ୍କବାଦୀଙ୍କ ସହ ଜଡ଼ିତ ୯ଟି ଘରକୁ କର୍ତ୍ତୃପକ୍ଷ ଉଚ୍ଛେଦ କରିବା ପରେ ଟିଆରଏଫ ଏହାର ଜବାବ ଦେବାକୁ ଚେଷ୍ଟା କରୁଛି। ଏହି ସଙ୍ଗଠନରେ ଆଫଗାନିସ୍ତାନରେ ଯୁଦ୍ଧ କ୍ଷେତ୍ରର ଅଭିଜ୍ଞତା ଥିବା ବିଦେଶୀ ଆତଙ୍କବାଦୀ ଅଛନ୍ତି, ଯେଉଁମାନେ ବର୍ତ୍ତମାନ ପାକିସ୍ତାନୀ ହେଣ୍ଡଲରଙ୍କ ଦ୍ୱାରା କାଶ୍ମୀରକୁ ଅନୁପ୍ରବେଶ କରିଛନ୍ତି। ନିକଟରେ ଏକ ଭିଡିଓରେ ଟିଆରଏଫ ଚେତାବନୀ ଦେଇଛି ଯେ ଯଦି ଏହି କାର୍ଯ୍ୟାନୁଷ୍ଠାନ ଜାରି ରହେ ତେବେ ଆହୁରି ହିଂସା କାଣ୍ଡ ଘଟିବ । ପହଲଗାମ ଆକ୍ରମଣରୁ ସର୍ବସାଧାରଣରେ ନିଜକୁ ଦୂରେଇ ରଖିଥିଲେ ମଧ୍ୟ ଏଜେନ୍ସିମାନେ ସନ୍ଦେହ କରୁଛନ୍ତି ଯେ ଏହି ସଂଗଠନ ସକ୍ରିୟ ଏବଂ ଲସ୍କର-ଇ-ତୋଏବା ସହ ଆଦର୍ଶଗତ ଭାବେ ଜଡ଼ିତ ରହିଛି। ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବାହିନୀ କ୍ୱିକ୍ ରିଆକ୍ସନ ଟିମ୍ ସମେତ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କୁ କଡ଼ାକଡ଼ି କରିବା ସହ ରୋଡ୍ ଓପନିଂ ପାର୍ଟି ଓ ଚେକ୍ ପଏଣ୍ଟ ଡ୍ୟୁଟି ସମୟରେ ସତର୍କତା ବଢ଼ାଇଛି। ଡ୍ୟୁଟି ସମୟରେ ମୋବାଇଲ ଫୋନ୍ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି।

ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ସମ୍ଭାବ୍ୟ ଟାର୍ଗେଟ ଚାରିପାଖରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି ଏବଂ ସମ୍ବେଦନଶୀଳ ଅଞ୍ଚଳରେ ତଦାରଖ ବଢ଼ାଇବା ଏବଂ ଅନିୟମିତ ଗତିବିଧିକୁ ରୋକିବା ପାଇଁ ସମସ୍ତ ପୁଲିସ, ସେନା ଏବଂ ଅର୍ଦ୍ଧସାମରିକ ୟୁନିଟକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯-୨୦୨୦ ମସିହାରେ ଉଭା ହୋଇଥିବା ଟିଆରଏଫ ଅତୀତରେ ଅନେକ ଆକ୍ରମଣ ଦାବି କରିଛି ଏବଂ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଣାଶୁଣା ଏବଂ ନିଜକୁ ପାକିସ୍ତାନ ସମର୍ଥିତ ଉତ୍ପତ୍ତିକୁ ଲୁଚାଇବା ପାଇଁ ଏକ ସ୍ଥାନୀୟ ଆନ୍ଦୋଳନ ଭାବରେ ଉପସ୍ଥାପିତ କରିଛି ।

## ନିୟନ୍ତ୍ରଣ ରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ

# ପାକିସ୍ତାନକୁ କଡ଼ା ଚେତାବନୀ ଦେଲା ଭାରତ



**ନୂଆଦିଲ୍ଲୀ, ୩୦।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ବେଳେ ପାକିସ୍ତାନ ସେନାର ଅସ୍ତ୍ରବିରତି ଉଲ୍ଲଂଘନକୁ ଦୃଷ୍ଟିରେ ରଖି ଉଭୟ ଦେଶର ସାମରିକ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମ୍ଓ) ମଙ୍ଗଳବାର ହଟଲାଇନରେ ଆଲୋଚନା କରିଛନ୍ତି। ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନିୟନ୍ତ୍ରଣ ରେଖା (ଏଲଓସି) ରେ ବାରମ୍ବାର ଏଭଳି ଉଲ୍ଲଂଘନକୁ ନେଇ ଭାରତ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛି।

ଗତକାଲି ସକାଳ ପର୍ଯ୍ୟନ୍ତ ଅସ୍ତ୍ରବିରତି ଉଲ୍ଲଂଘନ ନିୟନ୍ତ୍ରଣ ରେଖାରେ ସୀମିତ ରହିଥିଲା। ତେବେ ଗତକାଲି ବିଳମ୍ବିତ ରାତିରେ ଜମ୍ମୁର ପରଗୱାଲ ସେକ୍ଟରରେ ଅନ୍ତର୍ଜାତୀୟ ସୀମାରେ ପାକିସ୍ତାନୀ ସେନା ଗୁଳି ଚଳାଇବା ପରେ ପରିସ୍ଥିତି ଗମ୍ଭୀର ହୋଇଥିଲା। ଉଭୟ ସେନା ଓ ନୌସେନା ସତର୍କ ରହିବା ସହ ପାକିସ୍ତାନୀ ସେନା ସମ୍ଭାବ୍ୟ ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଖବର ପ୍ରକାଶ ପାଇବା ପରେ ଏହା ସାମ୍ନାକୁ ଆସିଛି। ସାମରିକ ପ୍ରତିଷ୍ଠାନ ସୂତ୍ରରୁ ପ୍ରକାଶ ଯେ ପାକିସ୍ତାନ ବାୟୁସେନା ବିମାନ ଚଳାଚଳକୁ ୫୦% ରୁ ଅଧିକ ହ୍ରାସ କରିଛି ଏବଂ କେବଳ ଆକାଶମାର୍ଗରେ ଦ୍ୱନ୍ଦ୍ୱ ଏଡ଼ାଇବା ପାଇଁ କାର୍ଯ୍ୟକଳାପକୁ ଅତ୍ୟାବଶ୍ୟକ ମିଶନରେ ସୀମିତ ରଖିଛି।

ଆସନ୍ତା ୨୪ରୁ ୩୬ ଘଣ୍ଟା ମଧ୍ୟରେ ଭାରତୀୟ ଆକ୍ରମଣ ହେବ ବୋଲି ଆଶା ରଖି ପାକିସ୍ତାନର ଜଣେ ମନ୍ତ୍ରୀ ସେନାର ମାନସିକତାର ସଙ୍କେତ ଦେଇସାରିଛନ୍ତି। ଅନ୍ତର୍ଜାତୀୟ ସୀମାରେ ଥିବା ପର୍ଗୱାଲ ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ ପରେ ଭାରତୀୟ ଯବାନମାନେ ପାକିସ୍ତାନର ଆକ୍ରମଣର ତ୍ୱରିତ ଏବଂ ମାପକ ଢଙ୍ଗରେ ଜବାବ ଦେବାରୁ ଅତିରିକ୍ତ ବିଏସଏଫ ଯବାନଙ୍କୁ ମୁତୟନ କରାଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ମୁତୟନ ଥିବା ସେନା ଯବାନମାନେ ସାମ୍ପ୍ରତିକ ପରିସ୍ଥିତି ଏବଂ ଜାରି ରହିଥିବା ଅସ୍ତ୍ରବିରତି ଉଲ୍ଲଂଘନ ସମ୍ପର୍କରେ ସାମରିକ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ)ଙ୍କୁ ଅବଗତ କରାଇଥିଲେ। ନିୟନ୍ତ୍ରଣ ରେଖାର ରାଜୌରୀ ଜିଲ୍ଲାର ନୌଶେରା ଓ ସୁନ୍ଦରବନୀ ସେକ୍ଟର, ଜମ୍ମୁର ଅଖନୁର ସେକ୍ଟର ଏବଂ କାଶ୍ମୀରର ବାରାମୁଲା ଓ କୁପୱାରା ଜିଲ୍ଲାରେ ସଦ୍ୟତମ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି। ପହଲଗାମ ଆକ୍ରମଣ ପରେ ପାକିସ୍ତାନ ପକ୍ଷରୁ ବାରମ୍ବାର ସୀମାପାର ଗୁଳିବିନିମୟ ଘଟି ଚାଲିଛି।

# ଚନ୍ଦ୍ରର ଶିବ ଶକ୍ତି ପଏଣ୍ଟରେ ଚନ୍ଦ୍ରଯାନ-୩ର ବଡ଼ ଆବିଷ୍କାର



**ନୂଆଦିଲ୍ଲୀ, ୩୦।୪:** ଭାରତର ଚନ୍ଦ୍ରଯାନ-୩ ଅଭିଯାନ ଚନ୍ଦ୍ରର ଶିବ ଶକ୍ତି ପଏଣ୍ଟରେ ପ୍ରାଚୀନ ଚନ୍ଦ୍ରର ମାଣ୍ଟେଲ ପଦାର୍ଥର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଉନ୍ମୋଚନ କରି ଚନ୍ଦ୍ରର ଅସ୍ଥିର ଇତିହାସ ଏବଂ ଆଭ୍ୟନ୍ତରୀଣ ଗଠନ ଉପରେ ନୂତନ ଆଲୋକପାତ କରିଛି। ପ୍ରଜ୍ଞାନ ରୋଭରରେ ଥିବା ଆଲଫା ପାର୍ଟିକାଲ ଏକ୍ସ-ରେ ସ୍ପେକ୍ଟ୍ରୋମିଟର (ଏପିଏକ୍ସଏସ)ର ତଥ୍ୟରୁ ଜଣାପଡିଛି ଯେ ଦକ୍ଷିଣ ଉଚ୍ଚ ଅକ୍ଷାଂଶ ମାଟିରେ ସଲଫର ସାନ୍ଦ୍ରତା ବୃଦ୍ଧି ସହିତ ସୋଡିୟମ ଏବଂ ପୋଟାସିୟମ ସ୍ତର ମଧ୍ୟ ଅନିୟମିତ ଭାବରେ କମ୍ ରହିଛି । ଆପୋଲୋ, ଲୁନା ଏବଂ ଚାଙ୍ଗେ ମିଶନରୁ ସଂଗ୍ରହ କରାଯାଇଥିବା ନମୁନାଠାରୁ ଏହା ସମ୍ପୂର୍ଣ୍ଣ ବିପରୀତ । ଅହମ୍ମଦାବାଦର ଭୌତିକ ଗବେଷଣା ପରୀକ୍ଷାଗାର କହିଛି ଯେ ଅନ୍ୟ ଉଚ୍ଚସ୍ଥାନରେ ଥିବା ସ୍ତରଠାରୁ ଅଧିକ ଥିବା ସଲ୍ଫର ସମୃଦ୍ଧିକୁ ଏହି ଅଞ୍ଚଳର ଉଚ୍ଚ ତାପମାତ୍ରା ହେତୁ ଉଲ୍କାପିଣ୍ଡ ଅବଦାନ କିମ୍ବା ଭୂପୃଷ୍ଠ ଘନୀଭୂତ ପ୍ରକ୍ରିୟା ଦ୍ୱାରା ବର୍ଣ୍ଣନା କରାଯାଇପାରିବ ନାହିଁ। ବରଂ ବୈଜ୍ଞାନିକମାନେ ପ୍ରାୟ ୪.୩ ବିଲିୟନ ବର୍ଷ ପୂର୍ବେ ଦକ୍ଷିଣ ମେରୁ-ଏଟକେନ (ଏସପିଏ) ଅବବାହିକା ଦ୍ୱାରା ପ୍ରାଚୀନ ଚନ୍ଦ୍ର ଭଣ୍ଡାରରୁ ଖନନ କରାଯାଇଥିବା ପଦାର୍ଥକୁ ଦାୟୀ କରିଛନ୍ତି। ପୋଟାସିୟମ/ଫସଫରସ୍/ବିରଳ-ପୃଥିବୀ-ତତ୍ତ୍ୱ ସମ୍ପନ୍ନ କେଆରଇପି ସ୍ତର ସୃଷ୍ଟି ହେବା ପୂର୍ବରୁ ଏହି ଘଟଣା ଘଟିଥିଲା, ଯାହା ପ୍ରୋସେଲରମ୍ କେଆରଇପି ଟେରେନ (ପିକେଟି) ଉପରେ ପ୍ରାଧାନ୍ୟ ରଖିଥିଲା ଯେଉଁଠାରେ ପୂର୍ବ ଅଭିଯାନ ଅବତରଣ କରିଥିଲା। ଏପିଏକ୍ସଏସ୍ ଡାଟା ଚନ୍ଦ୍ର ମ୍ୟାଗ୍ମା ମହାସାଗରର ଧାରଣାକୁ ସମର୍ଥନ କରେ, ଯେଉଁଥିରେ କୁହାଯାଇଛି ଯେ ପ୍ରାରମ୍ଭିକ ମ୍ୟାଗ୍ମା ଥଣ୍ଡା ସମୟରେ ପୃଷ୍ଠରେ ପ୍ଲାଜିଓକ୍ଲେଜ୍ ସ୍ଫଟିକ୍ ଭାବରେ ଚନ୍ଦ୍ରର ଭୂପୃଷ୍ଠ ସୃଷ୍ଟି ହୋଇଥିଲା । ଏସପିଏ ପ୍ରଭାବରେ ଉପର ଭୂପୃଷ୍ଠରୁ ଫେରୋଆନ ଆନୋଥୋସାଇଟ୍, ହାଲୁକା ରଙ୍ଗର କ୍ୟାଲସିୟମ ଯୁକ୍ତ ପଥର ଏବଂ ନିମ୍ନ ଭୂପୃଷ୍ଠ/ଉପର ମାଣ୍ଟେଲରୁ ମ୍ୟାଗ୍ନେସିୟମ ଏବଂ କ୍ଷାର ତତ୍ତ୍ୱରେ ଭରପୂର ଏମଜି-ସୁଇଟ୍ ପଥରର ମିଶ୍ରଣ ଦେଖିବାକୁ ମିଳିଥିଲା, ଯାହା ପ୍ରାକ୍-କେଆରଇପି ଚନ୍ଦ୍ର ରସାୟନବିଜ୍ଞାନର ଏକ ବିରଳ ଝଲକ ପ୍ରଦାନ କରିଥିଲା। ଚନ୍ଦ୍ରର ଭୂ-ରାସାୟନିକ ବିବିଧତା ବିଷୟରେ ପୂର୍ବ ଧାରଣାକୁ ଚ୍ୟାଲେଞ୍ଜ କରି ଏହି ଆବିଷ୍କାର ଏକ ଅଣ-ପିକେଟି ଅଞ୍ଚଳରୁ ପ୍ରଥମ ଅସ୍ଥିର ତତ୍ତ୍ୱ ବିଶ୍ଳେଷଣ ଅଟେ ।

ସଲଫର ଯୁକ୍ତ ପଦାର୍ଥ ଭବିଷ୍ୟତର ଇନ୍-ସିଟୁ ସମ୍ବଳ ବ୍ୟବହାର ରଣନୀତି ବିଷୟରେ ସୂଚନା ଦେଇପାରେ, କାରଣ ସଲଫର ଚନ୍ଦ୍ର ଭିତ୍ତିଭୂମି ପାଇଁ ଏକ ସମ୍ଭାବ୍ୟ ବିଲ୍ଡିଂ ବ୍ଲକ । ଏହାବ୍ୟତୀତ, ଅନୁସନ୍ଧାନଗୁଡିକ ଶିବ ଶକ୍ତି ପଏଣ୍ଟର ମୂଲ୍ୟକୁ ପ୍ରାଥମିକ ମାଣ୍ଟେଲ ପଦାର୍ଥର ନମୁନା ସଂଗ୍ରହ ପାଇଁ ଏକ ସ୍ଥାନ ଭାବରେ ସୁଦୃଢ଼ କରିଥାଏ, ଯାହା ଚନ୍ଦ୍ରର ପ୍ରାରମ୍ଭିକ ବିବର୍ତ୍ତନ ସମୟରେ ଲାଭା ସ୍ଫଟିକରଣ ଏବଂ ଅସ୍ଥିର ବିତରଣର ସମୟକୁ ସ୍ପଷ୍ଟ କରିପାରେ । ଚନ୍ଦ୍ରଯାନ-୩ର ଅନୁସନ୍ଧାନରୁ ଜଣାପଡିଛି ଯେ ଚନ୍ଦ୍ର ବିଜ୍ଞାନର ଅଗ୍ରଗତିରେ ଭାରତର ଭୂମିକା ବୃଦ୍ଧି ପାଉଛି, ଚନ୍ଦ୍ରର ଭୂତାତ୍ତ୍ୱିକ ଇତିହାସକୁ ଡିକୋଡ୍ କରିବା ଏବଂ ନିରନ୍ତର ମାନବ ଅନୁସନ୍ଧାନ ପାଇଁ ପ୍ରସ୍ତୁତି ପାଇଁ ବିଶ୍ୱସ୍ତରୀୟ ପ୍ରୟାସ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଛି ।

# ପାକିସ୍ତାନ ଜିନ୍ଦାବାଦ କହିବାରୁ ଲୋକେ ପିଟିପିଟି ମାରିଦେଲେ



**ମାଙ୍ଗାଲୋର,୩୦।୪:** ଚାଲିଥିଲା ଏକ କ୍ରିକେଟ୍ ମ୍ୟାଚ୍ । ଖେଳ ଦେଖୁଥିଲେ ସ୍ଥାନୀୟ ଲୋକେ । କିଛି କଥାକୁ ନେଇ ଯୁକ୍ତିତର୍କ ହେଲା । ଏତିକିବେଳେ ଜଣେ କହିବାକୁ ଲାଗିଲା ପାକିସ୍ତାନ ଜିନ୍ଦାବାଦ୍। ବାସ୍ ତାପରେ ରାଗିଗଲେ ସେଠାରେ ରୁଣ୍ଡ ହୋଇଥିବା ଲୋକେ ଆଉ ପିଟି ପିଟି ଲୋକଟିର ଜୀବନ ନେଇଗଲେ । କର୍ଣ୍ଣାଟକ ମାଙ୍ଗାଲୋର ସହରରେ ଘଟିଛି ଏହି ଘଟଣା । ପୋଲିସ୍ ସୂଚନା ଅନୁସାରେ ମୃତକଙ୍କ ପରିଚୟ ମିଳି ନାହିଁ । ତେବେ ପ୍ରାୟ ୧୦/୧୫ ଜଣ ଲୋକ ମିଶି ପାକିସ୍ତାନ ଜିନ୍ଦାବାଦ କରିଥିବା ଲୋକଟିକୁ ମାରି ଦେଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ପୋଲିସ୍ ଗିରଫ କରିଛି । ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ଯୁବକ ମଧ୍ୟ ଗିରଫ ହୋଇଛି । ତାର ନାଁ ହେଲା ସଚିନ୍ ବୋଲି ପୋଲିସ୍ କହିଛି ।

## ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡରେ ସଂଶୋଧନ

# ଆଲୋକ ଯୋଶୀ ହେଲେ ନୂଆ ମୁଖ୍ୟ



**ନୂଆଦିଲ୍ଲୀ, ୩୦।୪ :** କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍ଏସ୍ଏବି) ରେ ସଂଶୋଧନ ଆଣିଛନ୍ତି। ରର ପୂର୍ବତନ ମୁଖ୍ୟ ଆଲୋକ ଯୋଶୀଙ୍କୁ ଏହାର ମୁଖ୍ୟ ଭାବେ ନିଯୁକ୍ତ କରିଥିବା ବେଳେ ଅନ୍ୟ ୬ ଜଣଙ୍କୁ ସଦସ୍ୟ ଭାବେ ନିଆଯାଇଛି। ନିକଟରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଛନ୍ତି। ଏନଏସଏବି ହେଉଛି ଏକ ୭ ଜଣିଆ ସର୍ବୋଚ୍ଚ ସଂସ୍ଥା ଯାହା ସରକାରଙ୍କୁ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗରେ ବିଶେଷଜ୍ଞ ଏବଂ ରଣନୀତିକ ସୂଚନା ପ୍ରଦାନ କରିଥାଏ । ନିଯୁକ୍ତ ନୂଆ ମୁଖ୍ୟ ଆଲୋକ ଯୋଶୀଙ୍କୁ ଦେଶର ଅନ୍ୟତମ ସମ୍ମାନଜନକ ଆଇପିଏସ ଅଫିସର ଭାବରେ ବିବେଚନା କରାଯାଏ, ସେ ର'ରେ ତାଙ୍କ କାର୍ଯ୍ୟକାଳ ଏବଂ ଅନ୍ୟାନ୍ୟ ପଦବୀରେ ଥିବା ସମୟରେ ବିଭିନ୍ନ ସଫଳ ଦାୟିତ୍ୱ ସମ୍ଭାଳିଛନ୍ତି । ତାଙ୍କୁ ଗୁଇନ୍ଦା ବିଭାଗ ଦ୍ୱାରା ପରିଚାଳିତ ଅପରେସନରେ ବିଶେଷଜ୍ଞ ଭାବେ ବିବେଚନା କରାଯାଏ। ବୋର୍ଡର ଅନ୍ୟ ୬ ଜଣ ସଦସ୍ୟ ହେଲେ ପୂର୍ବତନ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡର ଏୟାର ମାର୍ଶାଲ ପିଏମ ସିହ୍ନା, ଦକ୍ଷିଣ ସେନାର ପୂର୍ବତନ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଏକେ ସିଂହ, ପୂର୍ବତନ ଆଡମିରାଲ ମଣ୍ଟି ଖାନ୍ନା, ରାଜୀବ ରଞ୍ଜନ ବର୍ମା, ମନମୋହନ ସିଂ ଏବଂ ବି ଭେଙ୍କଟେଶ ବର୍ମା । ବି ଭେଙ୍କଟେଶ ବର୍ମା ହେଉଛନ୍ତି ଭାରତୀୟ ବୈଦେଶିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ । ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକ ଡକାଯାଇ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଶେଷ ହୋଇଥିଲା, ଯେଉଁଥିରେ ଜାତୀୟ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା।

# ଜିପଲାଇନ ଅପରେଟରଙ୍କୁ ଉଠାଇନେଲା ଏନ୍ଆଇଏ

**ଶ୍ରୀନଗର, ୩୦।୪:** ପହଲଗାମର ବୈସରଣ ଘାଟିରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିବା ପରେ 'ଆଲ୍ଲାହୁ ଆକବର' ନାରା ଦେଉଥିବା ଜିପ୍ ଲାଇନ୍ ଅପରେଟର ମୁଜାମିଲ ଅହମ୍ମଦ କୁମହାରଙ୍କୁ ପଚରାଉଚରା ପାଇଁ ଏନ୍ଆଇଏ ଉଠାଇ ନେଇଛି। ଅହମ୍ମଦାବାଦର ଜଣେ ପର୍ଯ୍ୟଟକ ଋଷି ଭଟ୍ଟ ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣ ଦିନ ଜିପଲାଇନରେ ଯାତ୍ରା କରୁଥିବା ବେଳେ ସୁଟ୍ କରିଥିବା ଏକ ସେଲ୍ଫି ଭିଡିଓରେ ମୁଜାମିଲ ତିନି ଥର 'ଆଲ୍ଲାହୁ ଆକବର' ସ୍ଲୋଗାନ ଦେଉଥିବାର ଶୁଣିବାକୁ ମିଳିଥିଲା। ମୁଜାମିଲଙ୍କ ପିତା କହିଛନ୍ତି ଯେ ତାଙ୍କ ପୁଅ ସୋମବାର ଅନନ୍ତନାଗସ୍ଥିତ ତାଙ୍କ ଘରକୁ ଆସିଥିଲା ଏବଂ ସନ୍ଧ୍ୟାରେ ପୁଲିସ ତାଙ୍କୁ ଉଠାଇ ନେଇଥିଲା। ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରକୁ ଗୁଳି ଚଳାଇବା ବେଳେ ତାଙ୍କ ପୁଅ 'ଆଲ୍ଲାହୁ ଆକବର' ବୋଲି କହିବାରୁ ସେ କହିଥିଲେ, ଆମେ ମୁସଲମାନ ଏବଂ ଝଡ଼ ଆସିଲେ ମଧ୍ୟ ଆମେ 'ଆଲ୍ଲାହୁ ଆକବର' କହିବୁ। ଯଦି ଆମେ କିଛି କାମ କରିବୁ, ତେବେ ଆମେ କହିବୁ 'ଆଲ୍ଲାହୁ ଆକବର'। ଏଥିରେ କ'ଣ ଅଛି ?" ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆତଙ୍କବାଦୀ ଆକ୍ରମଣ ଆରମ୍ଭରେ ଜିପ୍ ଲାଇନ୍ ଅପରେଟରଙ୍କୁ 'ଆଲ୍ଲାହୁ ଆକବର' ନାରା ଦେବା ନେଇ ଏନଆଇଏ ଅଧିକାରୀମାନେ ପଚରାଉଚରା କରୁଛନ୍ତି। ଆତଙ୍କବାଦ ସହ ତାଙ୍କର ସମ୍ପର୍କ ଅଛି କି ନାହିଁ ସେ ନେଇ ଏନଆଇଏ ଓ ଜମ୍ମୁ-କାଶ୍ମୀର ପୁଲିସ ତଦନ୍ତ କରୁଛନ୍ତି। ମୁଜାମିଲଙ୍କ ଭାଇ ମୁଖତାର ଅହମ୍ମଦ କହିଛନ୍ତି ଯେ ଆକ୍ରମଣର ଗୋଟିଏ ଦିନ ପରେ ଏପ୍ରିଲ ୨୩ ତାରିଖରେ ତାଙ୍କ ଭାଇକୁ ପୁଲିସ ଉଠାଇ ନେଇଥିଲା ଏବଂ ସୋମବାର ଛାଡ଼ି ଦେଇଥିଲା ଏବଂ ପରେ ସନ୍ଧ୍ୟାରେ ପୁଲିସ ପୁଣି ଉଠାଇ ନେଇଥିଲା। ସେ କହିଛନ୍ତି ଯେ ତାଙ୍କ ଭାଇ ଗତ ତିନି ବର୍ଷ ହେବ ଜିପ୍ ଲାଇନରେ କାମ କରୁଛନ୍ତି। ମୁଜାମିଲ 'ଆଲ୍ଲାହୁ ଆକବର' ସ୍ଲୋଗାନ ଦେଉଥିବା ଭିଡିଓ ବିଷୟରେ ଉଲ୍ଲେଖ କରି ମୁଖତାର କହିଛନ୍ତି, ଭିଡିଓ ଦେଖିଲେ ସେ ନିଜେ ଜାଣନ୍ତି ନାହିଁ ଯେ ଆତଙ୍କବାଦୀ ଆକ୍ରମଣ ହେଉଛି। ସେ ନିଜେ ଆକ୍ରମଣ ବିଷୟରେ ଜାଣିନଥିବାରୁ ପର୍ଯ୍ୟଟକଙ୍କ ଜିପ୍ ଲାଇନ୍ ଛାଡୁଛନ୍ତି ବୋଲି କହିଛନ୍ତି।

# ଭାରତ ସମର୍ଥନରେ ତାଲିବାନ; ପାକିସ୍ତାନକୁ ଶକ୍ତ ଝଟକା



**ନୂଆଦିଲ୍ଲୀ/କାବୁଲ, ୩୦।୪:** ଜମ୍ମୁ ଓ କାଶ୍ମୀରର ପହଲଗାମରେ ୨୨ ଏପ୍ରିଲ ୨୦୨୫ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଆଫଗାନିସ୍ତାନର ତାଲିବାନ ସରକାର ଏକ ଅପ୍ରତ୍ୟାଶିତ ପଦକ୍ଷେପରେ ଭାରତକୁ ସମର୍ଥନ ଜଣାଇଛି। ଏହି ଘଟଣା ପାକିସ୍ତାନ ପାଇଁ ଏକ ବଡ଼ ରାଜନୈତିକ ଓ କୂଟନୈତିକ ଝଟକା ହୋଇଛି, ଯାହା ଦୀର୍ଘ ଦିନ ଧରି ଆଫଗାନିସ୍ତାନରେ ତାଲିବାନ ଉପରେ ପ୍ରଭାବ ବଜାୟ ରଖିଥିଲା। ପହଲଗାମରେ ବୈସାରଣ ମେଦୋରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ, ଯେଉଁମାନେ ଅଧିକାଂଶ ଭାରତୀୟ ଓ ଜଣେ ନେପାଳୀ ନାଗରିକ ଥିଲେ, ନିହତ ହୋଇଥିଲେ। ଏହି ଆକ୍ରମଣର ଦାୟିତ୍ୱ ପାକିସ୍ତାନ ଆଧାରିତ ଲସ୍କର-ଏ-ତୋଇବାର ଛାୟା ସଂଗଠନ 'ଦି ରେସିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍ଏଫ୍) ନେଇଥିଲା। ତାଲିବାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଆବଦୁଲ କାହାର ବାଲ୍‌ଖି ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରି କହିଛନ୍ତି ଯେ, ଏପରି କାର୍ଯ୍ୟ ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ବିପଦରେ ପକାଇଛି। ଏହାପରେ ଭାରତ ତାଲିବାନ ସରକାର ସହ ଏକ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆନନ୍ଦ ପ୍ରକାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଲିବାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମୌଲବୀ ଆମିର ଖାନ ମୁତ୍ତାକିଙ୍କୁ ଭେଟି ପହଲଗାମ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଛି। ତାଲିବାନ ଏହି ଆକ୍ରମଣରେ ଜଡ଼ିତ ଦୋଷୀମାନଙ୍କୁ ଦଣ୍ଡ ଦେବା ଆବଶ୍ୟକ ବୋଲି ମତ ଦେଇଛି।

# ଦୀଘା ଜଗନ୍ନାଥ ମନ୍ଦିର ଉଦ୍‌ଘାଟନ କଲେ ଦିଦି



**କୋଲକାତା, ୩୦।୪:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ପର୍ଯ୍ୟଟନ ନଗରୀ ଦିଘାରେ ଥିବା ଭବ୍ୟ ଜଗନ୍ନାଥ ଧାମ ମନ୍ଦିରକୁ ଉଦଘାଟନ କରିଛନ୍ତି। ପୂଜା ପାଇଁ ମନ୍ଦିରକୁ ବିଭିନ୍ନ ତୀର୍ଥସ୍ଥଳରୁ ପବିତ୍ର ଜଳ ଅଣାଯାଇ ପୂଜାର୍ଚ୍ଚନା ସମାରୋହ ଅତ୍ୟନ୍ତ ଭବ୍ୟତାର ସହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତର ବହୁ ସେଲିବ୍ରିଟି ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ରାଜନୈତିକ ନେତାମାନେ ଉପସ୍ଥିତ ଥିଲେ।

ପାରମ୍ପରିକ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଏହି ଭବ୍ୟ ଢାଞ୍ଚା ରାଜ୍ୟ ସରକାରଙ୍କ ଦ୍ୱାରା ୨୫୦ କୋଟି ଟଙ୍କା ବ୍ୟୟରେ ବିକଶିତ ଏହି ଅଞ୍ଚଳରେ ତୀର୍ଥ ଓ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ ବୋଲି ଆଶା କରାଯାଉଛି। ପୁରୀର ମୂଳ ଜଗନ୍ନାଥ ମନ୍ଦିରର ଡିଜାଇନକୁ ପ୍ରତିଫଳିତ କରି ଦିଘା ଧାମରେ ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତିଦ୍ୱାର ଓ ଅଶ୍ୱଦ୍ୱାର ଭଳି ପ୍ରମୁଖ ସ୍ଥାପତ୍ୟ ଉପାଦାନ ରହିଛି । ମନ୍ଦିର ପରିସରରେ ମା' ଲକ୍ଷ୍ମୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ମନ୍ଦିର ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ପବିତ୍ର ଅର୍ପଣ ପ୍ରସ୍ତୁତ କରିବା ପାଇଁ ଏକ ପୃଥକ ଭୋଗଶାଳା ମଧ୍ୟ ରହିଛି। ୨୦ ଏକର ପରିମିତ ଏହି ମନ୍ଦିରଟି ରାଜସ୍ଥାନରୁ ଅଣାଯାଇଥିବା ସୁନ୍ଦର ଗୋଲାପୀ ବାଲୁକାପଥରରେ ନିର୍ମିତ ହୋଇଥିବା ବେଳେ ରାଜ୍ୟର ୮୦୦ରୁ ଅଧିକ କୁଶଳୀ କାରିଗର ଏହି ସ୍ଥାପତ୍ୟ ଚମତ୍କାରକୁ ଜୀବନ୍ତ କରିବାରେ ନିଜର କାରିଗରୀ ଯୋଗଦାନ ଦେଇଛନ୍ତି। ଦିଘାଜଗନ୍ନାଥ ମନ୍ଦିରର ଉଦଘାଟନ ବଙ୍ଗଳାର ସ୍ଥାୟୀ ଭକ୍ତି ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଗୌରବମୟ ପ୍ରମାଣ। ପ୍ରତ୍ୟେକ ଜଟିଳ ଭାବରେ ଖୋଦିତ ପଥର ଏବଂ ଏହାର ଗର୍ଭଗୃହରୁ ଉଠିଥିବା ପ୍ରତ୍ୟେକ ପ୍ରାର୍ଥନା ଆମ ଲୋକଙ୍କ ଗଭୀର ବିଶ୍ୱାସ, ଏକତା ଏବଂ ସ୍ଥାୟୀ ଭାବନାକୁ ପ୍ରତିଫଳିତ କରିବ ବୋଲି ମମତା ବାନାର୍ଜୀ କହିଛନ୍ତି।

ମଙ୍ଗଳବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ସମ୍ମୁଖରେ ଥିବା ଏକ ଅସ୍ଥାୟୀ କୁଡ଼ିଆ ଭିତରେ ପୂଜା ଓ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଜଗନ୍ନାଥ ମନ୍ଦିରରୁ ୫୭ ଜଣ ସେବକ ଓ ଇସ୍କନର ୧୭ ଜଣ ସାଧୁସନ୍ଥ ଯୋଗ ଦେଇଥିଲେ। ପୁରୀ ଜଗନ୍ନାଥ ମନ୍ଦିରର ପ୍ରତିକୃତିକୁ ଦିଘାକୁ ଆଣି ପଶ୍ଚିମବଙ୍ଗ ସରକାର ସମୁଦ୍ର କୂଳସହରକୁ ଉଭୟ ବଙ୍ଗଳା ଓ ଏହା ବାହାରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ପରେ ପଶ୍ଚିମବଙ୍ଗ ସରକାର ସମୁଦ୍ର କୂଳରେ ଥିବା ପର୍ଯ୍ୟଟନ ସହର ଦିଘାରେ ବାର୍ଷିକ ରଥଯାତ୍ରା ଆୟୋଜନ କରିବାକୁ ଯୋଜନା କରୁଥିବା ଜଣାପଡିଛି।

# ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ



**ନୂଆଦିଲ୍ଲୀ, ୩୦।୪:** ଦିଲ୍ଲୀରେ କ୍ଷମତା ପରିବର୍ତ୍ତନ ସହିତ ପୂର୍ବ ସରକାରଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଯାଉଛି। ଏବେ ଦୁର୍ନୀତି ନିବାରଣ ଶାଖା (ଏସିବି) ଦିଲ୍ଲୀର ପୂର୍ବତନ ଶିକ୍ଷା ମନ୍ତ୍ରୀ ମନୀଷ ସିସୋଦିଆ ଏବଂ ପୂର୍ବତନ ଲୋକ ନିର୍ମାଣ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଦିଲ୍ଲୀରେ ସରକାରୀ ସ୍କୁଲ ନିର୍ମାଣରେ ଦୁର୍ନୀତି ପାଇଁ ମାମଲା ରୁଜୁ କରିଛି। ଦୁର୍ନୀତି ନିବାରଣ ଶାଖା ଅତ୍ୟଧିକ ମୂଲ୍ୟରେ ଶ୍ରେଣୀଗୃହ ନିର୍ମାଣରେ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ, ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଛି। ବିଜେପି ନେତା ହରିଶ ଖୁରାନା ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଦିଲ୍ଲୀରେ ଆମ ଆଦମୀ ପାର୍ଟି (ଆପ୍) ସରକାର ସମୟରେ ୧୨୭୪୮ ଶ୍ରେଣୀଗୃହ/କୋଠା ନିର୍ମାଣରେ ୨୦୦୦ କୋଟି

# ନକ୍ସଲଙ୍କ ଗଡ଼ରେ ଜାତୀୟ ପତାକା ଉଡ଼ାଇଲେ ସୁରକ୍ଷାକର୍ମୀ

**ଛତିଶଗଡ଼,୩୦।୪:** ଛତିଶଗଡ଼ର ଏହି ସ୍ଥାନଟି ଦିନେ ଥିଲା ନକ୍ସଲଙ୍କ ଗଡ଼। ଜାଗାଟିର ନାଁ କାରେଗୁଟ୍ଟା ପାହାଡ଼। କିଛିଦିନ ତଳେ ବିଜାପୁରରେ ଅନୁଷ୍ଠିତ ନକ୍ସଲ ବିରୋଧୀ ଅଭିଯାନ ପରେ ନକ୍ସଲଙ୍କୁ ତଡ଼ି ଏବେ ଏ ପାହାଡ଼ଟିକୁ ସୁରକ୍ଷା କର୍ମୀ ଦଖଲ କରିଛନ୍ତି। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଅବସ୍ଥିତ ଏହି ପାହାଡ଼ଟିରେ ବହୁବର୍ଷ ଧରି ନକ୍ସଲମାନେ ଆଡ୍ଡା ଜମେଇଥିଲେ। ଦଖଲ ପରେ ଜାତୀୟ ପତାକା ପୋତିଛି ସୁରକ୍ଷା ବାହିନୀ। ତେଲଙ୍ଗାନା-ଛତିଶଗଡ଼ ସୀମାବର୍ତ୍ତୀ କାରେଗୁଟ୍ଟା ପାହାଡ଼ ଅଞ୍ଚଳରେ ପ୍ରାୟ ୨୪,୦୦୦ ସୁରକ୍ଷା କର୍ମୀ ଏକ ସପ୍ତାହରୁ ଅଧିକ ସମୟ ଧରି ତାତି ଓ କଠିନ ଭୂମିରେ ସଂଘର୍ଷ କରି ପ୍ରାୟ ୧,୦୦୦ ନକ୍ସଲଙ୍କୁ ସେମାଙ୍କ ଗଡ଼ରୁ ବାହାର କରିବା ପାଇଁ ଦେଶର ଏକ ବୃହତ୍ତମ ନକ୍ସଲ-ବିରୋଧୀ ଅଭିଯାନରେ ସଫଳ ହୋଇଛନ୍ତି। ଏହି ଅଭିଯାନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମାର୍ଚ୍ଚ ୨୦୨୬ ସୁଦ୍ଧା ବାମପନ୍ଥୀ ଉଗ୍ରବାଦ (ଏଲ୍‌ଡବ୍ଲ୍ୟୁଇ) ନିର୍ମୂଳ କରିବା ପ୍ରତିଶ୍ରୁତି ଆହ୍ୱାନ ପରେ ଚାଲିଥିଲା।

ଅପରେଶନ ସମୟରେ ଏହି ୮୦୦ ବର୍ଗ କିମି ପରିବ୍ୟାପ୍ତ ନକ୍ସଲଗଡ଼କୁ ସୁରକ୍ଷା କର୍ମୀମାନେ ଘେରି ରଖିଥିଲେ। ସେମାନେ ପାହାଡ଼ଗୁଡ଼ିକୁ ଅବରୋଧ କରିବା ସହ ଛପିଥିବା ନକ୍ସଲମାନଙ୍କୁ ସ୍ପଷ୍ଟ ଚେତାବନୀ ଦେଇଥିଲେ, ଆତ୍ମସମର୍ପଣ କର ନଚେତ୍ ନିର୍ମୂଳ ହେବେ। ସୁରକ୍ଷା କର୍ମୀମାନେ ଜଙ୍ଗଲୀ ଓ ପାହାଡ଼ିଆ ଭୂମିରେ, ଯେଉଁଠାରେ ବିସ୍ଫୋରକ ଡିଭାଇସ୍ (ଆଇଇଡି) ବିଛାଯାଇଛି, ଧୀରେ ଧୀରେ ଆଗେଇ ଚାଲିଛନ୍ତି। ସେମାନେ ମାଓବାଦୀଙ୍କ ଲୁଚିବା ସ୍ଥାନ ଓ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ଖୋଜୁଛନ୍ତି। ଅଭିଯାନର ତଦାରଖ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, କାରେଗୁଟ୍ଟା ପାହାଡ଼ରେ ଅନେକ ମାଓବାଦୀ ଲୁଚିବା ସ୍ଥାନ ଠାବ



## ହଜାରେ ନକ୍ସଲଙ୍କୁ ବିଦାକଲେ ୨୪ ହଜାର ସୁରକ୍ଷାକର୍ମୀ

ହୋଇଛି, ଯେଉଁଥିରେ ଏକ ବଡ଼ ପ୍ରାକୃତିକ ଗୁମ୍ଫା, ବଙ୍କର ଓ ଅସ୍ତ୍ରଶସ୍ତ୍ର ଭଣ୍ଡାର ସାମିଲ। ବର୍ତ୍ତମାନ ଏହି ଆବିଷ୍କାରଗୁଡ଼ିକର ଡକୁମେଣ୍ଟେସନ୍ ଚାଲିଛି ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି। କାରେଗୁଟ୍ଟା ପାହାଡ଼ ଛତିଶଗଡ଼ର ଦକ୍ଷିଣ ବସ୍ତରର ବିଜାପୁର ଜିଲ୍ଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଅବସ୍ଥିତ ଏବଂ ଏହା ପଡ଼ୋଶୀ ତେଲଙ୍ଗାନା ପର୍ଯ୍ୟନ୍ତ ବିସ୍ତୃତ। ଏହି ବିଶାଳ ନକ୍ସଲ-ବିରୋଧୀ ଅଭିଯାନରେ ୨୪,୦୦୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରୀୟ ବାହିନୀର କର୍ମୀ ସାମିଲ ହୋଇଛନ୍ତି, ଯେଉଁଥିରେ ଛତିଶଗଡ଼ ଓ ତେଲଙ୍ଗାନାର ସୁରକ୍ଷା ବାହିନୀ ସିଧାସଳଖ ଭାଗ ନେଉଛନ୍ତି। ଗତ ସପ୍ତାହ ମଧ୍ୟରେ ମାଓବାଦୀ ଓ ଆଗେଇ ଚାଲିଥିବା ସୁରକ୍ଷା ବାହିନୀ ମଧ୍ୟରେ ଏକାଧିକ ଗୁଳିବିନିମୟ ହୋଇଛି। ଚାଲିଥିବା ଏନକାଉଣ୍ଟର ଓ ସର୍ଚ୍ଚ ଅପରେସନ ସତ୍ତ୍ୱେ, କେବଳ ତିନିଟି ମୃତଦେହ ଉଦ୍ଧାର ହୋଇଛି। ତେବେ ବିଶ୍ୱସନୀୟ ସୂତ୍ରରୁ ଜଣାପଡ଼ିଛି ଯେ ମାଓବାଦୀମାନେ ବଡ଼ ଧରଣର କ୍ଷୟକ୍ଷତି ସହିବାକୁ ବାଧ୍ୟ ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ, କିଛି ନକ୍ସଲ ପଳାୟନ କରିଛନ୍ତି, କିନ୍ତୁ ଅନେକେ ଏବେ ବି ସେମାନଙ୍କ ଅବସ୍ଥାନ ରକ୍ଷା କରି ଲଢ଼ୁଛନ୍ତି। "ଶୀର୍ଷ ମାଓବାଦୀ ନେତାମାନେ ଏବେ ବି ଏହି ଅଞ୍ଚଳରେ ଲୁଚି ରହିଥାଇପାରନ୍ତି," ଅଧିକାରୀ ଜଣେ କହିଛନ୍ତି। ସୁରକ୍ଷା ବାହିନୀ ବିପଜ୍ଜନକ ଭୂମିରେ ମାଓବାଦୀଙ୍କ ଦ୍ୱାରା ରଖାଯାଇଥିବା ବିସ୍ଫୋରକ ଓ ପ୍ରେସର ବୋମା ସଫା କରି ଧୀରେ ଧୀରେ ଆଗେଇ ଚାଲିଛନ୍ତି। ଏହା ଗୁମ୍ଫା ଓ ଲୁଚିବା ସ୍ଥାନରେ ପରିପୂର୍ଣ୍ଣ ଏକ କଠିନ ଭୂମି, ଯାହା ଅଭିଯାନର ଦୀର୍ଘସୂତ୍ରୀତାକୁ ବ୍ୟାଖ୍ୟା କରୁଛି, ଅଧିକାରୀ କହିଛନ୍ତି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦଣ୍ଡକାରଣ୍ୟ ସ୍ପେସିଆଲ ଜୋନାଲ କମିଟି (ଡିକେଏସ୍‌ଜେଡ୍‌ସି), ତେଲେଙ୍ଗାନା ରାଜ୍ୟ କମିଟି (ଟିଏସ୍‌ସି), ପିପଲ୍ସ ଲିବରେସନ ଗେରିଲା ଆର୍ମୀ (ପିଏଲ୍‌ଜିଏ) ବାଟାଲିୟନ ନମ୍ବର ଏକ ଓ ଅନ୍ୟାନ୍ୟ ମାଓବାଦୀ ଗୋଷ୍ଠୀଙ୍କ ପ୍ରଭାବକୁ ନିର୍ମୂଳ କରିବା, ଯେଉଁମାନେ ଏହି ଅଞ୍ଚଳକୁ ବାମପନ୍ଥୀ ଉଗ୍ରବାଦୀ କାର୍ଯ୍ୟକଳାପ ପାଇଁ ନିରାପଦ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି। ଅଭିଯାନ ସମ୍ପୂର୍ଣ୍ଣ ୮୦୦ ବର୍ଗ କିଲୋମିଟର ମାଓବାଦୀ ମୁଖ୍ୟ ଅଞ୍ଚଳ ସଫା ନହେବା ପର୍ଯ୍ୟନ୍ତ ଜାରି ରହିବ।

ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତିନି ଜଣ ସୁରକ୍ଷା କର୍ମୀ କମାଣ୍ଡୋ ବାଟାଲିୟନ ଫର ରେସୋଲ୍ୟୁଟ ଆକ୍ସନ (କୋବ୍ରା), ସ୍ପେସିଆଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ରୁ ଜଣେ ଜଣେ ପୃଥକ ଆଇଇଡି ବିସ୍ଫୋରଣରେ ଆହତ ହୋଇଛନ୍ତି। ଏହାଛଡ଼ା ଦିନବେଳା ସେଠାରେ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ରହୁଥିବାରୁ ଅତି କମରେ ୬ ଜଣ କର୍ମୀ ଜଳାଭାବ ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଡ୍ରୋନ୍ ମୁତୟନ କରାଯାଇଛି।

## ଟି୨୦ରେ ନିଆରା ରେକର୍ଡ ହାସଲ କଲେ ସୁନୀଲ ନାରିନ

# ନିର୍ଦ୍ଦିଷ୍ଟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ସର୍ବାଧିକ ୱିକେଟ୍



**ନୂଆଦିଲ୍ଲୀ, ୩୦।୪:** କୋଲକାତା ନାଇଟ ରାଇଡର୍ସର ବୋଲର ସୁନୀଲ ନାରିନ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ମଙ୍ଗଳବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଡିଫେଣ୍ଡିଂ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ୩ ୱିକେଟ ନେଇ ପ୍ଲେୟର ଅଫ ଦ ମ୍ୟାଚ ବିବେଚିତ ହୋଇଥିବା ସୁନୀଲ ନାରିନ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ସୁନୀଲ ଏକ ଏଲିଟ କ୍ଲବରେ ସାମିଲ ହୋଇଛନ୍ତି। ଗୋଟିଏ ଦଳ ପକ୍ଷରୁ ବିଶ୍ୱରେ ସର୍ବାଧିକ ୱିକେଟ ନେଇଥିବା ବୋଲରଙ୍କ ମଧ୍ୟରେ ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ କେକେଆର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ ହରାଇ ୨୦୪ ରନ କରିଥିଲା। ଦଳ ପକ୍ଷରୁ ଅଙ୍ଗକ୍ରିଶ ରଘୁବଂଶୀ ୪୪ ଓ ରିଙ୍କୁ ସିଂ ୩୬ ରନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁନୀଲ ନାରିନ ୨୭, ଆଜିଙ୍କ୍ୟ ରାହାଣେ ୨୬ ଓ ରହମାନଉଲ୍ଲା ଗୁରବାଜ ୨୬ ରନ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ଷ୍ଟାର୍କ ୩, ଅକ୍ଷର ପଟେଲ ଓ ବିପରାଜ ନିଗମ ଦୁଇଟି ଲେଖାଏ ୱିକେଟ ନେଇଥିଲେ। ୨୦୫ ରନର ପିଛା କରୁଥିବା ଦିଲ୍ଲୀ ୯ ୱିକେଟ ହରାଇ ୧୯୦ ରନ କରିଥଲା। ଦିଲ୍ଲୀ ପକ୍ଷରୁ ଫାଫ ଡୁ ପ୍ଲେସିସ ୬୨, ଅକ୍ଷର ପଟେଲ ୪୩ ଓ ବିପରାଜ ନିଗମ ୩୮ ରନ କରିଥିଲେ। କେକେଆର ପକ୍ଷରୁ ସୁନୀଲ ନାରିନ ୩ ୱିକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ୨ ୱିକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆନ୍ଦ୍ରେ ରସେଲ, ବୈଭବ ଅରୋରା ଓ ଅନୁକୂଳ ରୟ ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ନାରିନଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଏହି ମ୍ୟାଚ ପୂର୍ବରୁ ସୁନୀଲ ନାରିନ କେକେଆର ପକ୍ଷରୁ ୧୯୪ ମ୍ୟାଚ ଖେଳି ୨୦୫ ୱିକେଟ ନେଇଥିଲେ। ଏହି ମ୍ୟାଚରେ ୩ ୱିକେଟ ନେବା ସହିତ ସମିତ ପଟେଲଙ୍କ ରେକର୍ଡ ଭାଙ୍ଗିଥିଲେ। ନଟିଙ୍ଗହାମ୍ପଶାୟର ପକ୍ଷରୁ ଖେଳୁଥିବା ସମିତ ପଟେଲ ୨୩୨ ମ୍ୟାଚରୁ ୨୦୮ ୱିକେଟ ନେଇଥିଲେ। ଉଭୟ ଖେଳାଳି ୨୦୮ ଲେଖାଏ ୱିକେଟ ନେଇଥିଲେ ମଧ ସମିତ ଅବସର ନେଇ ସାରିଛନ୍ତି। ତେଣୁ ସୁନୀଲ ନାରିନ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ହାମ୍ପଶାୟର ପକ୍ଷରୁ ଖେଳୁଥିବା କ୍ରିସ ଉଡ ୧୯୯ ୱିକେଟ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ଲାସିଥ ମାଲିଙ୍ଗା ୧୯୫ ୱିକେଟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ସେହିପରି ଗ୍ଲୁକୋସେଷ୍ଟରଶାୟର ପକ୍ଷରୁ ଖେଳିଥିବା ଡେଭିଡ ପେନ ୧୯୩ ୱିକେଟ ସହିତ ପଞ୍ଚମ ସ୍ଥାନରେ ରହିଛନ୍ତି।



## ଜାତୀୟ ପ୍ରତିଯୋଗିତାରେ ଚମକିଲେ ଝିଲି

### ବେଦାନ୍ତ ସମର୍ଥନରେ ଜିତିଲେ ବ୍ରୋଞ୍ଜ

**ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ ତୀରନ୍ଦାଜ ଝିଲି ମୁଣ୍ଡା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡିଶା ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ନିକଟରେ ବିଶାଖାପାଟଣାରେ ଆୟୋଜିତ ଜନଜାତୀୟ କ୍ରୀଡା ମହୋତ୍ସବ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତାରେ ୨୦୨୫ ରେ ଓଡ଼ିଶା ପାଇଁ ୧୭ ବର୍ଷରୁ କମ୍ ବର୍ଗରେ ସେ ଏହି ଗୌରବ ଆଣି ଦେଇଛନ୍ତି । ଭାରତୀୟ ତୀରନ୍ଦାଜୀ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ଦେଶର ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, ଯାହା ଝିଲିଙ୍କ ସଫଳତାକୁ ଏହି ଅଞ୍ଚଳ ପାଇଁ ଏକ ଗୌରବରେ ପରିଣତ କରିଥିଲା।

ଗତ ତିନି ବର୍ଷ ଧରି ଝିଲି ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକ୍ରମ ଅଧୀନରେ ବୃତ୍ତିଗତ ତାଲିମ ନେଉଛନ୍ତି। ତାଙ୍କ ରେକର୍ଡରେ ଗୋଟିଏ ଜାତୀୟ ପ୍ରତିନିଧିତ୍ୱ, ୪ଟି ରାଜ୍ୟ ସ୍ତରୀୟ ପ୍ରତିନିଧିତ୍ୱ ଏବଂ ଚାରୋଟି ରାଜ୍ୟ ପଦକ ଅନ୍ତର୍ଭୁକ୍ତ। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର କହିଥିଲେ,"ଝୁଲିଙ୍କ ଉଲ୍ଲେଖନୀୟ ସଫଳତା ଅବିଶ୍ୱସନୀୟ ପ୍ରତିଭାର ଏକ ପ୍ରମାଣ। ଆମେ ଏଭଳି ଯୁବ ପ୍ରତିଭାମାନଙ୍କୁ ଜାତୀୟ ମଞ୍ଚରେ ଚମକିବାକୁ ସକ୍ଷମ କରୁଛୁ। ବେଦାନ୍ତ ଆଲୁମିନିୟମ କଳାହାଣ୍ଡିରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା, ସମ୍ପ୍ରଦାୟର ସଦସ୍ୟ, ବିଶେଷକରି ଯୁବକମାନଙ୍କ ପାଇଁ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଏହାର ମିଶନରେ ପ୍ରତିଶ୍ରୁତିବଦ୍ଧ। ଝିଲିଙ୍କ ସଫଳତା ହେଉଛି କଳାହାଣ୍ଡିର ସାମଗ୍ରିକ ବିକାଶ ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାର ଏକ ପ୍ରମୁଖ ଉଦାହରଣ।

ଗତ ୨୦୧୮ରେ ଆରମ୍ଭ ପରଠାରୁ ଲାଞ୍ଜିଗଡ଼ରେ ବେଦାନ୍ତ କ୍ରୀଡା ତାଲିମ ପଦକ୍ଷେପ କଳାହାଣ୍ଡିରେ କ୍ରୀଡା ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କାର୍ଯ୍ୟକ୍ରମ ତୀରନ୍ଦାଜୀ, କରାଟେ ଏବଂ ଅନ୍ୟାନ୍ୟ କ୍ରୀଡ଼ାରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥାଏ, ଯେଉଁଥିରେ ଗୁଣାତ୍ମକ ତାଲିମ ଉପକରଣ, ୟୁନିଫର୍ମ ଏବଂ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ କୋଚିଂ ଶିବିରର ସୁବିଧା ରହିଛି। ଆଜି ପର୍ଯ୍ୟନ୍ତ ୧୦୦ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମ ଦିଆଯାଇଛି। ସେମାନେ କେବଳ ଗତବର୍ଷ ରାଜ୍ୟ ଓ ଜାତୀୟ ଚାମ୍ପିଅନସିପରେ ୪୦ରୁ ଅଧିକ ପଦକ ଜିତିପାରିଛନ୍ତି।



## ବୈଭବଙ୍କୁ ମର୍ସିଡିଜ୍-ବେଞ୍ଜ୍ ଉପହାର ଦେଲେ ରାଜସ୍ଥାନ ରୟାଲ୍ସର ମାଲିକ

**ଜୟପୁର, ୩୦।୪:** ବର୍ତ୍ତମାନ ଆଇପିଏଲରେ ଶତକ ମାରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଚର୍ଚ୍ଚାରେ ଅଛି। ୧୪ ବର୍ଷୀୟ ବୈଭବଙ୍କ ଉତ୍କୃଷ୍ଟ ପ୍ରଦର୍ଶନରେ ଖୁସି ହୋଇ, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବାରଠାକୁର ତାଙ୍କୁ ପୁରସ୍କାର ସ୍ୱରୂପ ଏକ ନୂତନ ମର୍ସିଡିଜ୍-ବେଞ୍ଜ୍ କାର ଉପହାର ଦେଇଛନ୍ତି।

ମ୍ୟାଚ୍ ପରେ, ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେଉଛି, ଯେଉଁଥିରେ ବୈଭବଙ୍କୁ ମର୍ସିଡିଜ୍ ବେଞ୍ଜର ଚାବି ଦିଆଯାଉଥିବାର ଦେଖାଯାଉଛି। ତଥାପି, ଏହା ମର୍ସିଡିଜର କେଉଁ ମଡେଲ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବୈଭବ ବର୍ତ୍ତମାନ ୧୪ ବର୍ଷ ବୟସର, ତେଣୁ ସେ ଆଇନଗତ ଭାବରେ ଏହି ଗାଡ଼ି ଚଲାଇ ପାରିବେ ନାହିଁ। ସୋସିଆଲ ମିଡିଆରେ ସେୟାର ହୋଇଥିବା ଫଟୋରେ ଦେଖିବାକୁ ମିଳୁଛି ଯେ ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବାରଠାକୁର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଠିଆ ହୋଇଛନ୍ତି ଏବଂ ତାଙ୍କ ହାତରେ ମର୍ସିଡିଜର ଚାବି ଅଛି, ଯାହାକୁ ସେ ବୈଭବଙ୍କୁ ଦେଉଥିବାର ଦେଖାଯାଉଛି। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଞ୍ଜିତ ବାରଠାକୁର ଆସାମର ଜୋରହାଟର ଜଣେ ବ୍ୟବସାୟୀ ଏବଂ ଏହା ବ୍ୟତୀତ ସେ ରୟାଲ ମଲ୍ଟିସ୍ପୋର୍ଟ ପ୍ରାଇଭେଟ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧକ୍ଷ। ଉଲ୍ଲେଖ ଥାଉ କି ମାତ୍ର ୧୪ ବର୍ଷ ବୟସରେ ଅବିଶ୍ୱସନୀୟ, ଅସାଧାରଣ ତଥା ଅବିସ୍ମରଣୀୟ ବ୍ୟାଟିଂର ବଳିଷ୍ଠ ନମୁନା ଦେଖାଇବା ପରେ ରାଜସ୍ଥାନ ରୟାଲ୍ସର କିଶୋର କ୍ରିକେଟ୍ ଯୋଦ୍ଧା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ସୋମବାର ରାତିରେ ଗୋଲାପି ସହର ଜୟପୁରସ୍ଥିତ ସବାଇ ମାନସିଂହ ଷ୍ଟାଡିୟମ୍‌ରେ ରେକର୍ଡର ଝଡ଼ ସୃଷ୍ଟି କରିଥିବା ବୈଭବଙ୍କ ଚମକ ଏବେ ସମଗ୍ର କ୍ରିକେଟ୍ ଜଗତକୁ ଯେମିତି ଆଲୋକିତ କରିଛି। ମାତ୍ର ୫ଟି ପ୍ରଥମ ଶ୍ରେଣୀ ଏବଂ ତିନିଟି ଆଇପିଏଲ୍ ମ୍ୟାଚ୍ ଖେଳି ବୈଭବ ନିଜ ୩୫ ବଲ୍ ବିଶିଷ୍ଟ ବିସ୍ଫୋରକ ଶତକ ପାଇଁ ଭାରତ ନୁହେଁ ବରଂ ବିଶ୍ୱ କ୍ରିକେଟ୍‌ର ଉଦୀୟମାନ ନାୟକ ଭାବେ ଉଭା ହୋଇଛନ୍ତି।



## ରିଙ୍କୁଙ୍କୁ ଚାପୁଡ଼ା ମାରି ଟ୍ରୋଲ ହେଲେ କୁଲଦୀପ୍

**ନୂଆଦିଲ୍ଲୀ, ୩୦।୪:** ଆଇପିଏଲର ୪୮ତମ ମ୍ୟାଚରେ, କେକେଆର ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ରନରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସୁନୀଲ ନାରିନ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଟାଇଟଲ୍‌ରେ ସମ୍ମାନିତ କରାଯାଇଥିଲା। ନାରିନ ୨୭ ରନର ଇନିଂସ ଖେଳିଥିଲେ ଏବଂ ବୋଲିଂ କରିବା ସମୟରେ ସେ ତିନୋଟି ୱିକେଟ ନେବାରେ ସଫଳ ହୋଇଥିଲେ। ଗୋଟିଏ ପଟେ ନାରିନ ତାଙ୍କ ବୋଲିଂ ପାଇଁ ଚର୍ଚ୍ଚାରେ ଥିବା ବେଳେ ଅନ୍ୟପଟେ କୁଲଦୀପ ଯାଦବଙ୍କ କାମ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ମ୍ୟାଚ୍ ପରେ କୁଲଦୀପ ଯାଦବ କେକେଆର ର ଅଭିଜ୍ଞ ଖେଳାଳି ରିଙ୍କୁ ସିଂହଙ୍କୁ ଚାପୁଡ଼ା ମାରୁଥିବାର ଦେଖାଯାଇଥିଲା, ଯାହାର ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି। ଚାପୁଡ଼ା ଖାଇବା ପରେ ରିଙ୍କୁ ଆଶ୍ଚର୍ଯ୍ୟ ହୋଇଯାଉଥିବା ଦେଖାଯାଉଛି। ତାଙ୍କର ଏଭଳି ବ୍ୟବହାର ରିଙ୍କୁଙ୍କ ପ୍ରଶଂସକଙ୍କୁ ପସନ୍ଦ ଆସିନଥିବା ଦେଖାଯାଇଛି। କିଛି ଲୋକ କହିଛନ୍ତି ଯେ, କୁଲଦୀପ୍ ମଜାରେ ଏଭଳି କରିଛନ୍ତି। ଆଉ କିଛି ଲୋକ କୁଲଦୀପ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିସିସିଆଇକୁ କହିଛନ୍ତି। ଏପର୍ଯ୍ୟନ୍ତ ଏହି ବିବାଦକୁ ନେଇ ରିଙ୍କୁ ବା କୁଲଦୀପ୍ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ହାପି ବାର୍ଥ ଡେ' ହିଟ୍ ମ୍ୟାନ୍

# ସ୍ପିନର ହେବାକୁ ଥିଲା ଇଚ୍ଛା, କିନ୍ତୁ ପରିବାର ପାଖରେ ନଥିଲା ସମ୍ବଳ



**ମୁମ୍ବାଇ, ୩୦।୪:** ଭାରତୀୟ କ୍ରିକେଟ ଟିମର ଅଧିନାୟକ ରୋହିତ ଶର୍ମା ଅନେକ ଥର ଜବରଦସ୍ତ ପ୍ରଦର୍ଶନ କରି ଟିମ୍‌କୁ ଜିତାଇଛନ୍ତି। ଅଧିନାୟକ ହେବା ପୂର୍ବରୁ ଦମଦାର ପ୍ରଦର୍ଶନ କରିଥିଲେ ଏହା ପରେ ମଧ୍ୟ ବିନା କୌଣସି ଚାପରେ ଟିମର ଭଲ ଦାୟିତ୍ୱ ନେଇପାରନ୍ତି ରୋହିତ। କିନ୍ତୁ ଇଣ୍ଟରନ୍ୟାସନାଲ କ୍ରିକେଟରେ ଅନେକ ସ୍ମରଣୀୟ ଇନିଂସ ଖେଳିଛନ୍ତି ରୋହିତ। ତେବେ ଆଜି ରୋହିତ ଶର୍ମାଙ୍କର ୩୮ ତମ ଜନ୍ମଦିନ। ମହାରାଷ୍ଟ୍ରର ନାଗପୁରର ବନସୋଦରେ ୩୦ ଏପ୍ରିଲରେ ଜନ୍ମଗ୍ରହଣ କରିଥିଲେ ରୋହିତ। ରୋହିତଙ୍କ ପୁରାନାମ ରୋହିତ ଗୁରୁନାଥ ଶର୍ମା। ୨୩ ଜୁନ, ୨୦୦୭ରେ ଦିନିକିଆ ଡେବ୍ୟୁ କରିଥିଲେ ରୋହିତ। ସେହିପରି ଟେଷ୍ଟ କ୍ରିକେଟରେ ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ନଭେମ୍ବରରେ ଡେବ୍ୟୁ କରିଥିଲେ। କେବଳ ସେତିକି ନୁହେଁ, ତିନିଟି ଶତକ କରିବାରେ ମଧ୍ୟ ରେକର୍ଡ କରିଛନ୍ତି ରୋହିତ ଶର୍ମା। ଟି-୨୦ ମ୍ୟାଚରେ ମାତ୍ର ୩୫ ବଲରେ ଶତକ କରିବାର କାରନାମା ମଧ୍ୟ କରିଛନ୍ତି। ରୋହିତ ଶର୍ମା କ୍ରିକେଟ ମୁମ୍ବାଇରେ ଶିଖିଲେ। ଥରେ ସେ ଟ୍ରାଏଲ ପାଇଁ ଷ୍ଟାଡିୟମରେ ପହଁଚି ଦେଖିଲେ ନେଟସରେ ବ୍ୟାଟ୍ସମ୍ୟାନଙ୍କ ଲମ୍ବା ଲାଇନ ଲାଗିଛି। ରୋହିତ ସେହି ସମୟରେ ହିଁ ନିଷ୍ପତ୍ତି ନେଇଥିଲେ ଯେ ସେ ବୋଲର ହେବେ ଏବଂ ଅଫ ସ୍ପିନ ବୋଲର ଭାବରେ ସିଲେକ୍ଟ ହେଲେ। କିନ୍ତୁ ଏହାପରେ ମୁମ୍ବାଇର ପ୍ରସିଦ୍ଧ କୋଚ୍ ଦିନେସ ଲାଡ଼ ରୋହିତଙ୍କ ଟ୍ୟାଲେଣ୍ଟକୁ ଚିହ୍ନି ପାରିଥିଲେ ଏବଂ ଜାଣିପାରିଥିଲେ ଯେ ଏହି କ୍ରିକେଟର ଜଣେ ବୋଲର ନୁହେଁ ବ୍ୟାଟ୍ସମ୍ୟାନ ଅଟନ୍ତି। ରୋହିତ ଶର୍ମାଙ୍କ ନେଟୱର୍ଥ ଆଜି ୧୫୦ କୋଟି ଟଙ୍କାରୁ ବି ଅଧିକ। କିନ୍ତୁ ଯେତେବେଳେ ସେ କ୍ରିକେଟ ଶିଖିବା ଆରମ୍ଭ କରିଥିଲେ ସେତେବେଳେ ତାଙ୍କ ପରିବାର ପାଖରେ ତାଙ୍କ ସ୍କୁଲ ଫିସ ଦେବାପାଇଁ ମଧ୍ୟ ଟଙ୍କା ନଥିଲା। ରୋହିତ ଏକ ଗରିବ ପରିବାରରେ ଜନ୍ମ ନେଇଥିଲେ। ସେ ଡମ୍ବୀବଲିର ବେଳାନକନି ହାଇ ସ୍କୁଲରେ ପଢ଼ିଥିଲେ। ଏହାପରେ ରୋହିତଙ୍କୁ ବୋରେବଲିର ସ୍ୱାମୀ ବିବେକାନନ୍ଦ ଇଣ୍ଟରନ୍ୟାସନାଲ ସ୍କୁଲରେ ଆଡ଼ମିଶନ ପାଇଁ ପରମିଶନ ମିଳିଲା, ଯେଉଁଠି କ୍ରିକେଟର ଭଲ ଟ୍ରେନିଂ ମିଳୁଥିଲା। କିନ୍ତୁ ତାଙ୍କ ପରିବାର ପାଖରେ ସ୍କୁଲ ଫିସ ଦେବା ପାଇଁ ଟଙ୍କା ନଥିଲା। ରୋହିତଙ୍କ ଟ୍ୟାଲେଣ୍ଟ ଦେଖି ସ୍କୁଲ ତାଙ୍କ ପୂରା ଫିସକୁ ଛାଡ କରିଦେଇଥିଲେ। ରୋହିତ ଶର୍ମା ଟି୨୦ ଶତକ ଲଗାଇଥିବା ପ୍ରଥମ ଭାରତୀୟ କ୍ରିକେଟର ଅଟନ୍ତି। ବର୍ଷ ୨୦୦୬-୦୭ରେ ଟି୨୦ଫର୍ମାଟକୁ ଘରୋଇ କ୍ରିକେଟରେ ଅଣାଗଲା ଏବଂ ରୋହିତ ଶର୍ମା ଗୁଜରାଟ ବିପକ୍ଷରେ ୪୫ ବଲରେ ଶତକ ମାରିଥିଲେ। ଏଥିରେ ରୋହିତ ୪୫ ବଲରେ ୧୩ ଚଉକା ଏବଂ ୫ ଛକା ମାରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫୧ ଲକ୍ଷ...

୨୫ ହଜାର ୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ସାମିଲ୍ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁଁ ଏହି ରାଶି ରାଜ୍ୟର ଚାଷୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ ଆଜି ଆମ ଦେଶ ଖାଦ୍ୟଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ କୃଷିଜାତ ସାମଗ୍ରୀ ରପ୍ତାନୀ କରୁଛି। ଏବେ ଭାରତ କୃଷି ଓ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କ୍ଷେତ୍ରରେ ଏକ ପ୍ରମୁଖ ରାଷ୍ଟ୍ର ହୋଇପାରିଛି। ୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ନୂଆ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ହୋଇଛି।

ସେ ପୁଣି କହିଥିଲେ ଯେ ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭରଶୀଳ। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ଆସୁଛି। ଚାଷ ସହ ତାଙ୍କର ଅନୁଭୂତି ନେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷ କାର୍ଯ୍ୟ ବେଶ୍ ପରିଶ୍ରମର କାମ। ତେବେ ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହ ସରକାର ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ଚାଷ କାର୍ଯ୍ୟ ଆରମ୍ଭଠାରୁ ଫସଲ ବିକ୍ରି ପର୍ଯ୍ୟନ୍ତ ସରକାର ଚାଷୀମାନଙ୍କ ସହ ରହିଥିବା ବେଳେ ସୁବିଧା ଅସୁବିଧା ସମୟରେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ୧୯୨୧ରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକ ସଙ୍ଗୀତ ପୁସ୍ତକ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିବା ବେଳେ କାର୍ଯ୍ୟକ୍ରମରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ। କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛନ୍ତି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଓ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ରାଜ୍ୟର ଚାଷୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପ୍ରଦାନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ନିଜର ବକ୍ତବ୍ୟ ରଖିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ଥଳସେନା ...

ପରେ ସେନାକୁ ପ୍ରଧାନମନ୍ତ୍ରୀ ଗ୍ରୀନ୍ ସିଗନାଲ୍ ଦେଇଥିଲେ । ପାକିସ୍ତାନଠୁ ପହଲଗାମ୍ ହମଲାର ବଦଳା ନେବାକୁ ଭାରତର ତିନି ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଆକ୍ରମଣର ଶୈଳୀ, ଲକ୍ଷ୍ୟ, ସମୟ ନେଇ ନିଷ୍ପତ୍ତି ନେବାକୁ ସେନାକୁ ମିଳିଛି ପୂର୍ଣ୍ଣ କ୍ଷମତା। ଏନେଇ ତିନ ସେନା ମିଳିତ ନିଷ୍ପତ୍ତି ନେବେ ବୋଲି

### ଜାତୀୟ...

କ୍ରମେ ଗୋଟିଏ ରାଷ୍ଟ୍ର- ଗୋଟିଏ ନିର୍ବାଚନ ଉପରେ ବିମର୍ଶ ଆଜି କେବଳ ସଂସଦ ନୁହେଁ ବରଂ ଜନମାନସରେ ଏକ ଅଭିଯାନର ରୂପ ନେଉଛି। ଆଜିର ସମୟ ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଓ ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନକୁ ଜନଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଓ ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନର ଫାଇଦା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିହାତି ଜରୁରୀ। ଏହି କାର୍ଯ୍ୟକ୍ରମ ସେହି ବିଚାରର ସାର୍ବଜନୀନ ପ୍ରତିଫଳନ। ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଓ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ଏହି ଗଣଦୌଡ଼ରେ ଯୁବଶକ୍ତି ଅଧିକ ମାତ୍ରାରେ ଅଂଶଗ୍ରହଣ କରିଥିବାରୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ଗୃହ, ଶିକ୍ଷା ଓ ତାଲିମ ମନ୍ତ୍ରୀ ଆଶିଷ ସୁଦ୍, ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ସାମିଲ ହୋଇଥିଲେ।

### ପୁରୀ...

ଓ ପର୍ଯ୍ୟଟନ ଶିଳ୍ପ ସହିତ ଜଡ଼ିତ ଲୋକମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ଉଲ୍ଲେଖନୀୟ, ବିଜେଡି ସରକାର ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ମମତା ବାନାର୍ଜୀଙ୍କୁ ୫ଏକର ଜମି ଯୋଗାଇ ଦେଇଥିଲେ। ତେବେ ପଶ୍ଚିମବଙ୍ଗ ସରକାର ପୁରୀରେ ଅତିଥି ଭବନ ନିର୍ମାଣ କରିବା ବଦଳରେ ଦୀଘାଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଉପରେ ଜୋର ଦେଇଥିଲେ। ତେବେ ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ପୁରୀର ସେବାୟତମାନେ ଯୋଗଦେବାକୁ ନେଇ ବିବାଦ ଉପୁଜିଥିଲା। ଅବସ୍ଥା ଏଭଳି ହୋଇଥିଲା ଯେ ସେଠାରେ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ନ ଦେବାପାଇଁ ଶ୍ରୀମନ୍ଦିର ସୁଆର-ମହାସୁଆର ନିଯୋଗ ଫତ୍‌ୱା ଜାରି କରିଥିଲେ। ହେଲେ ଏହି ଫତ୍‌ୱାକୁ ଦଇତାପତିମାନେ ନ ମାନି ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ ମୁଖ୍ୟ ପୁରୋଧା ସାଜିଥିଲେ। ଦୀଘା ମନ୍ଦିର ପ୍ରତିଷ୍ଠା ପରେ ସେଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଏଥିପାଇଁ ପଶ୍ଚିମବଙ୍ଗ ସରକାର ଜୋରଦାର ପ୍ରଚାର ପ୍ରସାର ବି କରୁଛନ୍ତି। ତେବେ ଏହି ମନ୍ଦିରର ପ୍ରଭାବ ପୁରୀ ଉପରେ କିଭଳି ପଡ଼ିବ, ତାହା ଆଗାମୀ ରଥଯାତ୍ରା ସମୟରେ ଜଣାପଡିବ ବୋଲି ଆଲୋଚନା ଜୋର ଧରିଛି।

### ଜାତିଭିତ୍ତିକ...

ବିଚାରବିମର୍ଶ ପାଇଁ ଏକ ମନ୍ତ୍ରୀ ଗୋଷ୍ଠୀ ମଧ୍ୟ ଗଠନ କରାଯାଇଥିଲା। ଅଧିକାଂଶ ରାଜନୈତିକ ଦଳ ଏକ ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ମଧ୍ୟ ଦେଇଥିଲେ। ତେବେ ଆଜି ହୋଇଥିବା ନିଷ୍ପତ୍ତିକୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିଛନ୍ତି। ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଏହା ହୋଇନଥିବାରୁ ଏବେ ଏହାର କ'ଣ ଆବଶ୍ୟକତା ରହିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏପରି ଜନଗଣନା ଦ୍ୱାରା କେଉଁ ଜାତିର କେତେ ଲୋକ ଭାରତରେ ଅବସ୍ଥାନ କରୁଛନ୍ତି, ସେନେଇ ସଠିକ୍ ତଥ୍ୟ ମିଳିପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତେି।

### କାମରେ...

ମେସିନ୍‌ଗୁଡିକ ଯୋଗାଇ ଦିଆଯାଇଥିଲା, ତା'ର ସ୍ଥିତି ଏବେ କ'ଣ ତା'ର ସଠିକ୍ ସୂଚନା ମିଳୁନାହିଁ। ତେବେ ବହୁ ସ୍ଥାନରେ ପାଣି ମିଟରକୁ ଚୋର ଓ ନିଶାଡ଼ିମାନେ ଚୋରାଇ ନେଇଯାଉଛନ୍ତି। ଯେହେତୁ ଏହା କୌଣସି କାମରେ ଆସୁନାହିଁ, ତେଣୁ ନୂଆ ମିଟର ଲଗାଇବା ଉପରେ ଆଉ ସେଭଳି କେହି ଗୁରୁତ୍ୱ ମଧ୍ୟ ଦେଉନାହାନ୍ତି।

ଅନ୍ୟ ପକ୍ଷରେ ସରକାର ଯୋଗାଉଥିବା ଆକ୍ୱାଗାର୍ଡ ମାନର ଜଳ ଯେତିକି ବ୍ୟବହାର ହେଉଛି, ତା'ର ବହୁଗୁଣ ଅପଚୟ ହେବାରେ ଲାଗିଛି। ଆକ୍ୱାଗାର୍ଡ ମାନର ଜଳ ପ୍ରସ୍ତୁତ ପାଇଁ ଲିଟର ପିଛା ୧୦ରୁ ୨୦ ପଇସା ଖର୍ଚ୍ଚ ହେଉଥିବା ବେଳେ ଏହି ଜଳର ସିଂହଭାଗ ଲୁଗାସଫା, ଶୌଚାଳୟ, ଗାଡ଼ିଧୁଆ, ବଗିଚାରେ ଅପଚୟ ହେଉଛି। ଅନ୍ୟ ବଡ଼ ବଡ଼ ସହର ଭଳି ଏହିସବୁ କାର୍ଯ୍ୟ ପାଇଁ ପୃଥକ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଗୁଣାତ୍ମକ ଜଳ ପାଇଁ ସରକାର ଖର୍ଚ୍ଚ କରୁଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବା ସାର ହେଉଛି। (ତଥ୍ୟ)

### ଆତଙ୍କୀ ...

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଜିତନ ରାମ ମାନଝି, ରାମ ମୋହନ ନାଇଡୁ, ସର୍ବାନନ୍ଦ ସୋନୋୱାଲଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ଏହି ୩ ବୈଠକ ପରେ ଆରମ୍ଭ ହୋଇଥିଲା କ୍ୟାବିନେଟ ବୈଠକ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ବିହାରର ମଧୁବନୀରେ ପ୍ରଧାନମନ୍ତ୍ରୀ ମୋଦି କହିସାରିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣ ପଛର ମାଷ୍ଟରମାଇଣ୍ଡ ଓ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଅକଳ୍ପନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜିର ଘନ ଘନ ବୈଠକରେ ଏ ସଂକ୍ରାନ୍ତୀୟ ଆଲୋଚନା ହୋଇଥିବା ଆକଳନ କରାଯାଉଛି। ଆତଙ୍କବାଦୀ ହୁଅନ୍ତୁ ଅବା ସେମାନଙ୍କ ଆକ୍କା, ପାତାଳରେ ଲୁଚିଥିଲେ ବି ସେମାନଙ୍କୁ ଖୋଜି ବାହାର କରାଯିବ ବୋଲି ଚେତାବନୀ ଦେଇଥିଲେ ମୋଦି। ଆଜିର ବୈଠକରେ ସେ ସଂକ୍ରାନ୍ତରେ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି। କାରଣ ପୂର୍ବରୁ ରାଜନାଥ ସିଂହ ମଧ୍ୟ କହିଥିଲେ ଆତଙ୍କୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂର୍ବରୁ ପାକିସ୍ତାନ ଏକଘରିକିଆ ହୋଇସାରିଛି। ବିଶ୍ୱ ସମୁଦାୟରୁ ପାକିସ୍ତାନକୁ କୌଣସି ସମର୍ଥନ ମିଳୁନାହିଁ। ଆତଙ୍କୀ ଆକ୍ରମଣ ପରେ ଭାରତର ଆଭିମୁଖ୍ୟକୁ ସାରା ବିଶ୍ୱ ସମର୍ଥନ କରୁଛି। ଆଜି ହୋଇଥିବା ୪ଟି ବୈଠକରେ ପହଲଗାମ ଦୋଷୀଙ୍କୁ ପ୍ରହାର ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି।

ଗତ ୨୦୧୯ ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବୈଠକ ବସିଥିଲା, ଯେଉଁଥିରେ ସୁରକ୍ଷା ସ୍ଥିତିର ସମୀକ୍ଷା ସହ ଆତଙ୍କବାଦର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲା। କିଛି ଦିନ ପରେ ଅର୍ଥାତ୍ ଉକ୍ତ ବର୍ଷ ଫେବୃଆରି ୨୬ରେ ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣା ପରେ ଆଜି ଅନୁଷ୍ଠିତ ଏକାଧିକ ବୈଠକରେ ସମାନ ଧରଣର କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି।

### ଲାହୋରରେ...

ଜୋହର ଟାଉନରେ ରହୁଛି। କୁହାଯାଉଛି ଯେ ହାଫିଜକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ହାଫିଜ୍‌ର ବ୍ୟକ୍ତିଗତ ସୁରକ୍ଷାକର୍ମୀ ମଧ୍ୟ ୨୪ ଘଣ୍ଟା ସଜାଗ ରହିଛନ୍ତି। ହାଫିଜ୍ ସୟିଦର ଗୁପ୍ତ ଠିକଣାର ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା ପରେ ଦେଖିବାକୁ ମିଳିଛି ଯେ ହାଫିଜ୍ ତା' ପରିବାର ସହ ଏକ କୋଠାରେ ରହୁଛି। ହାଫିଜର ବ୍ୟକ୍ତିଗତ ପାର୍କ ମଧ୍ୟ ରହିଛି। ଘର ପରିସରର ଦ୍ୱିତୀୟ କୋଠାରେ ଏକ ମସଜିଦ୍ ଓ ଏକ ମଦ୍ରାସା ରହିଛି। ଏହାର ତଳେ ଏକ ବଙ୍କର ଥିବା ବେଳେ ସମ୍ପୂର୍ଣ୍ଣ କମ୍ପ୍ଲେକ୍ସର ପରିସୀମା ପାଖାପାଖି ୫ ହଜାର ବର୍ଗଫୁଟ। କୁହାଯାଉଛି ଯେ ସେ ବହୁ ବର୍ଷ ଧରି ପରିବାର ସହ ଏଠାରେ ରହୁଛି। ବହୁଚର୍ଚ୍ଚିତ ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାର ମାଷ୍ଟରମାଇଣ୍ଡ ହାଫିଜ୍‌କୁ ଜାତିସଂଘ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରିଛି। କାଶ୍ମୀର ଓ ଭାରତର ଅନ୍ୟାନ୍ୟ ସ୍ଥାନରେ ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ହାଫିଜ୍‌ର ହାତ ରହିଛି ।

### ୧୪ରେ...

ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏପ୍ରିଲ ୨୭ରେ ଆନ୍ଥ୍ରୋପୋଲୋଜି ପେପର-୧ (ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା) ପରୀକ୍ଷା ବେଳେ ପ୍ରଶ୍ନପତ୍ରରେ ପେପର-୨ର ସିଲାବସ୍‌ରୁ ପ୍ରଶ୍ନ ରହିଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ପେପର-୨ରେ ମଧ୍ୟ ଅନୁରୂପ ତ୍ରୁଟି ଦେଖାଦେଇଥିଲା। ଏହି ଭୁଲ ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ଓପିଏସ୍‌ସି ଏହାକୁ ଗୁରୁତର ସହ ଗ୍ରହଣ କରି ଏକ ସାନି ପରୀକ୍ଷା ପାଇଁ ନିଷ୍ପତ୍ତି ନେଇଛି। ନିଷ୍ପତ୍ତି ଅନୁସାରେ, ଆସନ୍ତା ୧୪ ତାରିଖରେ ହେବାକୁ ଥିବା ପରୀକ୍ଷାରେ ଆନ୍ଥ୍ରୋପୋଲୋଜି ପେପର-୧ ଓ ପେପର-୨ର ସଠିକ ସିଲାବସ୍ ଅନୁଯାୟୀ ପ୍ରଶ୍ନ ରହିବ। ପରୀକ୍ଷାର ସମୟ ଓ ସ୍ଥାନ ସମ୍ପର୍କିତ ବିସ୍ତୃତ ତଥ୍ୟ ଓପିଏସ୍‌ସିର ଅଫିସିଆଲ ୱେବସାଇଟ୍‌ରେ ଶୀଘ୍ର ପ୍ରକାଶ କରାଯିବ। ପରୀକ୍ଷାର୍ଥୀମାନଙ୍କୁ ନିୟମିତ ଭାବେ ୱେବସାଇଟ ଦେଖି ଅପଡେଟ୍ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପରୀକ୍ଷାର୍ଥୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ନେଇ ଓପିଏସ୍‌ସି ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି।

### ୪ ଓଡ଼ିଆଙ୍କ...

ପରିଚୟ ମିଳିପାରିନାହିଁ। ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ୧୩ ଜଣ ଆହତ ହୋଇଥିବା ନେଇ ଜନୈକ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସକାଶେ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତା'ଛଡ଼ା ଆହତଙ୍କ ସକାଶେ ପ୍ରଧାନମନ୍ତ୍ରୀ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ କୁହାଯାଇଛି।

ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟରେ ଉକ୍ତ ହୋଟେଲ୍‌ର ୪୨ଟି କୋଠରୀରେ ମୋଟ ୮୮ ଜଣ ଥିଲେ। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୨ ଜଣ ଶିଶୁ ସାମିଲ୍ ଅଛନ୍ତି। ଫୋରେନସିକ୍ ଟିମ୍ ଉକ୍ତ ଅଞ୍ଚଳକୁ ସିଲ୍ କରିବା ସହ ଛାନ୍‌ଭିନ୍ ଚଳାଇଛି। ନିଆଁକୁ ନିୟନ୍ତ୍ରଣ କରିବା ସକାଶେ ଋତୁରାଜ ହୋଟେଲ୍‌ରେ ୧୦ଟି ଦମକଳ ବାହିନୀକୁ ନିୟୋଜିତ କରାଯାଇଥିବା ବେଳେ ଦୀର୍ଘ ୧୦ ଘଣ୍ଟା ପରେ ସେମାନେ ନିଆଁକୁ ଆୟତ୍ତ କରିଛନ୍ତି। ସେହିପରି ମୃତକଙ୍କ ମଧ୍ୟରୁ ୮ ଜଣଙ୍କ ପରିଚୟ ମିଳିଥିବା ଜଣାପଡ଼ିଛି। ସେହିପରି ମୃତକଙ୍କ ମଧ୍ୟରେ ରହିଥିବା ୪ ଜଣ ଓଡ଼ିଆଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନନ୍ଦନ ଗାଁର ମନୋଜ ପାତ୍ର, ଭୁବନେଶ୍ୱରର ଧବଳେଶ୍ୱର ମନ୍ଦିର ନିକଟବର୍ତ୍ତୀ ଶୁକ ବିହାର ଅଞ୍ଚଳର ଦୁଷ୍ମନ୍ତ କୁମାର ନାୟକ ଓ ଦୁଷ୍ମନ୍ତ କୁମାର ସ୍ୱାଇଁ। ସେମାନେ ସମସ୍ତେ ଭୁବନେଶ୍ୱରର ମହିନ୍ଦ୍ରା ଫାଇନାନ୍ସରେ କାମ କରୁଥିବା ବେଳେ କମ୍ପାନୀ କାମରେ କୋଲ୍‌କାତାସ୍ଥିତ ଉକ୍ତ ହୋଟେଲରେ ଅବସ୍ଥାନ କରିବା ସମୟରେ ଏପରି ଅଘଟଣର ଶିକାର ହୋଇଛନ୍ତି। ଏହି ଅଘଟଣର ତଦନ୍ତ କରିବା ସକାଶେ କୋଲକାତା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି।

ସଂଚାର THE SANCHAR

ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା ଉଦ୍‌ଘାଟିତ

# ମେଳା 'ନାରୀ ଶକ୍ତିର ମହୋତ୍ସବ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦।୪(ସଂଚାର ବ୍ୟୁରୋ): ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ

**୨୦୨୭ ସୁଦ୍ଧା ସୃଷ୍ଟି ହେବେ ୨୫ ଲକ୍ଷ ଲକ୍ଷପତି ଦିଦି**

ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି ।

ଏହି ଅବସରରେ ସେ କହିଛନ୍ତିଯେ, ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡିଶା ନୁହେଁ ବରଂ ସାରା ଭାରତର ମହିଳା ମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ। ଆମେ ନିକଟରେ ଉତ୍କର୍ଷ ଓଡିଶା-ମେକ ଇନ ଓଡିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ ଏବଂ ସେଥିରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ। ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତ୍ତାବହ ଏବଂ ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ। ତେବେ ସମସ୍ତଙ୍କ ପାଇଁ ଖୁସିର ବିଷୟ ଯେ, ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି। ସେ ପୁଣି କହିଥିଲେଯେ, ଆମେ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ଆର୍ଥିକ ପ୍ରବେଶରେ ନିବେଶ କରୁଛୁ ଏବଂ ଓଡ଼ିଶାକୁ ଓମେନ-ଲେଡ୍ ବିକାଶର ଏକ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା ଭଳି କାର୍ଯ୍ୟକ୍ରମ ଖୁବ୍ ସହାୟକ ହେବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ, ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ସମାବେଶ, ଓଡିଆ ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଇସିସି ଚେୟାରପର୍ସନ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇନ୍-ୱେକ୍ ର କୋ-କନଭେନର ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ ପ୍ରୀତି ପଲ୍ଲବୀ ପଟ୍ଟନାୟକ, କନଭେନର ଧର୍ମାଦିତ୍ୟ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ ।

ଜାତିଗତ ଜନଗଣନାକୁ କେନ୍ଦ୍ର କ୍ୟାବିନେଟର ସ୍ୱୀକୃତି

# ସାମାଜିକ ନ୍ୟାୟର ନୂଆ ଯୁଗ ଆରମ୍ଭ: ଧର୍ମେନ୍ଦ୍ର



**କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି**

ଭୁବନେଶ୍ୱର, ୩୦।୪ (ସଂଚାର ବ୍ୟୁରୋ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତିଗତ ଜନଗଣନାକୁ ଆଗାମୀ ଜନଗଣନାରେ ସାମିଲ କରିବା ପାଇଁ ସ୍ୱୀକୃତି ଦେଇଛି, ଯେଉଁ ଐତିହାସିକ ନିର୍ଣ୍ଣୟକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ସମତା, ସମରସତା, ସୁଶାସନ ଏବଂ ସାମାଜିକ ନ୍ୟାୟର ଏକ ନୂଆ ଯୁଗ ଆରମ୍ଭ। ବଞ୍ଚିତ, ପଛୁଆ ଲୋକଙ୍କୁ ନୀତି-ନିର୍ମାଣରେ କେନ୍ଦ୍ରରେ ରଖିବା, ସମାଜର ସମସ୍ତ ବର୍ଗଙ୍କୁ ଯୋଡିବା, ସାମାଜିକ, ଶୈକ୍ଷିକ ଏବଂ ଆର୍ଥିକ ଅସମାନତାକୁ ପାରଦର୍ଶୀ ଏବଂ ପ୍ରମାଣିକ ଶୈଳୀରେ ଦୂର କରିବା ତଥା ସବୁ ବର୍ଗଙ୍କ ପାଇଁ ଉଚିତ୍ ଅଧିକାର ସୁନିଶ୍ଚିତ କରିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ବିଗତ ୧୧ ବର୍ଷ ଧରି ସମ୍ବିଧାନର ମୂଳ ଭାବନା ଅନୁସାରେ ସବକା ସାଥ୍- ସବକା ବିକାଶର ସଂକଳ୍ପ ସହ କାମ କରୁଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସରକାର ଚାଲୁଛି । ଆଜିର ଏହି ନିର୍ଣ୍ଣୟ ସବକା ସାଥ୍ - ସବକା ବିକାଶ ଏବଂ ସାମାଜିକ ନ୍ୟାୟର ଅବଧାରଣାକୁ ସଶକ୍ତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସବୁବେଳେ ଜାତି ଗଣନା ବିଷୟରେ ଛଳନା କରିଛନ୍ତି । କଂଗ୍ରେସ ଯେତେବେଳେ ସରକାରରେ ଥିଲା, ସେତେବେଳେ ଏହି ବିଷୟକୁ କେବଳ ଫାଷ୍ଟ ସର୍ଭେ ମଧ୍ୟରେ ସୀମିତ ରଖିଥିଲା। ଏହାକୁ ଜନଗଣନାର ଅଂଶ ଭାବରେ ସାମିଲ କଲାନାହିଁ । କିନ୍ତୁ ମୋଦି ସରକାରଙ୍କ ନୀତି ସ୍ପଷ୍ଟ ଏବଂ ଦୂରଦର୍ଶୀ ନିର୍ଣ୍ଣୟାକ ମଧ୍ୟ । ଐତିହାସିକ ଭୁଲକୁ ସୁଧାରୁଥିବା ଏହି ସମ୍ବେଦନଶୀଳ ନିର୍ଣ୍ଣୟ ପ୍ରଧାନମନ୍ତ୍ରୀଙ୍କ ଦୃଢ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ରାଜ୍ୟରେ କାଳବୈଶାଖୀ ପ୍ରଭାବ, ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ରାଜ୍ୟରେ ଜାରି ରହିଛି କାଳବୈଶାଖୀ। ଆଗାମୀ ଦିନରେ ବି ଏହି କାଳବୈଶାଖୀ ବର୍ଷା ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଥିବାରୁ ଆଜି ଏନେଇ ୯ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ପାଇଁ ଭୁବନେଶ୍ୱର ପାଣିପାଗ ବିଭାଗ ଏହି ୱାର୍ଣ୍ଣିଂ ଜାରି କରିଥିବା ବେଳେ ଉକ୍ତ ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ କୁଆପଥର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି କେତେକ ସ୍ଥାନରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି। ସେହିପରି ରାଜ୍ୟର ଅନ୍ୟ ୨୨ଟି ଜିଲ୍ଲାକୁ ଆସନ୍ତାକାଲି ସକାଳ ସାଢେ ୮ଟା ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଆସନ୍ତା ୨ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ୭ଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହାଛଡ଼ା ଉକ୍ତ ଦିନ ପାଇଁ ୨୩ ଜିଲ୍ଲାକୁ ୟେଲୋ ଆଲର୍ଟ ବି ଜାରି କରାଯାଇଛି। ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ଆଶଙ୍କା କରିବା ସହ ବିଜୁଳି ଘଡ଼ଘଡ଼ି ସମୟରେ ଘରୁ ନବାହାରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

# ୪ରେ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଜନପ୍ରତିବାଦ



ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଆସନ୍ତା ୪ ତାରିଖରେ ସୈନିକ ସ୍କୁଲ୍ ବଞ୍ଚାଅ ଅଭିଯାନ ପକ୍ଷରୁ ଜନପ୍ରତିବାଦ ଅନୁଷ୍ଠିତ ହେବ। ଏଥିରେ ସୈନିକ ସ୍କୁଲ ମୁଖ୍ୟ ପ୍ରବେଶ ଦ୍ୱାରରେ ଶହ ଶହ ସଂଖ୍ୟାରେ ସ୍ଥାନୀୟ ଲୋକ ଏହି ସଭାରେ ଯୋଗଦେବେ। ସୈନିକ ସ୍କୁଲ ପରିସରରେ ଥିବା ଅସ୍ଥାୟୀ ଡମ୍ପିଂ ୟାର୍ଡ ହଟାଇବା ଦାବି ସହ ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତି ପ୍ରତ୍ୟାହାର ଦାବି ନେଇ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏନେଇ ଆଜି ଅନୁଷ୍ଠିତ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସଭାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଭିଭାବକ, ସ୍ଥାନୀୟ ବୁଦ୍ଧିଜୀବୀ ମଧ୍ୟ ଯୋଗଦେବେ ବୋଲି ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, କାଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟ ସୂଚନା ଦେଇଛନ୍ତି। ଆଜିର ବୈଠକରେ ଏମାନଙ୍କ ବ୍ୟତୀତ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଭକ୍ଷାକାରି ତ୍ରିପାଠୀ, ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ନାୟକ, ବିଶିଷ୍ଟ ବ୍ୟାଙ୍କର ଶ୍ରୀଯୁକ୍ତ ବାସା, ସତ୍ୟବ୍ରତ ମହାନ୍ତି, ସୁବ୍ରତ ସାହୁ, ଚିନ୍ତାମଣି ବାରିକ, ପ୍ରତାପ ସାହୁ, ସୈନିକ ସ୍କୁଲ ଅଭିଭାବକ ସଂଘ ସଭାପତି ଆଶୁତୋଷ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ପୂର୍ବରୁ ଏହି ପ୍ରସଙ୍ଗରେ ସଂଘ ପକ୍ଷରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ ସହ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରାଯାଇସାରିଛି। ବିଶେଷକରି ସୈନିକ ସ୍କୁଲ୍ ପରି ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ଭୁବନେଶ୍ୱର ବାହାରକୁ ସ୍ଥାନାନ୍ତର ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ କଦାପି ଗ୍ରହଣ କରିବେ ନାହିଁ ବୋଲି ସଂଘ ସ୍ପଷ୍ଟ କରିସାରିଛି। ସେହିପରି ଏଠାରେ ଥିବା ଡମ୍ପିଂ ୟାର୍ଡ ସ୍ଥାନୀୟ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହା ପ୍ରଭାବରେ ସ୍ଥାନୀୟ ଲୋକେ ନାନାଦି ଦୁରାରୋଗ୍ୟରେ ପୀଡ଼ିତ ହେଉଥିବା ବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସକାଶେ ସଂଘ ଦାବି କରିଆସିଛି। ସଚେନାଯୋଗ୍ୟ ଯେ ଓଡିଶା ଅଭିଭାବକ ମହାସଂଘ, ସୈନିକସ୍କୁଲ ପୁରାତନ ଛାତ୍ର ସଙ୍ଘ, ଲକ୍ଷ୍ମୀ ବିହାର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ କମିଟି, ସିଟିଜେନ ଫୋରମ, ଭିଏସଏସ ନଗର ଉନ୍ନୟନ କମିଟି ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ 'ଅଲିଅଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ' ନାରା ଦେଇ ଏ ଦିଗରେ ସରକାରଙ୍କ ପକ୍ଷରୁ ଠୋସ୍ ପଦକ୍ଷେପ ପାଇଁ ଦାବି କରାଯାଇସାରିଛି।

ଦୁର୍ଘଟଣାରେ ଦୁଇ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ ଘଟଣା

# ପ୍ରଭାସିନୀ ଓ ଦେବୀଙ୍କୁ ମିଳିଲା ସହାୟତା



**ନିଯୁକ୍ତିପତ୍ର ସହ ୧୦ ଲକ୍ଷ ଲେଖାଏଁ ପ୍ରଦାନକଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): କଟକର ପ୍ରଭାସିନୀ ବେହେରା ଓ ରାୟଗଡ଼ାର ଦେବୀ ଶବର। ଉଭୟଙ୍କ ଆଖିରେ ଥିଲା କୃତଜ୍ଞତାର ଅଶ୍ରୁ। ସେମାନଙ୍କ ଦୁଃଖ ସମୟରେ ସହାୟତାର ହାତ ବଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଲୋକପ୍ରିୟତା ହାସଲ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ପୁଣିଥରେ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ଆଜି ଉଭୟ ପ୍ରଭାସିନୀ ଓ ଦେବୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ଓ ୧୦ ଲକ୍ଷ ଟଙ୍କା ଲେଖାଏଁ ଚେକ୍ ଆକାରରେ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ଭଲମନ୍ଦ ପଚାରି ବୁଝିବା ସହ ଅଧୈର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର ସେମାନଙ୍କ ସହିତ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ ଓ ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ଗତ ୨୨ ତାରିଖ ଦିନ ପିସିଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ହୋମଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଚାଲିଗଲା ୩ ଜୀବନ

ପଦ୍ମପୁର,୩୦।୪(ସଂଚାର ବ୍ୟୁରୋ): ଏମିତି ବି ଆସେ ମୃତ୍ୟୁ। ଘରେ ରୋଷେଇ କରୁଥିବା ସମୟରେ ବଜ୍ରପାତ ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଘଟଣା ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅନ୍ତର୍ଗତ ଲଖମରା ଗ୍ରାମରେ ଘଟିଛି। ଗତକାଲି ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଗୋଟିଏ ପରିବାରର ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ମମତା ମେହେର, ଆଶିଷ ମେହେର ଓ ସେମାନଙ୍କ ପୁତୁରା। ତେବେ ପୁତୁରାର ପରିଚୟ ମିଳିପାରିନାହିଁ। ବିଲ ନିକଟରେ ରହିଥିବା ଅସ୍ଥାୟୀ ଘରକୁ ଯାଇ ରୋଷେଇ କରୁଥିବା ସମୟରେ ସେମାନେ ଏହି ଅଘଟଣର ଶିକାର ହୋଇଛନ୍ତି। ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଢେଙ୍କାନାଳ ଅବକାରୀ ଅଧୀକ୍ଷକ ଗିରଫ



ଢେଙ୍କାନାଳ,୩୦।୪(ସଂଚାର ବ୍ୟୁରୋ): ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ଅବକାରୀ ଅଧୀକ୍ଷକ। ଢେଙ୍କାନାଳ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କୁ ଆଜି ଭିଜିଲାନ୍ସ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ଗତକାଲି ୩ ଲକ୍ଷ ଟଙ୍କା ନେଇ ଯାଉଥିବା ସମୟରେ ତାଙ୍କୁ ଢେଙ୍କାନାଳ ଦେଉଳସାହି ରୋଡ଼ରେ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଏକ ସ୍କର୍ପିଓ ଗାଡ଼ିରେ ସେ ଟଙ୍କା ନେଇ ଯାଉଥିବା ସମୟରେ ଭିଜିଲାନ୍ସ ଟିମ୍‌କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ତାଙ୍କୁ ଭିଜିଲାନ୍ସ ବିଭାଗ ଅଟକ ରଖିଥିଲା। ଏଥିସହ ଶ୍ରୀମତୀ ନାୟକଙ୍କ ସହ ଜଡ଼ିତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ରେଡ୍ କରାଯାଇଥିଲା। ଯାଞ୍ଚ ସମୟରେ ଶ୍ରୀମତୀ ନାୟକଙ୍କ ନାମରେ କଟକ ଓ ପୁରୀରେ ବହୁତଳ ପ୍ରାସାଦ ସହ ଦୁଇଟି ବେନାମୀ ଗାଡ଼ି, ୮ଟି ବହୁମୂଲ୍ୟ ପ୍ଲଟ, ୨୦ ଲକ୍ଷ ଟଙ୍କାର ଜମାରାଶି ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏହି ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ କଟକ ଡିଭିଜନର ଏସପି ଏମ୍. ରାଧାକ୍ରିଷ୍ଣ କହିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା

# କୁପୋଷଣମୁକ୍ତ ରାଜ୍ୟ ପାଇଁ ମିଶନ ମୋଡ୍ ଜରୁରୀ



ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷକରି ରାଜ୍ୟକୁ କୁପୋଷଣମୁକ୍ତ କରିବା ଲକ୍ଷ୍ୟରେ ମିଶନ ମୋଡରେ କାର୍ଯ୍ୟ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗର୍ଭବତୀ, ପ୍ରସୂତି ମା' ଓ କିଶୋରୀମାନଙ୍କର ପୋଷଣକୁ ସଶକ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଅତିଶୟ କୁପୋଷିତ ବ୍ଲକକୁ ଟାର୍ଗେଟ କରି ଏହାକୁ ୧୦୦ ପ୍ରତିଶତ କୁପୋଷଣମୁକ୍ତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅର୍ଥାତ କୁପୋଷଣର ପ୍ରମୁଖ କାରଣ ଯଥା ସଠିକ ପୋଷଣର ଅଭାବ ଓ ଅସ୍ୱାସ୍ଥ୍ୟକର ପରିବେଶ, ପିଲାମାନଙ୍କର ହାତଧୁଆ ଅଭ୍ୟାସ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ଗାଁ ଗାଁରେ ପୋଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ସହ ମା'ମାନଙ୍କୁ ନିଜର ଓ ଶିଶୁମାନଙ୍କ ପୋଷଣ ପ୍ରତି ସଚେତନ କରିବା ପାଇଁ ସେ ମତ ଦେଇଥିଲେ। ଅଙ୍ଗନବାଡି କର୍ମୀ ଓ ସହାୟିକାମାନଙ୍କର ତାଲିମ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ସକାଶେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ ଦେବା ସହ ସୁଭଦ୍ରା ଓ ମମତା କାର୍ଯ୍ୟକ୍ରମ, ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରିଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶକ ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

● ହାତୀ ହାବୁଡ଼ରେ ପଡ଼ିଗଲେ ଦମ୍ପତି

# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କେନ୍ଦୁଝର,୩୦।୪(ସଂଚାର ବ୍ୟୁରୋ): ଗୁରୁବାର କେନ୍ଦୁଝର ବନଖଣ୍ଡର ତେଲକୋଇ ରେଞ୍ଜ ଅଞ୍ଚଳରେ ଏକ ଜଙ୍ଗଲୀ ହାତୀ ଆକ୍ରମଣରେ ଜନୈକ ୪୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ସେହିପରି ଏହି ଆକ୍ରମଣ ଘଟଣାରେ ତାଙ୍କ ସ୍ୱାମୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ମହିଳାଙ୍କ ନାମ ଲାବଣ୍ୟ ପଲେଇ ଓ ଆହତଙ୍କ ନାମ ଯଦୁ ପଲେଇ। ଉଭୟ ତେଲକୋଇ ବନାଞ୍ଚଳ ଅନ୍ତର୍ଗତ ଉଦୟଗିରି ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇ ପଡ଼ିଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ସୁରକ୍ଷା ମିଳୁ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ବଢ଼ିଚାଲିଛି। ଉଭୟ ଗ୍ରାମ ଉପକଣ୍ଠସ୍ଥିତ କାଜୁ ବଗିଚାକୁ ଯାଉଥିବା ସମୟରେ ଅଚାନକ ଏକ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀପଲ ମଧ୍ୟରୁ ଗୋଟିଏ ହାତୀ ଲାବଣ୍ୟଙ୍କୁ ଶୁଣ୍ଢରେ ଉପରକୁ ଟେକି ତଳେ କଚାଡ଼ିଦେଇଥିଲା। ଏଥିରେ ଲାବଣ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ସେହିପରି ଲାବଣ୍ୟଙ୍କୁ ଉଦ୍ଧାର କରିବା ସକାଶେ ଉଦ୍ୟମ କରୁଥିବା ଯଦୁଙ୍କ ଛାତିକୁ ହାତୀ ଶୁଣ୍ଢରେ ଧକ୍କା ଦେବା ଫଳରେ ସେ ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ତେଲକୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ସ୍ଥିତି ଅଧିକ ସଙ୍କଟାପନ୍ନ ହେବାରୁ ସ୍ୱାମୀ-ସ୍ତ୍ରୀଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାବଣ୍ୟଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ତେଲକୋଇ ବନାଞ୍ଚଳ ରେଞ୍ଜର ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି ଯେ ବ୍ୟାପକ ମାତ୍ରାରେ ସଚେତନତା ଓ ସତର୍କତା କରାଯାଉଥିଲେ ହେଁ ଲୋକେ ଏହାକୁ ସଠିକ୍ ଭାବେ ମାନୁନାହାନ୍ତି। ଏଇଥିପାଇଁ ହିଁ ଆଜି ଏପରି ଅଘଟଣ ଘଟିଛି। ତେବେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପାଇଁ କ୍ଷତିପୂରଣ ଯୋଗାଇ ଦିଆଯିବ। ଆହତଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆମେ ହାତୀ ପଲକୁ ଜନବସତିରୁ ଜଙ୍ଗଲ ଅଞ୍ଚଳକୁ ଘଉଡ଼ାଇବାକୁ ଚେଷ୍ଟା କରୁଛୁ। ହାତୀକୁ ଟ୍ରାକ୍ କରିବାହାତୀ ଡ୍ରାଇଭିଂ ସ୍କ୍ୱାଡ୍ ମଧ୍ୟ ନିୟୋଜିତ ହୋଇଛନ୍ତି।

କ୍ରିପ୍ଟୋ ନିବେଶ ନାଁରେ ଠକେଇ

# ଅଭିଯୁକ୍ତକୁ ୭ ବର୍ଷ କାରାଦଣ୍ଡ, ଜୋରିମାନା

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): କ୍ରିପ୍ଟୋ ନିବେଶ ନାମରେ ଶହ ଶହ ଜମାକାରୀଙ୍କ ନିକଟରୁ ୧.୧୩ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗରେ ବାଲେଶ୍ୱର ଓପିଆଇଡି ଅଦାଲତ ମୁଖ୍ୟ ଅଭିଯୁକ୍ତ ନୀଲେଶ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୨.୩୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ରାଶି ପୈଠ ନ କଲେ ଅଭିଯୁକ୍ତଙ୍କୁ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୩ ଏପ୍ରିଲ ୫ରେ ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ବାସିନ୍ଦା ମହାମାନ୍ୟ ଜେନା କ୍ରିପ୍ଟୋ ନିବେଶ ନାମରେ ଠକାମିର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ନିଲେଶ କର ତାଙ୍କୁ 'କ୍ଲାଉଡ୍-ଫୁଟ୍' ନାମକ ଏକ ଆପ୍/ୱେବସାଇଟରେ ଟଙ୍କା ନିବେଶ କରି ଅଧିକ ଟଙ୍କା ରୋଜଗାର କରିବାକୁ ପ୍ରୋତ୍ସାହିତ କରିଥିଲେ। ସେହି ଅନୁଯାୟୀ ମହାମାନ୍ୟ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୨ ଲକ୍ଷ ୧୩ ହଜାର ୩୮ ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୫୦ ଲକ୍ଷ ୫୭ ହଜାର ୧୧୭ ଟଙ୍କା ମିଳିବ ବୋଲି 'କ୍ଲାଉଡ୍-ଫୁଟ୍' ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ହଠାତ୍ ସମ୍ପୃକ୍ତ ୱେବସାଇଟ୍ ଅଚଳ ହୋଇଯାଇଥିଲା। ଫଳରେ ମହାମାନ୍ୟ ଟଙ୍କା ଉଠାଇବାରେ ସକ୍ଷମ ହୋଇନଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜୟଦେବ ଓଡ଼ିଆ ଅସ୍ମିତାର ଅନ୍ୟତମ ମହାନାୟକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦।୪(ସଂଚାର ବ୍ୟୁରୋ): କବି ଜୟଦେବ ଓ 'ଗୀତଗୋବିନ୍ଦ' ଆମ ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । କବି ଜୟଦେବ ଓଡ଼ିଆ ଅସ୍ମିତାର ଅନ୍ୟତମ ମହାନାୟକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଜୟଦେବ ଜୟନ୍ତୀ ଅବସରରେ ଜନ୍ମପୀଠ କେନ୍ଦୁବିଲ୍ୱଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟଦେବଙ୍କ ପୀଠକୁ ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ ଅନେକ ପ୍ରକଳ୍ପ ଘୋଷଣା କରିବା ସହ ପାଖାପାଖି ୭ କୋଟି ଟଙ୍କା ମୂଲ୍ୟର କେତେକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହ ଜୟଦେବ ପୀଠକୁ ଏକ ଆଧ୍ୟାତ୍ମିକ ବିଶ୍ୱସ୍ତରୀୟ ପୀଠରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ପ୍ରବେଶ ପଥ, ଦଶାବତାର ପ୍ଲାଜା, ପଦ୍ମ ପୋଖରୀର ସୌନ୍ଦର୍ଯ୍ୟକରଣ, ବିଭିନ୍ନ କୁଞ୍ଜ'ର ବିକାଶ, କ୍ରାଫ୍ଟ ଶପ୍, ଫୁଡ୍ କୋର୍ଟ ଆଦିର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସଂସ୍କୃତି, ପର୍ଯ୍ୟଟନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ପୀଠକୁ ବିକାଶ କରି ଏହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୟଦେବ କେବଳ ଯେ ଗୀତ ଗୋବିନ୍ଦ ପାଇଁ ପୂଜ୍ୟ, ତାହା ନୁହେଁ; ଏ ଦେଶ ଯେଉଁ କେତେଜଣ ମହାନ ଶାସ୍ତ୍ରୀୟ ସଂସ୍କୃତ କବିଙ୍କୁ ଜନ୍ମ ଦେଇଛି, ସେମାନଙ୍କ ସହିତ ଜୟଦେବ ସମକକ୍ଷ। ଅଶ୍ୱଘୋଷ, ଭାସ, କାଳିଦାସ, ଭର୍ତ୍ତୃହରିଙ୍କଠାରୁ ଆରମ୍ଭ କରି ବିଲହନ ଓ ଶ୍ରୀହର୍ଷ ପ୍ରମୁଖ ଶାସ୍ତ୍ରୀୟ ସଂସ୍କୃତ କବି ଥିଲେ। ଏହି କ୍ରମରେ ଶେଷ ହେଉଛନ୍ତି ଜୟଦେବ। ତାଙ୍କର ଏହି କୃତି, କାଳିଦାସଙ୍କ ମେଘଦୂତଙ୍କ ସମକକ୍ଷ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ ଉପସ୍ଥିତ ଥିଲେ।



ବିନ୍ଦୁସାଗରରେ ଲିଙ୍ଗରାଜ ମହାପ୍ରଭୁଙ୍କ ଚାପଖେଳ। (ଫଟୋ-ଚନ୍ଦ୍ରଶେଖର)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଅକ୍ଷୟ ତୃତୀୟାରେ ସୁନା ଦୋକାନରେ ଭିଡ



**ଭୁବନେଶ୍ୱର, ୩୦।୪:** ଆଜି ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ କରାଯାଉଥିବା ଦାନ, ଜପ ଓ ଶୁଭ କାର୍ଯ୍ୟର ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଆଉ ଘରର ସମୃଦ୍ଧି ବା ଶ୍ରୀ ବଢ଼ିଥାଏ। ଆଜି ଦିନରେ କିଛି କିଣିଲେ ଖୁବ୍ ଶୁଭ ଓ ଫଳଦାୟୀ ବୋଲି କୁହାଯାଏ। ଏହି ଶୁଭ ବିଶ୍ୱାସକୁ ନେଇ ରାଜଧାନୀର ବିଭିନ୍ନ ସୁନା ଦୋକାନରେ ଭିଡ। ସୁନା ଦର ଲୋକଙ୍କ ହୋସ୍ ଉଡାଇ ଦେଇଥିବାବେଳେ ଅକ୍ଷୟ ତୃତୀୟାରେ ସୁନା କିଣିବାର ପରମ୍ପରା ଥିବାରୁ ଦୋକାନରେ ପହଞ୍ଚିଛନ୍ତି ଗ୍ରାହକ।

ସୁନା କିଣିବାକୁ ଆସିଥିବା ଜଣେ ଗ୍ରାହକ କୁହନ୍ତି "ସୁନା ଦର ତ ଚଢ଼ା ଅଛି। କିନ୍ତୁ ଆବଶ୍ୟକତା ଥିବାରୁ ଧନୀ ହେଉ କି ଗରିବ ସମସ୍ତେ ସୁନା କିଣିଥାନ୍ତି। ରେଟ୍ ତ ବଢ଼ୁଛି କିନ୍ତୁ ଦୋକାନରେ ବି ସେମିତି ଭିଡ। ମୁଁ ଅକ୍ଷୟ ତୃତୀୟା ଭାବି କିଣିବାକୁ ଆସିନି। ପକେଟ୍‌କୁ ତ ବାଧୁଛି କିନ୍ତୁ ସେମିତି କିଛି ଆବଶ୍ୟକତା ପାଇଁ କିଣିବାକୁ ଆସିଛି"। ବର୍ତ୍ତମାନର ସୁନା ଦର ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଉଥିବା ବେଳେ କିଣିବାର ଧାରାକୁ କମାଉଛି। କିନ୍ତୁ ଅକ୍ଷୟ ତୃତୀୟା ଉପଲକ୍ଷେ ବିଭିନ୍ନ ସୁନା ଦୋକାନ ଆକର୍ଷଣୀୟ ଅଫର୍ ଦେଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି। କିଏ ମେକିଂ ଚାର୍ଜରେ ଅଫର୍ ତ କିଏ ପୁଣି ଆଡଭାନ୍ସ ବୁକିଂ ଭଳି ଅଫର୍ ରଖିଛନ୍ତି। ବର୍ଦ୍ଧିତ ଦାମକୁ ଦେଖି ଗ୍ରାହକ ବି ହାଲୁକା ଓଜନର ସୁନା ଗହଣା ପସନ୍ଦ କରୁଛନ୍ତି। ଏଇ କିଛି ଦିନ ମଧ୍ୟରେ ଦେଖୁ ଦେଖୁ ଦର ୫୦ ହଜାରରୁ ଏକ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହରେ ସୁନା ଦର ଏକ ଲକ୍ଷ ଟଙ୍କା ଅତିକ୍ରମ କରିଥିଲା।

ରାଜଧାନୀ ଭୁବନେଶ୍ୱରରେ ଜଣେ ସୁନା ଦୋକାନ ମ୍ୟାନେଜର କୁହନ୍ତି ଯେ "ଗ୍ରାହକଙ୍କୁ ସୁହାଇଲା ଭଳି ଏବେ ରେଟ୍ କମିଛି। ପିଲା ଜନ୍ମରୁ ବିବାହ ପର୍ଯ୍ୟନ୍ତ ସବୁଠି ସୁନା ଦରକାର। ଏବେ ଗ୍ରାହକ ଲାଇଟ ୱେଟ ସୁନା ନେଉଛନ୍ତି। ଆଗରୁ 5 ଲକ୍ଷରେ 50 ଗ୍ରାମ ସୁନା ମିଳୁଥିଲା ଏବେ ତାହା 40 ଗ୍ରାମ ମିଳୁଛି। ଏବେ ଦୁଇ ହଜାର ପାଖାପାଖି ଦାମ କମିଛି। ଆମର ଅଫର ରହିଛି ଯେ ଯଦି ଗ୍ରାହକ ଆଜିର ସୁନା ଦରରେ ସୁନା ବୁକିଂ କରୁଛନ୍ତି ଭବିଷ୍ୟତରେ ସେମାନେ କିଣିବା ବେଳେ ଯେଉଁ ରେଟ୍‌ରେ ବୁକ୍ କରିଥିବେ ସେହି ରେଟ୍‌ରେ ହି ସୁନା କିଣିପାରିବେ। ଦର ବଢ଼ିଲେ ବି ସେମାନେ ଆଜିର ଦିନରେ ବୁକିଂ କରିଥିବା ଦାମ୍ ଅନୁସାରେ ପରେ ସୁନା ନେଇପାରିବେ। ସାଧାରଣତଃ ଅକ୍ଷୟ ତୃତୀୟାରେ ଖରା ଥିବାରୁ ଗ୍ରାହକ ମାନେ ସନ୍ଧ୍ୟାରେ ଆସିଥାନ୍ତି କିନ୍ତୁ ଆଜି ସକାଳୁ ଦୋକାନରେ ଭିଡ ଆରମ୍ଭ ହୋଇଗଲାଣି"। ଅକ୍ଷୟ ତୃତୀୟାରେ କେବଳ ସୁନା ନୁହେଁ ଯେ କୌଣସି ଧାତୁ କିଣିଲେ ଶୁଭ ହୋଇଥାଏ ବା ଘରେ ଶ୍ରୀଙ୍କର ବାସ ହୋଇଥାଇ। ତେଣୁ କେବଳ ସୁନା ନୁହେଁ ରୁପା, ହୀରା ସହ ଅନ୍ୟ ଧାତୁ ବି ଲୋକେ କିଣୁଥିବା ଦେଖିବାକୁ ମିଳିଛି।

# ବଜାଜ୍ ଲଞ୍ଚ କଲା ଶସ୍ତା ଇଲେକ୍ଟ୍ରିକ୍ ସ୍କୁଟର ଚେତକ ୩୫୦୩

**ନୂଆଦିଲ୍ଲୀ, ୩୦।୪:** ବଜାଜ ଅଟୋ ନିଜର ପପୁଲାର ଇଲେକ୍ଟ୍ରିକ୍ ସ୍କୁଟର ଚେତକ ର ନୂଆ ଭାରିଆଣ୍ଟ ଚେତକ ୩୫୦୩ କୁ ଭାରତରେ ଲଞ୍ଚ କରିଛି। ଏହା ଚେତକ 35 ସିରିଜର ସବୁଠାରୁ ଶସ୍ତା ମଡେଲ୍। ଯାହାର ଏକ୍ସ-ଶୋରୁମ୍ ପ୍ରାଇସ୍ ୧,୦୯,୫୦୦ ଟଙ୍କା। ଏଥି ସହ ଏହି ସ୍କୁଟରଟି ଚେତକ ୩୫୦୧ ଅପେକ୍ଷା ପ୍ରାୟ ୨୦,୦୦୦ ଟଙ୍କା ଶସ୍ତା, ଯାହା ଏହାକୁ ଏକ ବଜେଟ୍-ଫ୍ରେଣ୍ଡଲି ଅପ୍ସନ କରିଥାଏ। ବର୍ତ୍ତମାନ ଜାଣିବା ଏହି ପାୱାରଫୁଲ୍ ସ୍କୁଟରଟି ଥରେ ଫୁଲ୍ ଚାର୍ଜ ହୋଇଗଲେ ଏହା କେତେ କିଲୋମିଟର ରେଞ୍ଜ ପ୍ରଦାନ କରିପାରିବ। ଚେତକ ୩୫୦୩ ରେ ଅଧିକ ମହଙ୍ଗା ଭାରିଆଣ୍ଟ ପରି ସମାନ୍ ଚେସିସ୍ ଏବଂ ବ୍ୟାଟେରୀ ସେଟଅପ୍ ଅଛି। କିନ୍ତୁ ମୂଲ୍ୟ କମ୍ ରଖିବା ପାଇଁ କିଛି ଫିଚର୍ସକୁ ହଟାଇ ଦିଆଯାଇଛି। ଏଥିରେ ୩୫ ଲିଟରର ଅଣ୍ଡରସିଟ୍ ଷ୍ଟୋରେଜ୍ ଅଛି ଏବଂ ଏଥି ସହ ଏହାର ଡିଜାଇନରେ କୌଣସି ବଡ଼ ପରିବର୍ତ୍ତନ କରାଯାଇ ନାହିଁ। ବଜାଜ ଚେତକ ୩୫ ସିରିଜ ଅଧୀନରେ ତିନୋଟି ଭାରିଆଣ୍ଟ ଉପସ୍ଥାପନ କରିଛି। ଏହାର ସବୁଠାରୁ ଶସ୍ତା ଭାରିଆଣ୍ଟ ହେଉଛି ଚେତକ ୩୫୦୩, ଯାହାର ମୂଲ୍ୟ ୧,୦୯,୫୦୦ ଟଙ୍କା ରହିଛି। ଏହା ପରେ ୩୫୦୨, ର ମୂଲ୍ୟ ୧,୨୨,୪୯୯ ଟଙ୍କା। ଏଥି ସହ ଯାଣିରଖନ୍ତୁ ଯେ ଏହାର ସବୁଠାରୁ ମହାଙ୍ଗା ମଡେଲ ହେଉଛି ଚେତକ ୩୫୦୧ ଯାହାର ପ୍ରାଇସ୍ ରହିଛି ୧,୨୯,୭୪୩ ଟଙ୍କା।



ଚେତକ ୩୫୦୩ ରେ ୩,୫କେଡବ୍ଲ୍ୟୁଏଚର ଏକ ବ୍ୟାଟେରୀ ପ୍ୟାକ୍ ଅଛି ଯାହା ଥରେ ଫୁଲ୍ ଚାର୍ଜ ହେବା ପରେ ୧୫୫ କିଲୋମିଟର ପର୍ଯ୍ୟନ୍ତ ଡ୍ରାଇଭିଂ ରେଞ୍ଜ ପ୍ରଦାନ କରେ। ଏହାର ସର୍ବାଧିକ ସ୍ପିଡ୍ ପ୍ରତି ଘଣ୍ଟା ୬୩ କିଲୋମିଟର ପର୍ଯ୍ୟନ୍ତ ସୀମିତ କରାଯାଇଛି, ଯାହା ଏହି ସ୍କୁଟରକୁ ସହରରେ ଗାଡି ଚାଳନା ପାଇଁ ଉନ୍ନତ କରିଥାଏ। ଏହି ସ୍କୁଟରରେ ବେସିକ୍ ବ୍ଲୁଟୁଥ୍ କପେକ୍ଟିଭିଟି ଏବଂ କଲର ଏଲସିଡି ଡିସପ୍ଲେ ମଧ ଅଛି। ବ୍ୟାଟେରୀକୁ ୦ ରୁ ୮୦% ଚାର୍ଜ କରିବାକୁ ପ୍ରାୟ ୩ ଘଣ୍ଟା ୨୫ ମିନିଟ୍ ସମୟ ଲାଗେ, ଯାହା ଅନ୍ୟ ପ୍ରକାର ତୁଳନାରେ ଟିକିଏ ଅଧିକ। ଏଥିରେ ଡ୍ରମ୍ ବ୍ରେକ୍ ବ୍ୟବହାର କରାଯାଇଛି, କିନ୍ତୁ ଡିସ୍କ ବ୍ରେକ୍ ଦିଆଯାଇ ନାହିଁ। ଏହା ସହିତ, ସିକ୍ୱେଏସ୍ନାଲ୍ ଇଣ୍ଡିକେଟର ଏବଂ ଟର୍ନ-ବାୟ-ଟର୍ନ ନାଭିଗେସନ୍ ଭଳି ଫିଚର୍ସଗୁଡ଼ିକ ଏଥିରେ ସାମିଲ୍ ନାହିଁ। ହେଲେ ଏଥିରେ ଦୁଇଟି ରାଇଡିଂ ମୋଡ୍ ଅଛି ଯାହା ହେଉଛି – ଇକୋ ଏବଂ ସ୍ପୋର୍ଟସ୍। ଏହା ସହିତ, ଏହି ସ୍କୁଟରରେ ହିଲ୍-ହୋଲ୍ଡ ଆସିଷ୍ଟ ଏବଂ ଫୁଲ୍ ମେଟାଲ୍ ବଡି ଭଳି ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ମାର୍ଟ ଫିଚର୍ସଗୁଡ଼ିକ ରହିଛି।

ଆପଣମାନେ ନିଶ୍ଚିତ ଭାବରେ ଜାଣିରଖନ୍ତୁ ଯେ, ଚେତକ ୩୫୦୩ କୁ କମ୍ପାନୀ ୪ଟି କଲର ଅପ୍ସନରେ ଲଞ୍ଚ କରିଛି ଯାହା ହେଉଛି – ଇଣ୍ଡିଗୋ ବ୍ଲୁ, ବ୍ରୁକଲିନ୍ ବ୍ଲାକ୍, ସାଇବର ହ୍ୱାଇଟ୍ ଏବଂ ମ୍ୟାଟ୍ ଗ୍ରେ ସାମିଲ ଅଛି। ଏଥି ସହ ଏହି ସ୍କୁଟରର ବୁକିଂ ବଜାରର ଅଫିସିଆଲ୍ ୱେବସାଇଟ୍ ଏବଂ ନିକଟତମ ଡିଲରସିପ୍ଗୁଡିକରେ ଆରମ୍ଭ ହୋଇଛି। ଆସନ୍ତା ମାସରୁ ଡେଲିଭରୀ ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ମଧ ଅଛି। ଚେତକ ୩୫୦୩ ହେଉଛି ଚେତକ ୩୫ ସିରିଜର ସବୁଠାରୁ ଶସ୍ତା ଭାରିଆଣ୍ଟ। କିନ୍ତୁ ଯଦି ଆମେ ସମଗ୍ର ଚେତକ ପୋର୍ଟଫୋଲିଓ ବିଷୟରେ କଥା ହେବା, ତେବେ ଚେତକ ୨୯୦୩ ହେଉଛି କମ୍ପାନୀର ସବୁଠାରୁ ଆଫର୍ଡେବଲ୍ ମଡେଲ। ଏହାର ପ୍ରାରମ୍ଭିକ ମୂଲ୍ୟ ୯୮,୪୯୮ ଟଙ୍କା ଏବଂ ଏଥିରେ ୨.୯କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ମଧ ଅଛି ଯାହା ୧୨୩ କିଲୋମିଟର ଡ୍ରାଇଭିଂ ରେଞ୍ଜ ପ୍ରଦାନ କରେ। ଏଥି ସହ ଯଦି ଆପଣ ଆଫର୍ଡେବଲ ପ୍ରାଇସରେ ଏକ ଶସ୍ତା ଇଲେକ୍ଟ୍ରିକ୍ ସ୍କୁଟର କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି ସ୍କୁଟର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ।

## ବେସରକାରୀ ଚାକିରିଆଙ୍କୁ ବଡ଼ ଭେଟି

# ସର୍ବନିମ୍ନ ପେନ୍‌ସନ୍ ୩୦୦୦ ଟଙ୍କା କରିପାରନ୍ତି ସରକାର

**ନୂଆଦିଲ୍ଲୀ, ୩୦।୪:** କେନ୍ଦ୍ର ସରକାର କର୍ମଚାରୀ ପେନ୍‌ସନ୍ ସ୍କିମ୍ ଅଧିନରେ ସର୍ବନିମ୍ନ ପେନ୍‌ସନ୍‌କୁ ବଢ଼ାଇବା ପାଇଁ ଯୋଜନା କରୁଛନ୍ତି। ସରକାର ଇପିଏସକୁ ୧୦୦୦ ଟଙ୍କାରୁ ବଢ଼ାଇ ୩୦୦୦ ଟଙ୍କା କରିବା ପାଇଁ ବିଚାର କରୁଛନ୍ତି। ଆଗାମୀ କିଛି ମାସ ଭିତରେ ଏହା ଲାଗୁ ହୋଇପାରେ। ସରକାରଙ୍କ ଦ୍ୱାରା ଏହି ବଡ଼ ଘୋଷଣା ଏପରି ସମୟରେ ହେବାକୁ ଯାଉଛି, ଯେତେବେଳ ଦରଦାମ ବୃଦ୍ଧି ଓ ବୟସ୍କଙ୍କ ସାମାଜିକ ସୁରକ୍ଷା ଉପରେ ଚିନ୍ତା ବଢ଼ିଛି। ଇପିଏସ୍ ଭାରତରେ ସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ଏକ ଅବସରକାଳୀନ ଯୋଜନା। ଏହାକୁ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ପରିଚାଳନା କରେ। ଏହାର ଉଦ୍ଦେଶ୍ୟ ପ୍ରାଇଭେଟ୍ ସେକ୍ଟରର କର୍ମଚାରୀଙ୍କୁ ଅବସର ପରେ ଏକ ନିଶ୍ଚିତ ମାସିକ ଆୟ ପ୍ରଦାନ କରିବା। ଏହି ଯୋଜନା ପାଇଁ ଫଣ୍ଡ୍ ନିଯୁକ୍ତିଦାତା ଅର୍ଥାତ କମ୍ପାନିର ଯୋଗଦାନରୁ ଆସିଥାଏ। ଏହାର ଅର୍ଥ ଇପିଏଫରେ ୧୨ ପ୍ରତିଶତରୁ ୮.୩୩ ପ୍ରତିଶତ ଇପିଏସ୍ ଓ ବଳକା ୩.୬୭ ପ୍ରତିଶତ ଇପିଏଫରୁ ଆସିଥାଏ। ସରକାରୀ ଅଧିକାରୀ କହିଛନ୍ତି, ସର୍ବନିମ୍ନ ପେନ୍‌ସନ୍‌କୁ ପ୍ରତି ମାସ ୩୦୦୦ ଟଙ୍କା କରିବା ପାଇଁ ପ୍ରସ୍ତୁତି କରାଯାଉଛି। ଦୀର୍ଘ ଦିନରୁ ଏହା ବିଚାରାଧୀନ ରହିଛି। ଏହା ପୂର୍ବରୁ ୨୦୨୦ରେ ଶ୍ରମ ମନ୍ତ୍ରଣାଳୟ ସର୍ବନିମ୍ନ ପେନ୍‌ସନ୍ ୨୦୦୦ ଟଙ୍କା କରିବା ପାଇଁ ପ୍ରସ୍ତାବ ଅର୍ଥ ମନ୍ତ୍ରଣାଳୟକୁ ପଠାଯାଇଥିଲା, କିନ୍ତୁ ଏହାରୁ ମଞ୍ଜୁରି ମିଳି ନଥିଲା। ରିପୋର୍ଟ ଅନୁସାରେ ଶ୍ରମ ମନ୍ତ୍ରଣାଳୟ ବର୍ତ୍ତମାନ ୩୦୦୦ ଟଙ୍କା ପେନସନ ଲାଗୁ କରିବା ସହ ଜଡ଼ିତ ଅତିରିକ୍ତ ଖର୍ଚ୍ଚର ମୂଲ୍ୟାଙ୍କନ କରୁଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ସରକାର ଇପିଏସ୍ ପେନ୍‌ସନ୍‌ଭୋଗୀଙ୍କୁ ସର୍ବନିମ୍ନ ପେନ୍‌ସନ୍ ଦେବା ପାଇଁ ୧,୨୨୩ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଯାହା ପୂର୍ବ ବର୍ଷ ତୁଳନାରେ ୩୬ ପ୍ରତିଶତ ଅଧିକ। ନିକଟରେ ବିଜେପି ସାଂସଦ ବସବରାଜ ବୋମ୍ମାଇଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସମିତି ଶ୍ରମ ମନ୍ତ୍ରଣାଳୟକୁ ସର୍ବନିମ୍ନ ଇପିଏସ୍ ପେନସନକୁ ତତ୍କାଳ ବଢ଼ାଇବା ପାଇଁ ସୁପାରିଶ କରିଥିଲା।



# ଇନ୍‌ଫୋସିସ୍‌ରୁ ଛଟେଇ ହେଲେ ୧୯୫ ଜଣ ଟ୍ରେନି

**ମୈସୁର ୨୯।୪:** ଦେଶର ଦିଗ୍ଗଜ ଆଇଟି କମ୍ପାନୀ ଇନଫୋସିସ୍ ରୁ ଟ୍ରେନିଙ୍କ ଛଟେଇ ଥମୁନି। କମ୍ପାନୀ ପୁଣି ଥରେ ଏକ ବଡ଼ ନିଷ୍ପତ୍ତି ନେଇଛି ଓ ଏହି ନିଷ୍ପତ୍ତି ଅନୁସାରେ କମ୍ପାନୀର ଇଣ୍ଟରନାଲ ଆସେସମେଣ୍ଟରେ ଫେଲ ହୋଇଥିବା ମୈସୁର କ୍ୟାମ୍ପସରୁ ୧୯୫ ଜଣ ଟ୍ରେନିଂଙ୍କୁ ବିଦା କରି ଦିଆଯାଇଛି। କମ୍ପାନୀ ଇ-ମେଲ ମାଧ୍ୟମରେ ଏହି ଲେ ଅଫର ସୂଚନା ଦେଇଛି। ଚଳିତମାସ ପ୍ରାରମ୍ଭରେ କମ୍ପାନୀ ୨୪୦ ଟ୍ରେନିଙ୍କୁ କାମରୁ ବାହାର କରିଦେଇଥିଲା। କମ୍ପାନୀ ବାହାର କରିଥିବା ଟ୍ରେନିମାନଙ୍କୁ ଏନଆଇଆଇଟି ଓ ଅପଗ୍ରେଡେସନ ସହିତ ଟ୍ରେନିଂ କୋର୍ସ ଅଫର କରିଛି। ଏ ବାବଦ ସମସ୍ତ ବ୍ୟୟ କମ୍ପାନୀ ନିଜେ ବହନ କରିବ। ଏହିକାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୨୫୦ ଜଣ ଟ୍ରେନି ଅପଗ୍ରେଡ ସହିତ ଏନଆଇଆଇଟିରୁ ଟ୍ରେନିଂ ସମାପ୍ତ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୫୦ ଜଣ ଆଉଟ୍ ପ୍ଲେସମେଣ୍ଟ ପାଇଁ ରେଜିଷ୍ଟ୍ରେସନ କରାଇଛନ୍ତି। ଟ୍ରେନିଙ୍କୁ ଚାକିରୀରୁ ବାହାର କରିବା ପାଇଁ କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟ କାଳରେ ଏନଆଇଆଇଟି ଓ ଅପଗ୍ରେଡ ସହିତ ଟ୍ରେନିଂ କୋର୍ସ ଅଫର କରିଥିଲା। କମ୍ପାନୀ ବିଜନେସ୍ ପ୍ରୋସେସ ମ୍ୟାନେଜମେଣ୍ଟ (ବିପିଏମ) ଇଣ୍ଡଷ୍ଟ୍ରିରେ ସମ୍ଭାବିତ ଭୂମିକା ଲାଗି ଗୋଟିଏ ମାସର ବେତନ, ଆଉଟ୍ ପ୍ଲେସମେଣ୍ଟ ସର୍ଭିସେସ, ୧୨ ସପ୍ତାହର ଟ୍ରେନିଂ ପ୍ରୋଗ୍ରାମ ଅଥବା ଆଇଟି କ୍ୟାରିୟର ରୁଟ ନିମନ୍ତେ ଆଇଟି ବେସିକ୍ ପ୍ରିନ୍ସପଲ ଉପରେ ୨୪ସପ୍ତାହର ଟ୍ରେନିଂ ପ୍ରୋଗ୍ରାମ ଅଫର କରୁଛି। ୨୦୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧୫ ହଜାର ଟ୍ରେନିଙ୍କୁ ନିଯୁକ୍ତ କରିଥିଲା। ତେବେ ଟ୍ରେନିଂ କାଳରେ ଇଭାଲ୍ୟୁଏସନରେ ଅସଫଳ ହୋଇଥିବା ଟ୍ରେନିଙ୍କ ସଂଖ୍ୟା ବୃଦ୍ଧି ଯୋଗୁ କମ୍ପାନୀକୁ ଏହି ପଦକ୍ଷେପ ନେବାକୁ ପଡୁଛି। ଚଳିତବର୍ଷ ଫେବୃଆରୀରୁ ଏ ପର୍ଯ୍ୟନ୍ୟ ୮୦୦ ଟ୍ରେନିଙ୍କୁ ବାହାର କରାଗଲାଣି। ଏହି ଟ୍ରେନିମାନେ କମ୍ପାନୀର ଇଣ୍ଟରନାଲ ଆସେସମେଣ୍ଟକୁ ୩ ଥର ଉଦ୍ୟମ ପରେ ବି ଉତୀର୍ଣ୍ଣ ହୋଇ ପାରିନଥିଲେ। ଏଣୁ କମ୍ପାନୀ ଫେବୃଆରୀ ମାସରେ ପ୍ରଥମ ଥର ୩୨୦ ଜଣ ଟ୍ରେନିଙ୍କୁ ବାହାର କରିଦେଇଥିଲା। ଏହା ପରେ କମ୍ପାନୀ ୨୪୦ ଟ୍ରେନିଙ୍କୁ ବାହାର କରିଥିବା ବେଳେ ଏବେ ୧୯୫ ଜଣଙ୍କୁ ବାହାର କରିଛି। ତେବେ କମ୍ପାନୀ ଏହି ଯୁବ ବର୍ଗଙ୍କୁ ମାଗଣାରେ ନୂଆ ସ୍କିଲସ୍ ଶିଖିବାକୁ ସୁଯୋଗ ଦେଇଛି, ଯାହା ଦ୍ୱାରା ସେମାନେ ଭଲ ଚାକିରୀ ପାଇ ପାରିବେ।

# ଟାଟା ପ୍ଲାଣ୍ଟରେ ଆଇଫୋନ ଉତ୍ପାଦନ ଆରମ୍ଭ

**ନୂଆଦିଲ୍ଲୀ, ୨୯।୪:** ଆପଲ ତାମିଲନାଡୁରେ ଟାଟା ଇଲେକ୍ଟ୍ରୋନିକ୍ସର ଏକ ନୂତନ ପ୍ଲାଣ୍ଟରେ ଆଇଫୋନ ଉତ୍ପାଦନ ଆରମ୍ଭ କରିଛି, ଏବଂ ବେଙ୍ଗାଲୁରୁରେ ଫକ୍ସକନ ଦ୍ୱାରା ପରିଚାଳିତ ଦ୍ୱିତୀୟ ପ୍ଲାଣ୍ଟ ଆସନ୍ତା ମାସରୁ ଶିପମେଣ୍ଟ ଆରମ୍ଭ କରିବାକୁ

## ଟାରିଫ୍ ପ୍ରଭାବିତ ଚୀନ୍‌ଠାରୁ ଦୂରେଇଯାଉଛି ଆପଲ୍

ପ୍ରସ୍ତୁତ ହେଉଛି। ଏହି ଘଟଣା ଆପଲର ଯୋଗାଣ ଶୃଙ୍ଖଳାକୁ ବିବିଧୀକରଣ କରିବା ଏବଂ ଚାଇନା ଉପରେ ନିର୍ଭରଶୀଳତା ହ୍ରାସ କରିବା ଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦର୍ଶାଉଛି, ବିଶେଷତଃ ୱାଶିଂଟନ ଓ ବେଜିଂ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହି ବିକାଶ ଘଟିଛି।



ଚାଇନା ଉତ୍ପାଦ ଉପରେ ଆମେରିକାର ନୂତନ ଟାରିଫର ଆଶଙ୍କା ବଢ଼ୁଥିବା ବେଳେ—କେତେକ ଟାରିଫ ୧୦୦% ରୁ ଅଧିକ ହୋଇପାରେ ବୋଲି ଚର୍ଚ୍ଚା ରହିଛି—ଆପଲ ନିଜର ରଣନୀତିକୁ ସୁରକ୍ଷିତ ରଖିବା ପାଇଁ ଦ୍ରୁତ ପଦକ୍ଷେପ ନେଉଛି। ଏପର୍ଯ୍ୟନ୍ତ ଆପଲ ଇଲେକ୍ଟ୍ରୋନିକ୍ସ ଉପରେ ବାଣିଜ୍ୟ ଯୁଦ୍ଧର ଟାରିଫରୁ ବଞ୍ଚି ଆସିଛି, କିନ୍ତୁ ଆମେରିକା ପ୍ରଶାସନ ଆଗାମୀ ସପ୍ତାହମାନଙ୍କରେ ଏହା ବଦଳିପାରେ ବୋଲି ଇଙ୍ଗିତ ଦେଇଛି। ଏହି ଅନିଶ୍ଚିତତା ଭାରତକୁ ଆପଲର ବୈଶ୍ୱିକ ଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିଛି। ଦକ୍ଷିଣ ଭାରତର ହୋସୁରରେ ଥିବା ନୂତନ ଟାଟା ପ୍ଲାଣ୍ଟ ଏକ ଉତ୍ପାଦନ ଲାଇନରେ ପୁରୁଣା ଆଇଫୋନ ମଡେଲଗୁଡ଼ିକର ଉତ୍ପାଦନ ଆରମ୍ଭ କରିଛି। ଏହା ସହିତ, କର୍ଣ୍ଣାଟକର ରାଜଧାନୀରେ ଫକ୍ସକନର ୨.୬ ବିଲିୟନ ଡଲାର ମୂଲ୍ୟର ଆଗାମୀ ଫ୍ୟାକ୍ଟ୍ରି ଶୀଘ୍ର ଆଇଫୋନ ୧୬ ସିରିଜର ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରିବ। ପୂର୍ଣ୍ଣ କ୍ଷମତାରେ ଏହି ପ୍ଲାଣ୍ଟ ପ୍ରତି ଘଣ୍ଟାରେ ୩୦୦ରୁ ୫୦୦ ଆଇଫୋନ ଉତ୍ପାଦନ କରିପାରିବ ଏବଂ ୨୦୨୭ ଶେଷ ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୫୦,୦୦୦ ଚାକିରି ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଆପଲର ଭାରତରେ ଉତ୍ପାଦନ ସମ୍ପ୍ରସାରଣ ଯୋଜନା କେବଳ ବାଣିଜ୍ୟ ଚାପର ପ୍ରତିକ୍ରିୟା ନୁହେଁ, ଏହା ଏକ ରଣନୈତିକ ଯୋଜନା ମଧ। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଚାଇନା ଏବେ ମଧ ବିଶ୍ୱରେ ଆଇଫୋନ ଉତ୍ପାଦନର ତିନି-ଚତୁର୍ଥାଂଶରୁ ଅଧିକ ପରିଚାଳନା କରୁଛି, କିନ୍ତୁ ଭାରତ ବର୍ତ୍ତମାନ ପ୍ରାୟ ୧୮% ଅଂଶ ନେଇଛି। ଆପଲ ଏହି ଅଂଶକୁ ନାଟକୀୟ ଭାବେ ବଢ଼ାଇବାକୁ ଚାହୁଁଛି। ଅଭ୍ୟନ୍ତରୀଣ ସୂତ୍ର ଅନୁଯାୟୀ, ଟେକ ଜାଏଣ୍ଟ ଆମେରିକା ଅଭିମୁଖୀ ଅଧିକାଂଶ ଆଇଫୋନ ଉତ୍ପାଦନ ୨୦୨୬ ଶେଷ ସୁଦ୍ଧା ଭାରତୀୟ ପ୍ଲାଣ୍ଟକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ସଂଖ୍ୟାଗୁଡ଼ିକ ଏହି ଜରୁରୀକାଳୀନ ପରିସ୍ଥିତିକୁ ସମର୍ଥନ କରୁଛି। ମାର୍ଚ୍ଚ ମାସରେ ଆପଲ ଭାରତରୁ ଆମେରିକାକୁ ରେକର୍ଡ ୬୦୦ ଟନ ଆଇଫୋନ ଶିପ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୨ ବିଲିୟନ ଡଲାର। ଫକ୍ସକନ ଏହି ପରିମାଣର ଅଧାରୁ ଅଧିକ ପାଇଁ ଦାୟୀ ଥିଲା।

ଟାଟା, ଯିଏ ଆପଲର ଯୋଗାଣକାରୀ ତାଲିକାରେ ତୁଳନାତ୍ମକ ଭାବେ ନୂଆ, ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବେ ଉଭା ହୋଇଛି। ଏହି ନୂତନ ଫ୍ୟାକ୍ଟ୍ରିଗୁଡ଼ିକ ସହିତ, ଆପଲର ଭାରତୀୟ ଉତ୍ପାଦନ ପ୍ରତିଷ୍ଠାନ ବର୍ତ୍ତମାନ ଟାଟା ଓ ଫକ୍ସକନ ଦ୍ୱାରା ପରିଚାଳିତ ମୋଟ ପାଞ୍ଚଟି ପ୍ରମୁଖ ପ୍ଲାଣ୍ଟକୁ ଅନ୍ତର୍ଭୁକ୍ତ କରୁଛି।

# ଏଟିଏମ୍‌ରୁ ମିଳିବ ଅଧିକ ଛୋଟ ନୋଟ୍



## ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ବଢ଼ାଇବାକୁ ଆରବିଆଇର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୩୦।୪:** ଆଗକୁ ଏଟିଏମ୍‌ଗୁଡ଼ିକରେ ଅଧିକ ଛୋଟ ନୋଟ୍ ମିଳିବ। ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ଅଧିକ ମାତ୍ରାରେ ଉପଲବ୍ଧ କରାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସମସ୍ତ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଆର୍‌ବିଆଇ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି ଯେ, ଏଟିଏମ୍‌ରେ ଅଧିକରୁ ଅଧିକ ଛୋଟ ମୂଲ୍ୟାଙ୍କ ନୋଟ୍ ରଖାଯାଉ, ଯାହାଦ୍ୱାରା ଗ୍ରାହକଙ୍କ ଚିନ୍ତା ଦୂର ହେବ। ଏବେ ଏଟିଏମ୍‌ରୁ ଅଧିକ ମାତ୍ରାରେ ୫୦୦ ଟଙ୍କିଆ ନୋଟ୍ ବାହାରୁଛି। ଏଭଳି ସ୍ଥିତିରେ ଲୋକେ ଅସନ୍ତୁଷ୍ଟ। କାରଣ ଅଧିକାଂଶ ଲୋକଙ୍କୁ ଲୋଡ଼ା ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍। ଅଧିକ ଛୋଟ ମୂଲ୍ୟ ନୋଟ୍ ଉପଲବ୍ଧ କରାଇବା ପାଇଁ ଆର୍‌ବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କ ଏବଂ ହ୍ୱାଇଟ୍ ଲେବଲ୍ ଏଟିଏମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆର୍‌ବିଆଇ ଡେଡ୍‌ଲାଇନ୍ ବି ଜାରି କରିଛି। ରିଜର୍ଭ ବ୍ୟାଙ୍କ୍‌ର ନିର୍ଦ୍ଦେଶାନୁସାରେ, ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ୭୫% ଏଟିଏମ୍‌ରେ ଅନ୍ୟୁନ ଗୋଟିଏ କ୍ୟାସେଟ୍‌ରେ ଏଭଳି ନୋଟ୍ ରହିବା ଦରକାର। ଅର୍ଥାତ୍ ଅଧିକାଂଶ ଏଟିଏମ୍‌ରେ ଏହି ନୋଟ୍ ମିଳିବ। ସେହିଭଳି ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ୯୦% ଏଟିଏମ୍‌ରେ ଛୋଟ ମୂଲ୍ୟାଙ୍କ ନୋଟ୍ ବଡ଼ ମାତ୍ରାରେ ମିଳିବା ଦରକାର ବୋଲି ଆର୍‌ବିଆଇ ନିର୍ଦ୍ଦେଶ ଦେଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ମେ' ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଯଦି ଜଣେ ଏଟିଏମ୍‌ରୁ ଅଧିକ ଟଙ୍କା ଉଠାଉଥାଆନ୍ତି ଏହା ତାଙ୍କୁ ମହଙ୍ଗା ପଡ଼ିବ। ଏଟିଏମ୍‌ରୁ ଟଙ୍କା ଉଠାଣ ନିୟମ ବଦଳିବାକୁ ଯାଉଛି। ଅଧିକ ଥର ଟଙ୍କା ଉଠାଣ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ହେବ। ପ୍ରତ୍ୟେକ ବ୍ୟାଙ୍କ ନିଜ ନିଜର ଫ୍ରୀ ଲିମିଟ୍ ଧାର୍ଯ୍ୟ କରିଛନ୍ତି। ଏହି ସୀମା ପରେ ଜଣେ ଟଙ୍କା ଉଠାଇଲେ ସେଥିପାଇଁ ଅଧିକ ଟଙ୍କା ଗଣିବାକୁ ପଡ଼ିବ। ମାଗଣା ସୀମା ପରେ ପ୍ରତି ଏଟିଏମ୍ ଟ୍ରାଞ୍ଜାକ୍‌ସନ ପିଛା ୨୩ ଟଙ୍କା ଶୁଳ୍କ ଦେବାକୁ ହେବ, ଯାହା ଏବେ ୨୧ ଟଙ୍କା ରହିଛି।

## ଆଜିର ସୁନା ଦର



ଗତ କିଛି ଦିନ ଧରି ସୁନା ଦାମ୍ ହୁ ହୁ ହୋଇ ବୃଦ୍ଧି ପାଇ ଲକ୍ଷେ ଟଙ୍କା ଅତିକ୍ରମ କରିଥିବା ଏବେ ଗ୍ରାହକଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ସୁନା ଦର ହ୍ରାସ ହୋଇଛି । ଏପ୍ରିଲ ୩୦ ଅର୍ଥାତ୍ ବୁଧବାର ସୁନା ଦର ସାମାନ୍ୟ କମିଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୮୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୯୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୯୧୦ ଓ ୮୯,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

## ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

# ଚାଷୀଙ୍କୁ ସିଏମ କିଷାନ ଅନ୍ତର୍ଗତ ସହାୟତା ରାଶି ପ୍ରଦାନ



**ସୁନ୍ଦରଗଡ଼,୩।୪(ସଂଚାର ବ୍ୟୁରୋ):** ସଦର ବ୍ଲକ୍ ଅନ୍ତର୍ଗତ କିରେଇ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବୁଧବାର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମାନ୍ୟବର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଅତିଥି ମାନେ ଅଖିମୁଠି ଅନୁକୂଳ କରିବା ସହିତ ଚାଷ ଜମିରେ ବିହନ ବୁଣିଥିଲେ। ପରେ ସମ୍ମିଳନୀ କକ୍ଷଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ା. ଲକ୍ଷ୍ମୀପ୍ରିୟା ପ୍ରଧାନ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ କୃଷକ ଦିବସ ପାଳନର ଆଭିମୁଖ୍ୟ ଏବଂ କୃଷକ ମାନଙ୍କ ସଶକ୍ତିକରଣ ଦିଗରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଶ୍ରୀ ମହାଜନ ଅକ୍ଷୟ ତୃତୀୟାର ମହତ୍ତ୍ୱ ଉପରେ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଆଜିର ଦିନରେ ଯାହା କାର୍ଯ୍ୟ କରାଯାଏ ତାହା ଅକ୍ଷୁର୍ଣ୍ଣ ଏବଂ ନିରନ୍ତର ରହିଥାଏ। ସେହିଭଳି ସିଏମ କିଷାନ ଏବଂ ପିଏମ କିଷାନ ଅନ୍ତର୍ଗତ ଆର୍ଥିକ ସହାୟତା, କୃଷକ ଯନ୍ତ୍ରପାତି କ୍ରୟ ଉପରେ ମିଳୁଥିବା ଇନପୁଟ ସବସିଡି, ଶ୍ରୀ ଅନ୍ନ ଆଦି ଉପରେ ନିଜର ବକ୍ତବ୍ୟ ରଖିବା ସହିତ କୃଷି ଏବଂ କୃଷକ ମାନଂକ ଉନ୍ନତି ତଥା ସୁଦୃଢ଼ୀକରଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ଆଦି ରହିଛି, ଚାଷୀ ମାନେ ସେସବୁ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଲାଭବାନ ହେବାକୁ ଜିଲ୍ଲାପାଳ ଶ୍ରୀ ମହାଜନ କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ମାନ୍ୟବର ଉପ ବାଚସ୍ପତି ଶ୍ରୀ ଭୋଇ ଅକ୍ଷୟ ତୃତୀୟା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଚାଷୀ ଆଗକୁ ବଢ଼ିଲେ ଦେଶ ଆଗକୁ ବଢ଼ିବ, ଆଜିର ଦିନରେ ହିଁ ଚାଷୀ ତାଙ୍କର ଚାଷ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି ବୋଲି କହିଥିଲେ। ଆଜି ହେଉଛି ନୂତନ କାର୍ଯ୍ୟ ଆରମ୍ଭ କରିବାର ଶୁଭ ମୁହୂର୍ତ୍ତ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିଭଳି ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରିବା ଦ୍ୱାରା ଚାଷ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା ସହ ସେମାନଙ୍କ ଜୀବନଶୈଳୀରେ ମଧ୍ୟ ଉନ୍ନତି ଆସି ପାରିବ ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ପାଳନ ସମାରୋହର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଆଜି ସମଗ୍ର ରାଜ୍ୟର ୫୦ ଲକ୍ଷ ରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କୁ ସିଏମ କିଶାନ ଅନ୍ତର୍ଗତ ସହାୟତା ରାଶି ପ୍ରଦାନ କରା ଯାଇଥିଲା। ଜିଲ୍ଲା କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର, କିରେଇର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ମାନେ ଯୋଗ ଦେଇଥିଲେ।

## ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ



**ସୁନ୍ଦରଗଡ଼,୩।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ସଦଭାବନା ସଭାଗୃହରେ ଅକ୍ଷୟ ତୃତୀୟା ଅବସରରେ ବାଲ୍ୟ ବିବାହ ନିଷେଧ ପାଇଁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ଉଦଯାପନି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୁରୁ ପ୍ରସାଦ ମହାନ୍ତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଟା କୁମାରୀ ନନ୍ଦ, ନିଯୁକ୍ତି ଫାଉଣ୍ଡେସନର ଶୁଭଶ୍ରୀ ରାୟ, ଉପ ଆରକ୍ଷୀ ଅଧିକ୍ଷକ ତପନ କୁମାର ମହାନନ୍ଦ, ପି ଓ ବୁଲେଶ୍ୱରୀ ପଟେଲ ଯୋଗ ଦେଇ ଥିଲେ। ଜିଲ୍ଲାର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ, ପ୍ରୋଗ୍ରାମ ଅଫିସର, ଏନଜିଓ, ସିଡବ୍ଲୁସି ସଭ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଟା କୁମାରୀ ନନ୍ଦ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ଅତିଥି ଓ ଅଂଶ ଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବାଲ୍ୟ ବିବାହ ନିଷେଧ ପାଇଁ କି କି ପଦକ୍ଷେପ ନିଆଯିବା ଆବଶ୍ୟକ ଓ ଏହି କ୍ଷେତ୍ରରେ ବିଭିନ୍ନ ବିଭାଗ କଣ କରିପାରିବେ ତାହା ଆଲୋଚିତ ହୋଇ ଥିଲା। କିଶୋରୀ ମାନଙ୍କୁ ସଚେତନ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରା ଯାଇଥିଲା। ବାଲ୍ୟ ବିବାହ ନିଷେଧ ଜିଲ୍ଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳବୈଶାଖୀରେ କ୍ଷତି ଘର ଛପର ଉଡ଼ିଲା



**କଣାସ,୩।୪(ସଂଚାର ବ୍ୟୁରୋ):** ଗତକାଲି ମଧ୍ୟରାତ୍ରରେ କଣାସ ବ୍ଲକର ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବୋହିବାରୁ ଅନେକ ଘଚ ପତ୍ର ଧାରଶାୟୀ କରିଦେଇଥିବାବେଳେ ଅନେକ ଚାଳ ଘର ଏବଂ ଆଜେବେଷ୍ଟ ଘରର ଛପର ଉଡାଇ ଦେଇଛି। ଚାଷୀମାନେ ସଦ୍ୟ ଜମିରୁ ଅମଳ କରିଥିବା ଖରାଟିଆ ଧାନକୁ ନିଜ ନିଜ ଖଳାବାଡି ଓ କ୍ଷେତରେ ରଖିଥିବା ଧାନ ସବୁ ଓଦା ହୋଇଯାଇଛି। ଏହାର ପ୍ରଭାବରେ ବିଦ୍ୟୁତ ସରବରା ଦୀର୍ଘ ସମ୍ୟ ଧରି ବନ୍ଦ ହୋଇଥିଲା। ଫଟୋ ଇ ମେଲରେ ପଠାଗଲା

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିବସ




**ସୁନ୍ଦରଗଡ଼,୩।୪(ସଂଚାର ବ୍ୟୁରୋ):** ବୁଧବାର ଲେଫ୍ରିପଡ଼ାକ୍ଷ ବ୍ଲକ୍ ବିଜାଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମନିଧର ଚୌଧୁରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିବସ ପାଳନ ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନକ୍ଷ ସଭାରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସଂଯୋଜକ ଆଲୋକ ପଟେଲ ଯୋଗଦାନ କରି ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏସଏମସି ସଭାପତି ଗିରିଧାରୀ ଭୋଇ, ପୂର୍ବତନ ସିଆରସିସି ବିପିନ ବିହାରୀ ପଟେଲ, ସୁନିଲ କୁମାର ପଟେଲ, ଅଉଁଲାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଦିଆମୁଣ୍ଡକ୍ଷ ଆଞ୍ଚଳିକ ସଂଯୋଜକ ବିର କିଶୋର ମିଶ୍ର ମଞ୍ଚାସିନ ହୋଇଥିଲେ। ସଭାରେ ରମା କୁମାରୀ ପଟେଲ, ରିଙ୍କି ପଟେଲ, ମଞ୍ଜୁଲତା ପଟେଲ ଓ ସଂଯୁକ୍ତା ପଟେଲ - ବିଦାୟୀ ଶିକ୍ଷକ ଶ୍ରୀ ଚୌଧୁରୀଙ୍କ ଶିକ୍ଷା ଜୀବନୀ ଉପରେ ବକ୍ତବ୍ୟ ରଖିବା ସହିତ ତାଙ୍କର ଭବିଷ୍ୟତ ଉଜ୍ଜଳମୟ ପାଇଁ କାମନା କରିଥିଲେ। ଆଞ୍ଚଳିକ ସଂଯୋଜକ ଆଲୋକ ପଟେଲ ମଣିଧର ଚୌଧୁରୀ ଙ୍କ ଶିକ୍ଷା ବିଭାଗରୁ ଅବସର ନେବାରୁ ଲେଫ୍ରିପଡ଼ା ବ୍ଲକ ପ୍ରତି ଏକ ଅତୁଳନୀୟ କ୍ଷତି, ଯାହାକି ପୁରଣ ହେବା ଅସମ୍ଭବ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ, କାରଣ ଶ୍ରୀ ମଣିଧରଙ୍କ ସାହିତ୍ୟ ଭାଷା ତଥା ତାଲିମ କେନ୍ଦ୍ରରେ ସାଧନ କର୍ମୀ ଭାବେ ନିଜକୁ ବ୍ଲକ୍, ଜିଲ୍ଲା ଓ ରାଜ୍ୟ କ୍ଷେତ୍ରରେ ଉତ୍ସର୍ଗ କରିଥିଲେ।

## ପର୍ଶୁରାମ ଜୟନ୍ତୀ ପାଳିତ



**ଭେଡେନ,୩।୪(ସଂଚାର ବ୍ୟୁରୋ):** ଭେଡେନ ଶିଦ୍ଧେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ଭେଡେନ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ବାବା ପର୍ଶୁରାମ ଙ୍କ ଜୟନ୍ତୀ ପାଳନ କରାଯାଇଛି!ପ୍ରଥମେ ଉପସ୍ଥିତ ସମସ୍ତ ବ୍ରାହ୍ମଣ ଙ୍କ ପାଦ ଧୋଇ ପୁଷ୍ପ, ଚନ୍ଦନ ଦେଇ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପର୍ଶୁରାମ ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଓ ଦୀପ ପ୍ରଜ୍ୱଳନ କରାଯାଇ ବିଧି ମତେ ପୂଜାର୍ଚ୍ଚନା କରାଯାଇ ଥିଲା। ଏହି ପୂଜାରେ ପଣ୍ଡିତ ଦେବବ୍ରତ କର ଓ ପ୍ରେମ ପ୍ରକାଶ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଅଜିତ ଦାଶ ସପତ୍ନୀକ କର୍ତା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ସମସ୍ତ ସଦସ୍ୟ ମନ୍ଦିର ରୁ ଏକ ପରିକ୍ରମା ରେଲି ବାହାରି ମାର୍କେଟ ପରିକ୍ରମା କରି ମନ୍ଦିର କୁ ପ୍ରତ୍ୟାବର୍ତନ ପରେ ବ୍ଲକ ସଭାପତି ଜନ୍ମଞ୍ଜୟ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସଦସ୍ୟ ଗଣ ପର୍ଶୁରାମ ଙ୍କ ଚିନ୍ତାଧାରା, ବିଚାର ଓ ତାଙ୍କରି ଜୀବନୀ ଉପରେ ମତ ପ୍ରକାଶ କରି ସମସ୍ତ ବ୍ରାହ୍ମଣ ସମାଜ ଏକ ହୋଇ ଅଗକୁ ବଢିବାକୁ ନିବେଦନ କରି ଯୁବ ପିଢିଙ୍କୁ ନେଇ ଏକ ପର୍ଶୁରାମ ବାହିନୀ ଗଠନ ଓ ଭଉଣୀ ଓ ମା ମାନଙ୍କୁ ନେଇ ଏକ ଦୁର୍ଗା ବାହିନୀ ଗଠନ ନେଇ ପ୍ରସ୍ତାବ ଆଗତ ହୋଇଥଲା। ଏହି ଜୟନ୍ତୀ ରେ ସଭା ପତି, ଜନ୍ମଜୟ ମିଶ୍ର, ସମ୍ପାଦକ, ନନ୍ଦିକିଶୋର୍ ହୋତା, ଶ୍ୟାମ କୁମାର ଆଚାର୍ଯ୍ୟ, ଜୟ ନାରୟଣ ମହାପାତ୍ର, ସରୋଜ ରଥ, ସଞ୍ଜୟ ନନ୍ଦ, ଅର୍ଜୁନ ଦାସ, କୁନା ମିଶ୍ର, ଅରବିନ୍ଦ ହୋତା, ମୁକୁନ୍ଦ ଷଡ଼ଙ୍ଗୀ, ସୁଧୀର ଦାଶ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ ଅନୁଷ୍ଠିତ

**ସୁନ୍ଦରଗଡ଼,୩।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନ ପରିସର ଠାରେ ବୁଧବାର ଗୀତ ଗୋବିନ୍ଦର ସ୍ରଷ୍ଟା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟର ସହାୟକ ପ୍ରଫେସର ନୂତନ ଖମାରୀ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାହୁ ମହାକବି ଶ୍ରୀ ଜୟଦେବଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ତାଙ୍କର ଲେଖନୀ ଉପରେ ଆଲୋକପାତ କରିଥିଲେ। କବି ଶ୍ରୀ ଜୟଦେବଙ୍କ ସ୍ୱତନ୍ତ୍ରତା ରହିଛି। ସେ ହେଉଛନ୍ତି ଗୀତ ଗୋବିନ୍ଦର ସ୍ରଷ୍ଟା। ତାଙ୍କ ବିଷୟରେ ଜ୍ଞାନ ଆହାରଣ କରିବା ସହିତ ତାଙ୍କର ଲେଖା ଗୁଡିକ ସହିତ ଜଡିତ ହେବାକୁ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ବକ୍ତା ଶ୍ରୀ ଖମାରୀ କବି ଶ୍ରୀ ଜୟଦେବଙ୍କ ଜୀବନୀ ଉପରେ ଆଲୋଚନା କରିବା ସହିତ ତାଙ୍କର ଲେଖା ଉପରେ ନିଜର ବକ୍ତବ୍ୟ ରଖିଥିଲେ। କବିଙ୍କର ଲେଖା ଗୁଡିକ ସଂସ୍କୃତରେ ଲେଖା ହୋଇଥିଲେ ମଧ୍ୟ ତାଙ୍କର ଲେଖା ଗୁଡିକ ଅନେକ ଭାରତୀୟ ଭାଷାରେ ମଧ୍ୟ ଅନୁବାଦ ହୋଇଛି। ଏହା ଦ୍ୱାରା ତାଙ୍କର ମହାନ୍ ଲେଖନୀ ଗୁଡାକ କେବଳ ଓଡ଼ିଶାରେ ସୀମିତ ନ ରହି ସମଗ୍ର ବିଶ୍ୱ ବିଦିତ। ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସୁଷମା ପଟେଲ କବି ଜୟଦେବଙ୍କ ଉପରେ ଆଲୋଚନା କରିବା ସହିତ ତାଙ୍କ ଉପରେ ତଥା ଅକ୍ଷୟ ତୃତୀୟା ଉପରେ କବିତା ପାଠ କରିଥିଲେ।



## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

# ମେ ୧୫ରୁ ରବି ଧାନ କ୍ରୟ ଆରମ୍ଭ



**ସୁବର୍ଣ୍ଣପୁର,୩।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୧୫ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏଥି ନିମନ୍ତେ ୬୭ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୦୨ ଗୋଟି କେନ୍ଦ୍ର ସହ ୬୯ ଗୋଟି ଏବଂ ୧୮ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଥିବା ବେଳେ ସମୁଦାୟ ୮୭ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ। ଚଳିତ ବର୍ଷ ସରକାରଙ୍କ ତରଫରୁ ଜିଲ୍ଲା ନିମନ୍ତେ ୧୬୨୫୮୮୦. ୦୦ କ୍ୟୁଣ୍ଟାଲ ଧାନ କ୍ରୟର ଲକ୍ଷ ଧାର୍ଯ୍ୟ ରହିଛି। ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡ଼ିବ। ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୬. ୩୦ ଘଣ୍ଟା ରୁ ପୂର୍ବାହ୍ନ ୧୧ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ଦିନ ମଧ୍ୟ ମଣ୍ଡି ଚାଲୁ ରହିବ ବୋଲି ସୂଚୀତ କରାଯାଇଛି। ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୪୪୫ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୬୯ ଜଣ ଚାଷୀ ପଂଜିକୃତ ହୋଇ ୨୦୩୨୩୪୯. ୦୬ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟକେନ୍ଦ୍ର ଗୁଡିକରେ ଯେକୌଣସି ପ୍ରକାର ଆସନ୍ନ ସମସ୍ୟାକୁ ସମ୍ମୁଖୀନ ସହିତ ଉଚିତ ମୁକାବିଲା ନିମନ୍ତେ ପାନୀୟ ଜଳ, ବିଜୁଳି, ତ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି, ଗୋଦାମଘର, ଆନାଲେସିସ କିଟ, ମୋଷ୍ଟର ମିଟର, ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷା ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ମା' ହରଚଣ୍ଡି ମନ୍ଦିରର ରତ୍ନମୁଦ କାର୍ଯ୍ୟ ଶେଷ

**ବାଲିଅନ୍ତା,୩।୪(ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ୍ ଅଧୀନସ୍ଥ ଉମାଦେଇବ୍ରହ୍ମପୁର ହୀରାପୁର ଗଡ଼କଣ୍ଟୁଣିଆ ଠାରେ ମା ହରଚଣ୍ଡି ନିର୍ମାଣଧିନ ମନ୍ଦିରର ରତ୍ନମୁଦା କାର୍ଯ୍ୟ ଶେଷ ହୋଇଅଛି। ମାଙ୍କ ମୂର୍ତ୍ତି ଏକ ଆମ୍ବ ଗଛମୂଳରେ ପୂଜା ପାଇ ଆସୁଥିଲେ। ଗଛଟି ୧୯୯୯ ମସିହା ମହାବାତ୍ୟାରେ ଉପୁଡ଼ି ପଡ଼ିବାରୁ ମା ଖରା ବର୍ଷାରେ ଖୋଲା ଆସନରେ ଥିଲେ। ଅଞ୍ଚଳର କିଛି ବରଦାନ ବ୍ୟକ୍ତି ଓ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କ୍ରମେ ମାଙ୍କ ମନ୍ଦିର କାର୍ଯ୍ୟ ଚାଲୁ ରହିଛି। ବୁଧବାର ପବିତ୍ର ଅକ୍ଷୟ ତୃତୀୟା ପ୍ରାତଃକାଳରୁ ନବ ନିର୍ମିତ ମନ୍ଦିରର ମୁଖ ଶାଳା ମଣ୍ଡପରେ ହୋମ ଯଜ୍ଞ ସହିତ ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ଆଖପାଖ ଅଞ୍ଚଳ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଅପରାହ୍ନ ସମୟରେ ପ୍ରଥମେ କର୍ତ୍ତା ବାଇଁଶିଧର ନାୟକ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଜୟନ୍ତ ନାଏକ, ରଞ୍ଜନ କୁମାର ନାୟକ ରତ୍ନ ଓ ଶସ୍ୟ ଏକ ପସରାରେ ନେଇ ମନ୍ଦିର ରତ୍ନମୁଦ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ପବିତ୍ର କାର୍ଯ୍ୟରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଆସିବା ସହିତ ମନ୍ଦିର ରତ୍ନମୁଦ ମୁଣ୍ଡି ମାରିବା ପାଇଁ ଧାନ, ଚାଉଳ ସମେତ ଅଷ୍ଟଧାତୁ ମଧ୍ୟ ଦାନ କରିଥିଲେ। ସମସ୍ତ କାର୍ଯ୍ୟ ପ୍ରତିଷ୍ଠାତା ବଇଁଶୀଧର ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ଶିକ୍ଷାବିତ୍ ବିଧୂଭୁଷଣ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ସୁବାଷ ଜେନା, ଔରାଦିତ୍ୟ ବିଦ୍ୟାମନ୍ଦିରର ଅଧ୍ୟକ୍ଷା ରେଣୁକା ସେଠୀ, ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, କ୍ଷେତ୍ରମୋହନ ବେହେରା, ଅମ୍ବିକା ଶତପଥୀ, ଜୟରାମ ସାହୁ, ବ୍ରଜବନ୍ଧୁ ଠାକେରେ, ଲକ୍ଷ୍ମୀଧର ପାତ୍ର, ତ୍ରିନାଥ ପ୍ରଧାନ ଓ ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ ଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବରିଷ୍ଠ ମୁରବିଙ୍କୁ ସମ୍ମାନୀତ କରାଯାଇଥିଲା। ପୀଠରେ ସୁନାମ ଧନ୍ୟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।



## ତୃତୀୟ ଶ୍ରୀକ୍ଷେତ୍ରରେ ଅଖରେ ଲାଗିଲା ଚକ, ଶ୍ରୀଅଙ୍ଗେ ଲାଗିଲା ଚନ୍ଦନ



**ନୀଳଗିରି,୩।୪(ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣର ପର୍ବ ପରମ୍ପରା ଅନୁସାରେ ବୁଧବାର ପୂର୍ବାହ୍ନ ୮ଟାରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତ ଓ ଭକ୍ତଙ୍କ ଗହଣରେ ରଥଖଳାକୁ ଆଜ୍ଞାମାଳ ପହଞ୍ଚାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ଏହି ଅବସରେ ଦ୍ୱାରଫିଟା, ଦେଉଳ ଶୋଧ, ମଙ୍ଗଳ ଆଳତି, ବେଶ ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ରୀତିନୀତି ଅନୁଷ୍ଠିତ ହୋଇ ଯାଇଛି। ଆଜ୍ଞାମାଳ ଆସିବା ପରେ ପରେ ରାମକୃଷ୍ଣ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଧର ଚୁମ୍ବିତ ଆଜ୍ଞାମାଳ ରଥଖଳାକୁ ଯାଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ଧୂପ ପରେ ତିନି ଠାକୁରଙ୍କ ଶ୍ରୀମୁଖକୁ ଛାଡ଼ି ଶ୍ରୀଅଙ୍ଗେ ଚନ୍ଦନ ଲାଗି ହୋଇଥିବା ପରିଲକ୍ଷିତ ହୋଇଛି। ଘଟୁଆରି ସେବକମାନଙ୍କ ଦ୍ୱାରା ଅଧିବାସୀତ ହୋଇଥିବା ଏହି ଚନ୍ଦନକୁ ଶ୍ରୀଅଙ୍ଗେ ଲଗା ଯାଇଥିଲା। ଏହି ନୀତି ଦେବସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ଅର୍ଥାତ ୪୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତଙ୍କ ପକ୍ଷରୁ କୁହାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ରାଜାଙ୍କ ପ୍ରତିନିଧି ତଥା ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ପୂର୍ଣ୍ଣ ଶୁଳ୍କ ନନ୍ଦ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ରୂପେଷ ଶତପଥୀ, ବ୍ରହ୍ମା ଦେବେନ୍ଦ୍ର ନନ୍ଦ, ସମ୍ବିତ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବନ୍ଦାପନା କରିବା ପରେ ରଥ ଅନୁକୂଳ ହୋଇଥିଲ।

## ମୟୁରସାହିତ୍ୟ ସଂସଦରସ୍ୱନକ୍ଷତ୍ର ଦିବସ ପାଳିତ

**ବେତନଟୀ,୩।୪ (ସଂଚାର ବ୍ୟୁର):** ମୟୂରଭଞ୍ଜର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୟୂର ସାହିତ୍ୟ ସଂସଦ, ବେତନଟୀର ୩୧ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଧର୍ମଶାଳା ପରିସରରେ ପାଳିତ ହୋଇଯାଇଛି। ୧୯୯୫ ମସିହା ପବିତ୍ର ଅକ୍ଷୟ ତୃତୀୟାରେ ଏହି ସାରସ୍ୱତ ସଂଗଠନ ଜନ୍ମ ନେଇଥିଲା । ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ସଂସଦର ସଭାପତି କବି ଭାସ୍କର ଦ୍ୱିବେଦୀ ଅଧ୍ୟକ୍ଷତା କରି ସଂସଦର ଗୌରବମୟ ଅତୀତ ଓ ଦିବଂଗତ ସଦସ୍ୟମାନଙ୍କର ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାପରେ ନିକଟରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର ବନମୟୂରୀ ଉପରେ ଯୁଗ୍ମ ସଂପାଦିକା ଡଃ. ମନ୍ଦାକିନୀ ସାହୁ ସମୀକ୍ଷାମୂଳକ ବକ୍ତବ୍ୟ ଉପସ୍ଥାପନ କଲେ । ପତ୍ରିକା ସହ ସଂପାଦିକା କବି ସୀମା ଦାସ ଖଟୁଆ ମଧ୍ୟ ପତ୍ରିକା ଉପରେ ନିଜର ଅଭିମତ ରଖିଥିଲେ । ସହ ସଂପାଦକ ଡ଼ଃ ରମାକାନ୍ତ ମହାନ୍ତ ସଂସଦର ବାର୍ଷିକୋତ୍ସବର ସଫଳତା ଭାବରେ ଆଲୋକପାତ କରିଥିଲାବେଳେ ଉପସଭାପତି କବି ଗୌତମ ଚନ୍ଦ୍ର ବେହେରା ଅକ୍ଷୟ ତୃତୀୟାର ମହତ୍ତ୍ୱ ଆଲୋଚନା କରିଥିଲେ।

## ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହ ପାଳିତ



**ଜଗତସିଂହପୁର,୩।୪ (ସଂଚାର ବ୍ୟୁର):** ଆଜି ଜଗତସିଂହପୁର ବ୍ଲକ୍ ର ଆଳିପିଙ୍ଗଳ ପଂଚାୟତ ଅଧିନସ୍ଥ ଯୋରକୁଳଗ୍ରାମରେ ଓଡ଼ିଶାର ଚାଷୀଭାଇଙ୍କର ପର୍ବ ଅକ୍ଷୟ ତୃତୀୟା ଓ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ କରାଯାଇଥିଲା। ଆଜି ଭୁବନେଶ୍ୱର ବରମୁଣ୍ଡା ଓ ୟୁ ଏ ଟି କାର୍ଯ୍ୟାଳୟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ମାନ୍ୟବର ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥିଭାବେ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ, ଅର୍ଚ୍ଚନା ସିଂ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ରୋଜାଲିନ ଦାସ ସରପଞ୍ଚ, ଆଳିପିଙ୍ଗଳ ଗ୍ରାମ ପଞ୍ଚାୟତ, ରାଜୀବ ବେହେରା, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। କୃଷି ଜିଲ୍ଲା ଅଧିକାରୀ, ବିଶ୍ୱଜିତ୍ ପଣ୍ଡା, ବିଭୁ ପ୍ରସାଦ ସାହୁ, ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, , ବିଧାୟକ ଶ୍ରୀ ଦାସ ଏବଂ ସମସ୍ତ ଅତିଥି ବୃନ୍ଦ ସର୍ବ ପ୍ରଥମେ ଓଡ଼ିଶାର ଆରାଧ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା ମହାଲକ୍ଷ୍ମୀଙ୍କୁ ସ୍ମରଣା କରି ଓଡ଼ିଆ ପରମ୍ପରା ଅନୁଯାଇ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷୀ ମୁଠି ଅନୁକୂଳ କରିଥିଲେ।

## ଗୃହ ପ୍ରତିଷ୍ଠାରେ ଗରିବଙ୍କୁ ବସ୍ତ୍ରଦାନ

**ନୀଳଗିରି,୩।୪ (ସଂଚାର ବ୍ୟୁର):** ନୂତନ ଗୃହ ପ୍ରତିଷ୍ଠାରେ ଅଞ୍ଚଳର କିଛି ଗରିବ ଗୁରୁବାଙ୍କୁ ଘର ମାଲିକ ଅନ୍ନ କ୍ଷେତ୍ର ସହିତ ବସ୍ତ୍ର ବଣ୍ଟନ କରିଥିବା ଦେଖିବାକୁ ମିଳିଛି। ନୀଳଗିରି ବ୍ଲକ ସଜନଗଡ଼ ମହାନ୍ତି ସହି ଗ୍ରାମର ଶ୍ୟାମସୁନ୍ଦର ବାରିକ ନୂତନ ଭାବେ ନିର୍ମାଣ କରିଥିବା ଏକ ପକ୍କା ଗୃହର ପ୍ରତିଷ୍ଠା କରି ଗୃହ ପ୍ରବେଶ କରିଛନ୍ତି। ଉକ୍ତ ପ୍ରତିଷ୍ଠା ଉତ୍ସବରେ ଭଜନ କୀର୍ତ୍ତନ ସହିତ ହରିନାମ ସଂକୀର୍ତ୍ତନ କରାଯାଇଥିଲା।

ଗ୍ରାମ ଏବଂ ଗ୍ରାମ ବାହାରୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରସାଦ ସେବନ କରିଥିଲେ। ପରେ ଶ୍ୟାମସୁନ୍ଦର ଏବଂ ତାଙ୍କର ଦୁଇପୁତ୍ର ରଘୁନାଥ ଏବଂ ଦୈତାରୀ ପ୍ରାୟ ଶହେ ରୁ ଉର୍ଦ୍ଧ୍ୱ ଦିନ ଦରିଦ୍ର ଏବଂ ବାଟ ଭିକାରି ଙ୍କୁ ଡାକି ବସ୍ତ୍ର ଦାନ କରିଥିଲେ। ଶାସ୍ତ୍ରରେ ବର୍ଣ୍ଣିତ ଅଛି ଅନ୍ନ ଓ ବସ୍ତ୍ର ଦାନ କଲେ କୋଟି ପୂଣ୍ୟ ମିଳିଥାଏ। ଆଜି ଅକୁଣ୍ଠଚିତ୍ତ ଓ ଖୋଲା ହସ୍ତରେ ଏଭଳି ଭାବେ ବସ୍ତ୍ର ଦାନପାଇଁ ଅଞ୍ଚଳବାସୀ ଶ୍ୟାମସୁନ୍ଦରଙ୍କ ପରିବାର ବର୍ଗଙ୍କୁ ଭୁୟସୀ ପ୍ରଶଂସା କରିଥିବା ବେଳେ ଅଞ୍ଚଳରେ ଆନନ୍ଦର ବାତାବରଣ ଖେଳି ଯାଇଛି।





# ଆସୁଛି ରାଣୀଙ୍କ ମର୍ଦାନୀ-୩

ୟେଶ୍‌ରାଜ୍ ଫିଲ୍ମସ୍‌ର ସୁପର୍‌ହିଟ୍ ଫ୍ରାଞ୍ଚାଇଜ୍ 'ମର୍ଦାନୀ' ଗତ ୧୦ ବର୍ଷ ଧରି ଦର୍ଶକଙ୍କ ହୃଦୟ ଜିତି ଆସୁଛି। ହିନ୍ଦୀ ସିନେମାର ସବୁଠାରୁ ବଡ଼ ନାରୀକୈନ୍ଦ୍ରୀକ ଫ୍ରାଞ୍ଚାଇଜ୍ କୁହାଯାଉଥିବା ରାଣୀ ମୁଖାର୍ଜୀଙ୍କ ଅଭିନୀତ 'ମର୍ଦାନୀ' କେବଳ ବ୍ଲକ୍‌ବଷ୍ଟର୍ ହୋଇ ରହିନାହିଁ, ଦର୍ଶକୀୟ ଶ୍ରଦ୍ଧା ହାସଲ କରିବା ସହ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ିଛି। ଫିଲ୍ମର ୨ଟି ଭାଗ ଇତିମଧ୍ୟରେ ରିଲିଜ୍ ହୋଇସାରିଥିବା ବେଳେ ଏବେ ଏହାର ତୃତୀୟ ଭାଗ ରିଲିଜ୍ ହେବାକୁ ଯାଉଛି।

'ମର୍ଦାନୀ ୨'ର ରିଲିଜ୍ ବାର୍ଷିକୀରେ ୟଶ୍‌ରାଜ୍ ଫିଲ୍ମସ୍ ଆନୁଷ୍ଠାନିକ ଭାବେ 'ମର୍ଦାନୀ-୩'ର ରିଲିଜ୍ ସମୟ ଘୋଷଣା କରି ସିନେପ୍ରେମୀଙ୍କୁ ଉପହାର ଦେଇଛି। ୟଶ୍‌ରାଜ୍ ଫିଲ୍ମସ୍ ଇନ୍‌ଷ୍ଟା ଆକାଉଣ୍ଟ୍‌ରେ 'ମର୍ଦାନୀ-୩' ବିଷୟରେ ଘୋଷଣା କରାଯାଇ କ୍ୟାପ୍‌ସନ୍‌ରେ ଲେଖାଯାଇଛି, "ଅପେକ୍ଷା ଶେଷ ହେଲା ! ରାଣୀ ମୁଖାର୍ଜୀ 'ମର୍ଦାନୀ-୩'ରେ ଶିବାନୀ ଶିବାଜୀ ରୟ ଭାବରେ ଫେରୁଛନ୍ତି। ୨୦୨୬ ମସିହାରେ ଦେଖାହେବ ପ୍ରେକ୍ଷାଳୟରେ।"

ବେଶ୍ କିଛି ଦିନର ବ୍ୟବଧାନ ପରେ ଦର୍ଶକଙ୍କ ସାମ୍ନାକୁ ଫେରୁଥିବା ରାଣୀ କହିଛନ୍ତି ଯେ 'ମର୍ଦାନୀ-୩'ର ରୋମାଞ୍ଚ ପୂର୍ବ ସମସ୍ତ ଭାଗ ଅପେକ୍ଷା ଢେର୍ ଅଧିକ। ସେ ଆହୁରି କହିଛନ୍ତି, "ଯେତେବେଳେ ଆମେ 'ମର୍ଦାନୀ-୩' ନିର୍ମାଣ ବିଷୟରେ ଚିନ୍ତାକଲୁ, ଆମର ଲକ୍ଷ୍ୟ ଥିଲା, ଏପରି ଏକ କାହାଣୀ ଖୋଜିବା, ଯାହା 'ମର୍ଦାନୀ' ଫ୍ରାଞ୍ଚାଇଜ୍‌'କୁ ଆହୁରି ଉଚ୍ଚସ୍ତରକୁ ନେଇଯିବ। ମୁଁ କାହାଣୀକୁ ନେଇ ବହୁତ ଉତ୍ସାହିତ ଏବଂ ଆଶା କରୁଛି ଯେ ଦର୍ଶକମାନେ ଏହାକୁ ଦେଖି ଉତ୍ସାହିତ ହେବେ।"







ଓଲିଉଡ୍‌ରେ ଏପରି ଅନେକ ନାୟିକା ଅଛନ୍ତି, ଯେଉଁମାନେ ନିଜ ସିନେକ୍ୟାରିୟର୍‌ର ପ୍ରଥମ ନିର୍ଦ୍ଦେଶକଙ୍କ ସହ ଦ୍ୱିତୀୟ ବାର କାମ କରିବାର ସୁଯୋଗ ପାଇନାହାନ୍ତି। ଫଳରେ ଉକ୍ତ ନିର୍ଦ୍ଦେଶକ-ନାୟିକାଙ୍କ ଯୋଡ଼ି ଗୋଟିଏ ମାତ୍ର ଛବିରେ ସୀମିତ ରହିଛି।

# ପ୍ରଥମ ହିଁ ଶେଷ !

କେବଳ ଓଲିଉଡ୍ ନୁହେଁ, ଦେଶର ଅନ୍ୟାନ୍ୟ ଆଞ୍ଚଳିକ ସିନେମାରେ ପ୍ରଥମ ଛବିର ନିର୍ଦ୍ଦେଶକଙ୍କ ସହ ପରବର୍ତ୍ତୀ ସମୟରେ ନାୟକନାୟିକା ଏକାଧିକ ସିନେମା କରିଥିବାର ନଜିର୍ ରହିଛି। କିନ୍ତୁ ଓଲିଉଡ୍‌ରେ ଏପରି କେତେଜଣ ନାୟିକା ଅଛନ୍ତି, ଯେଉଁମାନେ ନିଜର ପ୍ରଥମ ନିର୍ଦ୍ଦେଶକଙ୍କ ସହିତ ପରବର୍ତ୍ତୀ କାଳରେ ଆଉ ସିନେମା କରିନାହାନ୍ତି ବା କରିବାର ଅବସର ଆସିନାହିଁ।











ଯଦି ଆମେ ଓଡ଼ିଆ ସିନେମାର ପ୍ରଖ୍ୟାତ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ଠାରୁ ଆଲୋଚନା ଆରମ୍ଭ କରିବା ତେବେ ଦେଖିବା ତାଙ୍କ ନିର୍ଦ୍ଦେଶିତ 'ବାପା'ରୁ ମାମା ମିଶ୍ର, 'ଓମ୍ ଶାନ୍ତି ଓମ୍'ରୁ ଏକଦା ଆଲ୍‌ବମ୍ କୁଇନ୍ ଭାବେ ପରିଚିତ ଲିପି, 'ଥୁକୁଲ୍'ରୁ ପ୍ରକୃତି ମିଶ୍ର ନାୟିକା ଭାବେ ବଡ଼ ପରଦାରେ କ୍ୟାରିୟର୍ ଆରମ୍ଭ କରିଥିଲେ। ହେଲେ ଏମାନେ ଏଯାବତ୍ ପ୍ରଶାନ୍ତଙ୍କ ସହ ଅନ୍ୟ କୌଣସି ଛବିରେ କାମ କରିନାହାନ୍ତି।

ସେହିପରି ଖ୍ୟାତନାମା ନିର୍ଦ୍ଦେଶକ ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ଆଇ ଲଭ୍ ୟୁ'ରୁ ନମ୍ରତା ଥାପ୍ପା, 'ଅର୍ଜୁନ'ରୁ ଗାର୍ଗୀ ମହାନ୍ତି, 'ରୋମିଓ ଦ ଲଭର୍ ବୟ'ରୁ ଲଭ୍‌ଲି ନାୟିକା ଭାବେ ଓଲିଉଡ୍‌ରେ ଇନିଂସ୍ ଆରମ୍ଭ କରିଥିଲେ। କିନ୍ତୁ ହରଙ୍କ ପରବର୍ତ୍ତୀ କୌଣସି ଛବିରେ ଏମାନଙ୍କୁ ଆଉ ଦେଖିବାକୁ ମିଳି ନଥିଲା। ଅନ୍ୟ ପକ୍ଷରେ ହିମାଂଶୁ ପରିଜା(ଚଣ୍ଡୀ)ଙ୍କ ନିର୍ଦ୍ଦେଶିତ 'ଲଭ୍ ୟୁ ହମେଶା'ରେ ପ୍ରଥମେ ନାୟିକା ଭୂମିକାରେ ନଜର ଆସିଥିଲେ ଅନିଶା। ପରେ ତାଙ୍କୁ ହିମାଂଶୁ ପରିଜାଙ୍କ ଅନ୍ୟ କୌଣସି ସିନେମାରେ ନାୟିକା ଭାବେ ଦେଖିବାକୁ ମିଳିନାହିଁ।

ନାୟିକା ପୁନମ ମିଶ୍ର ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ 'ବାଇଶି ପାହାଚେ ଖେଳିବ ମୀନ' ସିନେମାରୁ କ୍ୟାରିୟର୍ ଆରମ୍ଭ କରିଥିଲେ।



କିନ୍ତୁ ପରେ ସଞ୍ଜୟଙ୍କ ଅନ୍ୟ କୌଣସି ଛବିରେ ପୁନମ ଅଭିନୟ କରିନାହାନ୍ତି। ସୁପରିଚିତ ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ 'ମୁଁ ପ୍ରେମୀ ମୁଁ ପାଗଳ' ଜରିଆରେ ନାୟିକା ଭାବେ ଅନୁଭା, 'ତୁ ରାଜା ମୁଁ ରାଣୀ'ରୁ ସମ୍ଭାବନା, 'ହାପି ଲକି'ରୁ ସସ୍ମିତା କ୍ୟାରିୟର୍ ଶୁଭାରମ୍ଭ କରିଥିଲେ। ହେଲେ ଏଯାଏ ତିନି ନାୟିକାଙ୍କୁ ସୁଧାଂଶୁଙ୍କ ସହ ଦ୍ୱିତୀୟ ଥର କାମ କରିବାର ସୁଯୋଗ ଆସିନାହିଁ। ଠିକ୍ ସେହିପରି ଅଣଓଡ଼ିଆ ନାୟିକା ଯୁକ୍ତା (ସ୍ୱୟଂସିଦ୍ଧା) ଓ ବିଦିତା ବାଗ୍(ଭଉଁରି)ଙ୍କୁ ପରେ ସୁଧାଂଶୁଙ୍କ ଅନ୍ୟ କୌଣସି ଛବିରେ ଦେଖିବାକୁ ମିଳିନାହିଁ।

ଏସ୍. କେ. ମୁରଲୀଧରନ୍‌ଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ଟାର୍ଗେଟ୍' ଜରିଆରେ ଡେବ୍ୟୁ କରିଥିଲେ ବଙ୍ଗୀୟ ନାୟିକା ଝିଲିକ। ପରେ ମୁରଲୀଧରନ୍‌ଙ୍କ ସହ ସେ ଆଉ କାମ କରିନାହାନ୍ତି। ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ନାୟିକା ରୀୟା ଦେ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ପ୍ରେମ ଅଢ଼େଇ ଅକ୍ଷର' ଚଳଚ୍ଚିତ୍ରରୁ କ୍ୟାରିୟର୍ ଆରମ୍ଭ କରିଥିଲେ। ତାଙ୍କୁ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଅନ୍ୟ କୌଣସି ଓଡ଼ିଆ ଛବିରେ ଦେଖିବାକୁ ମିଳିନାହିଁ। ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ହେଲୋ'ରୁ କ୍ୟାରିୟର୍ ଆରମ୍ଭ କରିଥିବା ନାୟିକା ସୁଶ୍ରୀ ବି ସୁଶାନ୍ତଙ୍କ ସହ ଏଯାବତ୍ କୌଣସି ଛବିରେ ଏକାଠି ହୋଇପାରି ନାହାନ୍ତି।

ଠିକ୍ ସେହିପରି ଏଲିନାଙ୍କ ପ୍ରଥମ ସିନେମା ଥିଲା ତାପସ ସରଘରିଆଙ୍କ 'ଇଶ୍କ ତୁ ହି ତୁ'। ହେଲେ ଏହାପରେ ଏଲିନା ତାପସଙ୍କ ନିର୍ଦ୍ଦେଶିତ ଅନ୍ୟ କୌଣସି ଛବିରେ କାମ କରିନାହାନ୍ତି। ଶୀତଲ ବି ତାଙ୍କର ପ୍ରଥମ ସିନେମା 'ଯିଏ ଯାହା କହୁ ମୋର ଢୋ'ର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁଙ୍କ ସହ ଅନ୍ୟ ଛବିରେ ନଜର ଆସିନାହାନ୍ତି। ପ୍ରିୟଙ୍କା ସାହୁ ତାଙ୍କ ଅଭିନୀତ ପ୍ରଥମ ସିନେମା 'ସୁପର୍‌ବୟ'ର ନିର୍ଦ୍ଦେଶକ କେ. ଅନିସ୍‌ଙ୍କ ସହ ପରବର୍ତ୍ତୀ ସମୟରେ କାମ କରିନାହାନ୍ତି। 'ମିଠାମିଠା' ସିନେମାରୁ ଡେବ୍ୟୁ କରିଥିବା ନାୟିକା ଶ୍ରଦ୍ଧା ପାଣିଗ୍ରାହୀ ଓ ଅଙ୍କିତା ଦାଶ ବି ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କ ଅନ୍ୟ ଛବିରେ ଅଭିନୟ କରିନାହାନ୍ତି। ସୁପ୍ରିୟା, ଜିନା ଓ କୋଏଲ୍ ବାନାର୍ଜୀ ଯଥାକ୍ରମେ ନିର୍ଦ୍ଦେଶକ ଅଶୋକ ପତି ( ଲଭ୍ ପାଇଁ କୁଛ୍ ଭି କରେଗା), ରଣଜିତ ମହାନ୍ତି (ଫେରିଆ ମୋ ସୁନାଭଉଣୀ) ଓ ଶ୍ରୀତମ ଦାସଙ୍କ (ତୁ ଥା ମୁଁ ଯାଉଚି ରୁଷି) ସହ ମଧ ଆଉ କାମ କରିନାହାନ୍ତି।

# ଜଗଦୀଶଙ୍କ ସିନେମାରେ ସ୍ୱରାଜ



ସୁପରିଚିତ ନାୟକ ସ୍ୱରାଜଙ୍କୁ ମିଳିଛି ଆଉ ଗୋଟିଏ ସିନେମା। ଶୀର୍ଷକ ଚୂଡ଼ାନ୍ତ ହୋଇ ନଥିବା ଏହି ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ କିଏ ନାୟିକା ହେବେ ତାହା ବି ସ୍ଥିରୀକୃତ ହୋଇନାହିଁ। ତେବେ ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଛୁ ଭୂତ' ଫେମ୍ ଜଗଦୀଶ ମିଶ୍ର ଏହାର ନିର୍ଦ୍ଦେଶନା ଦେବା ଲାଗି ଚୁକ୍ତିବଦ୍ଧ ହୋଇଛନ୍ତି। ଅମିତ କୁମାର ଦାଶ ଏହାର ସଂଳାପ ରଚନା କରିଛନ୍ତି। ଏହାର କଳାକାର ଚୟନ ଚାଲିଥିବା ବେଳେ ସୁଟିଂ ଆସନ୍ତା ଜୁଲାଇ ମାସରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଏଣେ ଓଡ଼ିଶାର ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନ କାହାଣୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ଶେଷ କିଷାନ: ବଲାସିଂଘାରୁ ବର୍ଲିନ୍'ରେ ନାୟକ ଭୂମିକାରେ ଅଛନ୍ତି ସ୍ୱରାଜ। ଏହା ଚଳିତବର୍ଷ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି। ସୁଶାନ୍ତ ମଣି ଏହାର ନିର୍ଦ୍ଦେଶନା ଭାର ତୁଲାଉଥିବା ବେଳେ ଏଥିରେ ସ୍ୱରାଜଙ୍କ ବିପକ୍ଷରେ ନାୟିକା ଭୂମିକାରେ ନଜର ଆସିବେ କୁକିଜ୍ ସ୍ୱାଇଁ।

ସୂଚନାଯୋଗ୍ୟ, ଶିଶୁ କଳାକାରରୁ ଅଭିନୟ ଜୀବନ ଆରମ୍ଭ କରିଥିବା ସ୍ୱରାଜ 'ତୁ ମୋ ଲଭ୍ ଷ୍ଟୋରି' (୨୦୧୭) ଜରିଆରେ ନାୟକ ଭାବେ ପଦାର୍ପଣ କରିଥିଲେ। ତା'ପରେ ସେ 'ଲୈଲା ଓ ଲୈଲା', 'ଲଭ୍ ଏକ୍ସପ୍ରେସ୍', 'ତୁ ମୋ ଲଭ୍ ଷ୍ଟୋରି-୨', 'ଦିସ୍ ଇଜ୍ ସବୁ ମାୟାରେ ବାୟା', 'ଓୟେ ଅଞ୍ଜଳି', 'ପ୍ରଥା', 'ଦିଲ୍ ମୋର ମାନେନା', 'ତୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି', 'ଟିକେ ଟିକେ ଅଚିହ୍ନା ତୁ' ଓ 'ଖୋକା ଭାଇ ତମ ପାଇଁ' ଆଦି ସିନେମାରେ ନଜର ଆସିଛନ୍ତି।



● ଅଶ୍ୱିନୀ ଗଡ଼ନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଲାଗୁଚୁ ଭାରି ନିଜର ନିଜର'ର ବାକିଥିବା ତିନିଟି ଗୀତ ସହ ସମସ୍ତ ସୁଟିଂ ନିକଟରେ ଶେଷ ହୋଇଛି। ଅକ୍ଷୟ କୁମାର ନାୟକଙ୍କ ପ୍ରଯୋଜିତ ଏହି ଛବିରେ ଅର୍ଚ୍ଚିତା ନାୟକଙ୍କ କାହାଣୀରେ ସଂଳାପ ଯୋଡ଼ିଛନ୍ତି ଡକ୍ଟର ରଜନୀରଂଜନ। ବୈଦ୍ୟନାଥ ଦାସ ଏହାର ସଙ୍ଗୀତକାର। ଏଥିରେ କିଶୋର ଓ ପିଆଲି ନାୟକନାୟିକା ଭୂମିକାରେ ନଜର ଆସିବେ।



● ଓଡ଼ିଆ ବାୟୋପିକ୍ 'ପାଦେ ଆକାଶ'ର ହିନ୍ଦୀ ଭର୍ସନ୍ ଖୁବ୍ ଶୀଘ୍ର ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କରିବ। ତରଙ୍ଗ ସିନେ ପ୍ରଡକ୍‌ସନ୍‌ର ଏହି ସିନେମା ଡକ୍ଟର ଶ୍ରୁତି ମହାପାତ୍ରଙ୍କ ଜୀବନୀ ଆଧାରିତ। ଏଥିରେ ଅର୍ଚ୍ଚିତା, ଅଙ୍କିତ କୁମାର, ରାଜେଶ ଜୈସ୍, ହର ରଥ, ସ୍ମିତା ମହାନ୍ତି, ମୋହନ ମଜିଠିଆ, ମଧୁମିତା ଓ ବିଜୟଲକ୍ଷ୍ମୀ ପ୍ରମୁଖ ଅଭିନୟ କରିଛନ୍ତି।



● ନୂଆ ସିନେମା 'ଆଶିକ୍ ଦିୱାନା'ର ଆଉ ୭ ଦିନର ସୁଟିଂ ବାକି ରହିଛି। ନିର୍ମାତା ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଏସ୍ ଦିଲୀପ ପଣ୍ଡା। ଏଥିରେ ଦୀପକ, ରୀୟା, ପ୍ରିୟଙ୍କା ପାଣିଗ୍ରାହୀ, ପୃଥ୍ୱୀରାଜ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରତିଭା ସାହୁ ଓ ନବାଗତା ବିଜୟଲକ୍ଷ୍ମୀ ପ୍ରମୁଖ ଅଭିନୟ କରୁଛନ୍ତି। ଡକ୍ଟର ରଜନୀ ରଂଜନ ଏହାର ଚିତ୍ରନାଟ୍ୟକାର ଓ ସଂଳାପକାର ଏବଂ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମ୍‌ଦାର।



# ପ୍ରାଧାନ୍ୟ ତ ମିଳେ, କିନ୍ତୁ ପୁରୁଷଙ୍କ ହିସାବରେ ଘର ଚାଲେ

**ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅଭିନୟ କ୍ଷେତ୍ରରେ ସକ୍ରିୟ ରହି ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି ସେ। ଓଡ଼ିଆ ସିନେମା ଓ ଟେଲିଧାରାବାହିକରେ ଭିନ୍ନ ଭିନ୍ନ ଭୂମିକା ନିଭାଇ ନିଜ ଦକ୍ଷତାର ପ୍ରମାଣ ବି ଦେଇଛନ୍ତି। ଏକାଧାରରେ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗାୟିକା ଓ ଅଭିନେତ୍ରୀ ମିଲି ମହାନ୍ତି ନିଜ ପ୍ରତିଭା ଲାଗି ଓଡ଼ିଶାର ଘରେ ଘରେ ପରିଚିତା। ଏଥର ତାଙ୍କ ସହ ସ୍ୱଳ୍ପ ଆଳାପ।**

● **ଆପଣ ଉଭୟ ଧାରାବାହିକ ଓ ସିନେମାରେ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ତେବେ କେଉଁ କ୍ଷେତ୍ରରେ କାମ କରିବାକୁ ବେଶି ଭଲ ଲାଗେ ?**

ସିନେମାରେ କାମ କରିବାକୁ ବେଶି ଭଲ ଲାଗେ। କାରଣ ସିନେମାଟା ଦୀର୍ଘସ୍ଥାୟୀ। ସିନେମାର ଚରିତ୍ରକୁ ଲୋକ ଯୁଗ ଯୁଗ ଧରି ମନେରଖନ୍ତି।

● **କେଉଁ ଧରଣର ଚରିତ୍ରରେ ଅଭିନୟ କରିବା ବେଳେ ଆପଣ ଅଧିକ ସହଜ ଅନୁଭବ କରନ୍ତି ?**

ମୁଁ ମୋ ଅଭିନୟ ଜୀବନରେ ପ୍ରାୟ ସବୁ ପ୍ରକାରର ଚରିତ୍ର କରିଛି। କମେଡିରୁ ଆରମ୍ଭ କରି ନେଗେଟିଭ୍, ପଜିଟିଭ୍ ସବୁ ପ୍ରକାରର ଭୂମିକା ମୁଁ ନିଭାଇଛି। ସମସ୍ତେ କହନ୍ତି କି ହାସ୍ୟରସ ଥିବା ଚରିତ୍ର ମୁଁ ବେଶି ଭଲ କରିପାରେ। ଯଦି ମୋର ବ୍ୟକ୍ତିଗତ ପସନ୍ଦ ପଚାରୁଛନ୍ତି ତ ମୁଁ କହିବି, ମୋତେ ପଜିଟିଭ୍ ଚରିତ୍ର ଭଲଲାଗେ।

● **ଆପଣଙ୍କ ସ୍ୱାମୀ କ'ଣ କରନ୍ତି ? ବିବାହ କିପରି ହୋଇଥିଲା ?**

ମୋ ସ୍ୱାମୀ ଜଣେ ବ୍ୟାଙ୍କର୍। ଗୋଟିଏ କାମକୁ ନେଇ ଆମର ଦେଖା ହୋଇଥିଲା। ତାଙ୍କର ଏକ ଇନ୍‌ଷ୍ଟିଚ୍ୟୁଟ୍ ଅଛି। ତା' ପାଇଁ ସେ ଜଣେ ଓଡ଼ିଶୀ ନୃତ୍ୟ ଶିକ୍ଷୟିତ୍ରୀ ଖୋଜୁଥାନ୍ତି। ହେଲେ ମୁଁ ସେ ସମୟରେ ସିରିୟଲ୍‌ରେ ବହୁତ ବ୍ୟସ୍ତ ଥାଏ। ସେଥିପାଇଁ ତାଙ୍କୁ ମନା କରିଦେଇଥିଲି। ମାତ୍ର କଥାବାର୍ତ୍ତା ଭିତରେ ସେ ତାଙ୍କ ଆଡୁ ପ୍ରସ୍ତାବ ଦେଲେ ଏବଂ ଆମ ଦୁଇ ପରିବାରର ସହମତିରେ ଆମ ବିବାହ ହୋଇଥିଲା।

● **ଜଣେ ଅଭିନେତ୍ରୀ ଏକ ସାଧାରଣ ପରିବାରକୁ ବୋହୂ ହୋଇଗଲେ, ପରିବେଶ କିପରି ଥିଲା ? ଖାପଖୁଆଇବାକୁ ସମସ୍ୟା ହୋଇଥିଲା କି ?**

ଆରମ୍ଭରୁ ସେଥିପାଇଁ ମୁଁ ବହୁ ସମସ୍ୟାର ସମ୍ମୁଖୀନ ହୋଇଛି। ଅନେକ ମାନସିକ ଅଶାନ୍ତି ବି ଭୋଗିଛି। ମୋତେ ନେଇ ବହୁତ ଲୋକ ବହୁତ ପ୍ରକାରର ନକାରାତ୍ମକ ଟିପ୍ପଣୀ ଦେଇଛନ୍ତି। ହେଲେ ମୁଁ ସର୍ବଦା ନିଜ ଉପରେ ହିଁ ବିଶ୍ୱାସ ରଖିଛି। କାହା କଥାରେ କେବେ ଭାଙ୍ଗିପଡ଼ିନି।

● **ଯଦିଓ ଘର ଚଳାଇବାରେ ନାରୀର ଭୂମିକା ଅଧିକ, କିନ୍ତୁ ଆଜି ବି ଅନେକ ଘର ପୁରୁଷମାନଙ୍କ ହିସାବରେ ଚାଲେ। ଆପଣଙ୍କ ପରିବାରରେ କାହାକୁ ବେଶି ପ୍ରାଧାନ୍ୟ ମିଳେ ?**

ପ୍ରାଧାନ୍ୟ ତ ମିଳେ, କିନ୍ତୁ ସେମାନଙ୍କ ହିସାବରେ ଘର ଚାଲେ। ପିଲାଦିନୁ ଆମେ ଦେଖିଛୁ, ବାପାଙ୍କ ଇଚ୍ଛାକୁ ବୋଉ କେତେ ସମ୍ମାନ ଦିଏ। ପୁରୁଷଙ୍କ ଇଚ୍ଛାରେ ଘରେ ରୋଷେଇ ହୁଏ, ସେମାନଙ୍କ ଇଚ୍ଛାରେ ହିଁ ନିଷ୍ପତ୍ତି ନିଆଯାଏ। ମୁଁ କେବେ ଏହାକୁ ବଦଳାଇବାକୁ ଚାହିନି। ଆମେ ଯାହା ଦେଖି ବଡ଼ ହୋଇଛୁ, ତାହାକୁ ହିଁ ଧରି ରଖି ଚାଲିଛୁ।

● **ଗ୍ଲାମର୍ ବୃତ୍ତି ବା ଫିଲ୍ମ ଲାଇନ୍ ମହିଳାଙ୍କ ପାଇଁ କେତେ ସୁରକ୍ଷିତ ?**

ମୁଁ କହିବି, ଏ ଲାଇନ୍ ମହିଳାଙ୍କ ପାଇଁ ଯେତେ ସୁରକ୍ଷିତ ଆଉ କୌଣସି ଲାଇନ୍ ସେତିକି ନୁହେଁ। କାରଣ ଆମେ ଏଠି କାମ କଲା ବେଳେ ସୁଟିଂସେଟ୍‌ରେ ଏକାସାଥିରେ ୫୦-୬୦ ଜଣ ଲୋକ ଥାଆନ୍ତି। ଏତେ ଗହଳି ଭିତରେ ଜଣଙ୍କୁ ଅସୁରକ୍ଷିତ ଲାଗିବ କିପରି ? ରାତି ୪ଟାରେ ସୁଟିଂ ଥିଲେ ବି ଆମେ ସୁରକ୍ଷିତ ବାତାବରଣରେ କାମ କରୁଥାଉ।



● **ଶାଢ଼ି ବ୍ୟତୀତ ଆପଣ କ'ଣ ପିନ୍ଧିବାକୁ ପସନ୍ଦ କରନ୍ତି ? ପୋଷାକଙ୍କୁ ନେଇ ଶାଶୂଘରେ କେବେ ସମାଲୋଚିତ ହୋଇଛନ୍ତି କି ?**

ମୋତେ ଶାଢ଼ି ପିନ୍ଧିବାକୁ ସବୁଠାରୁ ବେଶି ଭଲଲାଗେ। ମାତ୍ର ଆପଣ ଜାଣିଥିବେ ଯେ ଜଣେ ମହିଳା ଶାଢ଼ି ପିନ୍ଧିଲେ ତା' ଲୁକ୍‌ସ୍‌କୁ ପୂରା କରିବାକୁ ତାକୁ ଆହୁରି ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ସେଥିପାଇଁ ସବୁବେଳେ ପିନ୍ଧିବା ସମ୍ଭବ ହୁଏନି। ମୁଁ ଅଧିକାଂଶ ସମୟରେ ସାଲ୍‌ୱାର୍ ପିନ୍ଧେ। ଆଧୁନିକ ପୋଷାକ ବି ପିନ୍ଧିଥାଏ। ଯେହେତୁ ମୁଁ ଗ୍ଲାମର୍ ଲାଇନ୍‌ରେ ଅଛି, ଆମ ଘରେ ମୋ ପୋଷାକ ପରିଧାନକୁ ଗ୍ରହଣ କରି ନେଇଛନ୍ତି। ମୂଳରୁ ମୋତେ ବିଭିନ୍ନ ପ୍ରକାରର ପୋଷାକରେ ଦେଖି ଆସିଛନ୍ତି ତ ବିଶେଷ କିଛି ଆପତ୍ତି ଜାହିର କରିନାହାନ୍ତି।

# ମଙ୍ଗଳପାଲି ଗ୍ରାମରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ



**ସୋହେଲା, ୩୦।୪ (ସଂଚାର ବ୍ୟୁରୋ ):** ସୋହେଲା ବ୍ଲକ ରେଙ୍ଗାଲି ପଂଚାୟତ ଅନ୍ତର୍ଗତ ମଙ୍ଗଳପାଲି ଗ୍ରାମରେ ଆଜି ସୋହେଲା ବ୍ଲକ କୃଷକ ବିକାଶ ମଞ୍ଚ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଆନୁକୂଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ମନୋହର ମାଝୀ ଏହି ଅଖି ମୁଠି ଅନୁକୂଳ କରିଥିଲେ। ଗ୍ରାମର ନନ୍ଦୀ କିଶୋର ଭୋଇଙ୍କ ଚାଷ ଜମିରେ ଏହି ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷକ ବିକାଶ ମଞ୍ଚର କର୍ମକର୍ତା ମାନେ ଉକ୍ତ ଗ୍ରାମକୁ ପହଂଚିବା ପରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ଏକ ଭାରରେ ଅଖିମୁଠିର ସମସ୍ତ ସାମଗ୍ରୀକୁ ରଖି ସଂକୀର୍ତନ ଦଳ, ହଳ (ବଳଦ ) ଲଙ୍ଗଳ ସହ ସମସ୍ତେ ଗ୍ରାମ ପରିକ୍ରମା କରିଥିଲେ। ଚାଷୀ ନନ୍ଦୀ କିଶୋର ଭୋଇଙ୍କ ଚାଷ ଜମିକୁ ସମସ୍ତେ ପହଂଚିବା ପରେ ହଳ ଲଙ୍ଗଳ ଓ ମାଟି ମାତାଙ୍କୁ ପୂଜା ଅର୍ଚନା କରାଯାଇଥିଲା। ପଣ୍ଡିତ ଭଗବାନ ମିଶ୍ର ଏହି ପୂଜା ପାଠ କରିଥିଲେ। ପୂଜା ଅର୍ଚନା ପରେ ଅଖି ମୁଠି ଅନୁକୂଳ କରାଯାଇଥିଲା। ଅଖି ମୁଠି ପରେ ଗୌର ମହାନନ୍ଦ ହଳିଆ ଗୀତ ଗାଇ ଜମିକୁ ହଳ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ବାବୁଲାଲ ପଧାନ, ଯୁଧିଷ୍ଠିର ଭୋଇ, ଟେମରାଜ ଭୋଇ, ଡମରୁ ମେହେର, ହେମସାଗର ସାହୁ, ସୁନୀଲ ସାହୁ ତଥା କୃଷକ ବିକାଶ ମଞ୍ଚ ର ଦୈତାରୀ ଭୋଇ, ମୁକେଶ ଅଗ୍ରୱାଲ, ଯୁଧିଷ୍ଠିର ନାଏକ, ଗୋବିନ୍ଦ ସାହୁ, ନନ୍ଦୀ ଭୋଇ, ପୂରନ ପଧାନ, ଅନ୍ତର୍ଯ୍ୟାମୀ ପାତ୍ର, ଚନ୍ଦ୍ର ଶେଖର ପଧାନ, କାନ୍ତ ଗଡ଼ତିଆ, ଲକ୍ଷଣ ପଧାନ, ସାନନ୍ଦ ପଧାନ, ଦେବାଶିଷ ନାୟକ, ଆଦିତ୍ୟ ପଧାନ, ବାବୁଲୁ ପଧାନ, ବଳରାମ ଗଡ଼ତିଆ, ବିଜୟ ଭୋଇ, ଭୁବନେଶ୍ୱର ଖମାରି, ଭୋଜରାଜ ଭୋଇ ଓ ସରପଞ୍ଚ ମହୀପାଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ଯାତାୟାତ ଦୁର୍ବିସହ
# ବସଷ୍ଟାଣ୍ଡ ପରିସରରେ ପୋଖରୀ ଭ୍ରମ




**ହିଞ୍ଜିଳିକାଟୁ,୩୦।୪ (ସଂଚାର ବ୍ୟୁରୋ):** ହିଞ୍ଜିଳି ବସଟର୍ମିନାଲ ପରିସରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ପରିସର ପୋଖରୀ ଭ୍ରମ ସୃଷ୍ଟି ହେଉଛି ଓ ଲଗାଣ ବର୍ଷା ବେଳେ ପରିସ୍ଥିତି ଆହୁରି ଶୋଚନୀୟ ହୋଇପଡୁଛି। ବସ ପ୍ରବେଶ କରୁଥିବା ରାସ୍ତାରେ ଜମୁଥିବା ପାଣି ବସଷ୍ଟାଣ୍ଡ ପରିସର ସନ୍ତସନ୍ତିଆ ପରିବେଶ ସୃଷ୍ଟି କରିଦେଉଛି ଓ କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସ ଟର୍ମିନାଲ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ କରିଥିବା ବେଳେ ପରିସ୍ଥିତି ଶୋଚନୀୟ ପାଲଟିଯାଇଛି । ପ୍ରକାଶ ଯେ, ମଙ୍ଗଳବାର ରାତିରେ ପବନ ସହ ବର୍ଷା ହୋଇଥିଲା ଓ ବସ ଟର୍ମିନାଲ ପରିସରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଜମା ହୋଇ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହୋଇଥିଲା ଓ ପରେ ବୁଧବାର ସକାଳୁ ସକାଳୁ ବସ ଟର୍ମିନାଲ ପରିସରକୁ ପ୍ରବେଶ କରିଥିଲା ଶହ ଶହ ବସ ଓ ପ୍ରବେଶ ବେଳେ ପରିସର ଆହୁରି ସନ୍ତସନ୍ତିଆ ହୋଇଯାଇଥିଲା ଓ ଯାହା ଫଳରେ ବସ ଟର୍ମିନାଲକୁ ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ସମସ୍ୟା ହୋଇଛି ଓ ବର୍ଷା ପାଣି ନିଷ୍କାସିତ ନ ହେବା ଦ୍ୱାରା ନିକଟରେ ରହିଥିବା ହୋଟେଲ ଏବଂ କିଛି ଦୋକାନ ମାନଙ୍କରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେବେ ପାଣି ଜମା ହୋଇ ରହିଥିବା ଭିଡିଓ ଓ ଫଟୋ ଆଜି ସକାଳୁ ସକାଳୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଓ ବସ ଟର୍ମିନାଲ ନିକଟରେ ରହିଛି ପୌରପରିଷଦ କାର୍ଯ୍ୟାଳୟ କିନ୍ତୁ ବାରମ୍ବାର ଏହି ସମସ୍ୟା ଅଧିକାରୀ ଠାରୁ ଆରମ୍ଭ କରି ଯନ୍ତ୍ରୀ ମାନେ ଆଖିରେ ଦେଖୁଥିଲେ ମଧ୍ୟ ସମାଧାନ କେମିତି କରାଯିବ ତାହା ନେଇ ଇଚ୍ଛା ପ୍ରକାଶ କରିନାହାନ୍ତି ଓ ତେବେ ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି ।

# ଲକ୍ଷ୍ମୀନୃସିଂହ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



**ହିଞ୍ଜିଳିକାଟୁ,୩୦।୪(ସଂଚାର ବ୍ୟୁରୋ):** ହିଂଜିଳିକାଟୁ ଅଞ୍ଚଳରେ ଆରାଧ୍ୟ ଦେବତା ଶ୍ରୀ ଲକ୍ଷ୍ମୀନୃସିଂହ ଠାକୁରଙ୍କ ଜନ୍ମୋତ୍ସବ ଯାତ୍ରା ସକାଶେ ବୁଧବାର ତଥା ଅକ୍ଷୟ ତୃତୀୟା ଦିନ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଅକ୍ଷୟ ତୃତୀୟା ଅବସରରେ ଏହି ଶୁଭ ଖୁଣ୍ଟି ସ୍ଥାପନର ପରମ୍ପରା ରହି ଆସିଥିବା ବେଳେ ବୈଶାଖ ଶୁକ୍ଳ ନୃସିଂହଚତୁର୍ଦ୍ଦଶୀରେ ଏହି ଯାତ୍ରା ଅନୁଷ୍ଠିତ ହୁଏ। ପ୍ରତିବର୍ଷ ପାଟଣା ସାହି, ବଡ଼ରଙ୍ଗଣୀ ସାହି ଓ କେଉଟସାହିରେ ଏହି ଯାତ୍ରା ପାଳିତ ହୋଇଥାଏ। ଆସନ୍ତା ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ଜଣାପଡ଼ିଛି। ସମ୍ପୃକ୍ତ ସାହିର ଯାତ୍ରା କମିଟିର ସଦସ୍ୟ ଘଣ୍ଟ, ବାଦ୍ୟ ବାଜଣା ସହକାରେ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିରରେ ପହଂଚି ଠାକୁରଙ୍କ ଆଜ୍ଞାମାଳ ପାଇବା ପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ଓ ଏହି ସମୟରେ ସାହି ବାସିନ୍ଦା ପ୍ରମୁଖ ଉପସ୍ଥିତ ରହି ଶୁଭଖୁଣ୍ଟି ସ୍ଥାପନ କରିଥିଲେ।

# ସରାଟ ସେବା ସମବାୟ ଓ ଆମ ଓଡିଶା ପକ୍ଷରୁ ରକ୍ତଦାନ ଶିବିର



**ବାଲିପାଟଣା,୩।୪(ସଂଚାର ବ୍ୟୁରୋ):** ଅନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବାଲିପାଟଣା ବ୍ଲକ ସରାଟ ସେବା ସମବାୟ ସମିତି ଓ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଖୋର୍ଦ୍ଧା ଜିଲ୍ଲା ସମବାୟ ଭୁବନେଶ୍ୱର ସର୍କଲ ତତ୍ୱାବଧାନରେ ଅନୁଷ୍ଠିତ ଶିବିର ରେ ମୁଖ୍ୟ ଅତିଥି ଭାବେ ତହସିଲଦାର କଳ୍ପନା ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଫିସର ଡାକ୍ତର ଶ୍ରୀକାନ୍ତ ବେହେରା, ସହକାରୀ ନିବନ୍ଧକ ଭୁବନେଶ୍ୱର ମଣ୍ଡଳ ର ବରିଷ୍ଠ ଅଧିକାରୀ ପ୍ରିୟ ବ୍ରତ ପଣ୍ଡା, ଲଳିତ ବିଶ୍ୱାଳ, ସରାଟ ସମବାୟ ସମିତି ସଭାପତି ତଥା ଅବସର ପ୍ରାପ୍ତ ଅଧ୍ୟାପକ ଭାରତ ଭୁଷଣ ମହାନ୍ତି, ଖୋର୍ଦ୍ଧା ସମବାୟ ବ୍ୟାଙ୍କ ବାଲିପାଟଣା ଶାଖା ପରିଚାଳକ ଶକ୍ତି ଜେନା, ସି ଇ ଓ ଦିବ୍ୟ ରଞ୍ଜନ ପ୍ରଧାନ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ପୂର୍ବତନ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ସମବାୟ ସମିତି ଗୋଦାମ ଗୃହରେ ଆୟୋଜିତ ଶିବିର ରେ ୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସର ରେ ସମବାୟ ସଭା ର ଆୟୋଜନ କରାଯାଇଥିଲା। ବୋର୍ଡ ମେମ୍ବର ସଂଗ୍ରାମ କୃଷ୍ଣ ଦାସ, ମାନସ କୁମାର ପଣ୍ଡା, ଅମୁଲ୍ୟ ପ୍ରଧାନ, ଦିନବନ୍ଧୁ ରାଉତରାୟ, ପ୍ରସନ୍ନ ସ୍ୱାଇଁ, ବାବୁଲି ମଲ୍ଲିକ, ବାବୁ ଲାଲ ନାୟକ, ବୀଣାପାଣି ସ୍ୱାଇଁ, କ୍ରିଷ୍ଣା ମହାପାତ୍ର, ସତ୍ୟଜିତ ରାୟ, ଉମାକାନ୍ତ ସାହାଣୀ, ବିଶ୍ୱ ରଞ୍ଜନ ଭୋଇ, ଅବକାଶ ସ୍ୱାଇଁ, ବାସୁଦେବ ଜେନା, ସୁକାନ୍ତ କୁମାର ଦାଶ, ବଳରାମ ପରିଡା, କମଳା କାନ୍ତ ମହାନ୍ତି, ଜୟନ୍ତ ଓଝା, କୃଷ୍ଣ ଚନ୍ଦ୍ର ରାୟ, ସମବାୟ ସମିତି ସମ୍ପାଦକ ସୁଶୀଲ କୁମାର ପଣ୍ଡା, ଚିନ୍ମୟ ମହାନ୍ତି, ସୁରେନ୍ଦ୍ର ବେହେରା, ବିକ୍ରମ ମହାନ୍ତି, ଶିବ ପ୍ରସାଦ ଜେନା, ରବୀନ୍ଦ୍ର ଜେନା, ଧରଣୀ ଧର ସାହାଣୀ ପ୍ରମୁଖ ଜୋହାର ଦେଇଥିଲେ।ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ଏବଂ ସମ୍ବାଦ ପ୍ରତିନିଧି ବସନ୍ତ କୁମାର ଦାଶ ଶିବିର ପରିଚାଳନା କରିଥିଲେ।

# ବୁଢ଼ୀପଦରଠାରେ ବେନ୍ଦେନ୍ ଯାତ୍ରା



**ନର୍ଲା,୩।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଠାରେ ଚାଲିଛି ବେନ୍ଦେନ୍ ଯାତ୍ରା। ଏହି ଯାତ୍ରାକୁ ନେଇ ଉତ୍ସବମୁଖର ହୋଇ ଉଠିଛି ସଂସ୍କୃତି ସଂପନ୍ନ ବୁଢ଼ୀପଦର ଗାଁ। ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଶନିବାର ଦିନ ସମାପ୍ତ ହେବ। ପୂଜା ପୂର୍ବରୁ ସପ୍ତାହ ବ୍ୟାପି ଡକା ଡକାଯାଇଥିଲା। ମଙ୍ଗଳବାର ରାତିସାରା ଗଭା ଉତୁରା ଯାଇଥିଲା। ଡମ୍ ବଜା ଓ ସଲପ ନିସାନର ତାଳେ ତାଳେ ବେନ୍ଦ୍ ଗ୍ରାମ୍ୟ ପରିକ୍ରମା କରିଥିଲେ। ବଲାଙ୍ଗୀର ଜିଲ୍ଲା ଭାଲେଗାଁର ରାଜ ମହୁଲିଆ ଉଦେ ତାଣ୍ଡିଙ୍କ ମହୁରୀ ବାଦନ ବାଦ୍ୟନାଦର ମୁଖ୍ୟ ଆକର୍ଷଣ ଥିଲା। ମହିଳାମାନେ ଦେବତାଙ୍କ ପ୍ରତୀକ ଭାବେ ତାଙ୍କୁ ବନ୍ଦାପନା କରିଥିଲେ। ବୁଧବାର ସକାଳୁ ବେନ୍ଦ୍ ପଡ଼ିଥିଲା। ଧରଣୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇ ବେନ୍ଦେନ୍ ଆସ୍ଥାନ, ଭୀମା, ବଗଡ଼ା, କଲାପାର, ଜଡେନ୍, ଡଙ୍ଗର, ବାମନେନ ବୁଢ଼ୀ, ଗବଡା, ମାଉଲି, ରପାଙ୍ଗ ଆଦି ଗ୍ରାମ୍ୟ ଦେବାଦେବୀଙ୍କୁ ଭୋଗରାଗ ଅର୍ପଣ କରାଯାଇଥିଲା। ଏହାପରେ ଧରଣୀ ପୀଠରେ ଗ୍ରାମବାସୀଙ୍କୁ ବିହନ ପ୍ରଦାନ କରାଯାଇଥିଲା। ଗାଁର ଗୌନ୍ତିଆ କୁବେର ମାଝୀଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜାନୀ ଗୁରୁ ସିଂ ମାଝୀ, ଝାଙ୍କର ଲକ୍ଷ୍ମଣ ମାଝୀ, ଗଣା ଡୁମେର, ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ପ୍ରଥମେ ଗାଁର ପ୍ରମୁଖ ପ୍ରଜା ସ୍ୱର୍ଗତ ରାଜ ଧଙ୍ଗଡ଼ାମାଝୀଙ୍କ ଘରୁ ଯୋଗ ପାଣି ଆଣି ଧରଣୀ ପୀଠରେ ରଖାଯାଇଥିଲା। ବେନ୍ଦକୁ ଗାଧୋଇ ପୂଜାର୍ଚ୍ଚନା କରାଯାଇଥିଲା। ଗୌନ୍ତିଆ ଘରେ ବନ୍ଦାପନା କରିବା ପରେ ବେନ୍ଦ୍ ଗାଁର ପ୍ରତ୍ୟେକ ଘର ଅଗଣାକୁ ଯାଇଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ଧଙ୍ଗଡ଼ାମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କମିଟିର ସଭାପତି ରଜନୀ ଗଉଡ, ସମ୍ପାଦକ ସୁରେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ନର୍ଲା ପୋଲିସ ମୁତୟନ ହୋଇଥିଲେ।

# ବିଶ୍ୱ ନୃତ୍ୟ ଦିବସରେ ଗାନ୍ଧୀ ସ୍ମୃତି ଭବନ ଠାରେ ପାଳନ



**କନ୍ଧମାଳ,୩।୫(ସଂଚାର ବ୍ୟୁରୋ):** ବିଶ୍ୱ ନୃତ୍ୟ ଦିବସ ଅବସରରେ ଫୁଲବାଣୀ ର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନଟରାଜ କଳା ମନ୍ଦିର ଦ୍ୱାରା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ନଟରାଜ ନୃତ୍ୟ ସଙ୍ଗୀତ ଉତ୍ସବ ୨୦୨୫ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଜିଲ୍ଲା ଲେଖକ ସାମ୍ମୁଖ୍ୟ ର ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡିଶୀ ନୃତ୍ୟ ଗୁରୁ ରତିକାନ୍ତ ମହାପାତ୍ର, ବିଶିଷ୍ଟ ସମାଜସେବୀ ଦେବେନ୍ଦ୍ର ପାତ୍ର ଓ ଉମାଶଙ୍କର ମହାପାତ୍ର ଅନୁଷ୍ଠାନ ର ଉପଦେଷ୍ଟା ଗୁରୁ ବିକ୍ରମ ସାମଲ ଯୋଗଦାନ କରିଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ଗୁରୁ ରତିକାନ୍ତ ମହାପାତ୍ର, ବିଶିଷ୍ଟ କଣ୍ଠ ଶିଳ୍ପି ଲକ୍ଷ୍ମୀନାରାୟଣ ପୁରୋହିତ, ଭୁବନେଶ୍ୱର ରୁ ଓଡିଶୀ ନୃତ୍ୟ ଶିଳ୍ପି ପ୍ରିତୀଶା ମହାପାତ୍ର, ଐଶ୍ୱର୍ଯ୍ୟା ସିଂହଦେଓ, ଦାରିଙ୍ଗିବାଡ଼ି ରୁ କବି ତଥା ସଂଗଠକ ବିଦେଶୀ ନାୟକ, ପ୍ରାର୍ଥନା ଚ୍ୟାନେଲ ର ନୃତ୍ୟ ପ୍ରତିଯୋଗୀତା ର ବିଜେତା ଦ୍ରିଷ୍ଟି ଦିବ୍ୟାନ୍ସି ଦେହୁରୀ, ଅନୁଗୁଳ ଆଦିଙ୍କୁ ନଟରାଜ କଳା ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଜାଇଥିଲା। ଏହି ଅବସରରେ ଅନୁଷ୍ଠାନର ବରିଷ୍ଟ, କନିଷ୍ଠ କଳାକାର ତଥା ଅତିଥି କଳାକାର ଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ଭଜନ ତଥା ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ରତିକାନ୍ତ ମହାପାତ୍ର ଙ୍କ ଦ୍ୱାରା ପ୍ରସ୍ତୁତ ସବରୀ ଅଭିନୟ, ପ୍ରୀତୀଶା ମହାପାତ୍ର ଓ ଐଶ୍ୱର୍ଯ୍ୟା ସିଂହଦେଓ ଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରୀ ରାମ ଚନ୍ଦ୍ର କୃପାଳୁ ଭଜମନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା।

# ଅକ୍ଷି ତୃତୀୟାରେ ଚାଷୀଙ୍କ ମୁଠି ଅନୁକୂଳ



**କଣାସ,୩।୪(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆଜି ଚାଷୀମାନଙ୍କର ଚଳିତ ବର୍ଷ ଫସଲ ପାଇଁ ପୂଜା ଅର୍ଚ୍ଚନା କରାଯାଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୁର ପଲ୍ଲୀରେ ଚାଷୀମାନଙ୍କ ପକ୍ଷରୁ ଚଳିତ ବର୍ଷ ଭଲ ଧାନ ଫସଲ ହେବା ପାଇଁ ଧରିତ୍ରୀ ମାତା ପୂଜା ଅର୍ଚ୍ଚନା କରୁଥିବା ଦେଖିବାକୁ ମିଳୁଥିଲା। ପ୍ରତିପରିବାର ମୁରବୀମାନେ ପ୍ରଭାତରୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ବେତେ ଟୋକେଇ ଓ ନୌତିରେ ଶ୍ରୀମହାପ୍ରସାଦ, ଫୁଲ, ଚନ୍ଦନ, ଧୂପଦୀପ, ନଡିଆ ବିଭିନ୍ନ ପ୍ରକାର ର ଭୋଗ, ଧାନ ବିହନ ଧରି ନିଜ ନିଜ ଜମିକୁ ଯାଇ ଚଳିତ ବର୍ଷ ଭଲ ଧାନ ଫସଲ ହେବା ପାଇଁ ଭଗବାନକୁ ପ୍ରାର୍ଥନା କରି ଧରିତ୍ରୀ ମାତାଙ୍କୁ ପୂଜା ଅର୍ଚ୍ଚନା କରିସାରି ଧୂପଦୀପ ପ୍ରଦାନ କରି ଧାନ ବିହିନ ଅନୁଖୂଳ କରି ଘରକୁ ଫେରିଥିଲେ। ଅକ୍ଷି ତୃତୀୟା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଆଜି ବିଭିନ୍ନ ଗ୍ରାମରେ ଅନେକ ପରିବାର ନୂତନ ଗୃହ ନିର୍ମାନ ପାଇଁ ପୂଜା ଅର୍ଚ୍ଚନା କରିବା ଓ କରିଥିବା ନୂତନ ଗୃହ ପୂଜା ଅର୍ଚ୍ଚନା କରି ଗୃହ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ଫଟୋ ଇ ମେଲରେ ପଠାଗଲା କାଳ ବୈଶାଖୀରେ ବ୍ୟାପକ କ୍ଷତି ଓ ଘର ଛପର ଉଡିଲାକଣାସ, ୩୦/୪ ଗତକାଲି ମଧ୍ୟରାତ୍ରରେ କଣାସ ବ୍ଲକର ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବୋହିବାରୁ ଅନେକ ଘଚ ପତ୍ର ଧାରଶାୟୀ କରିଦେଇଥିବାବେଳେ ଅନେକ ଚାଳ ଘର ଏବଂ ଆଜେବେଷ୍ଟ ଘରର ଛପର ଉଡାଇ ଦେଇଛି। ଚାଷୀମାନେ ସଦ୍ୟ ଜମିରୁ ଅମଳ କରିଥିବା ଖରାଟିଆ ଧାନକୁ ନିଜ ନିଜ ଖଳାବାଡି ଓ କ୍ଷେତରେ ରଖିଥିବା ଧାନ ସବୁ ଓଦା ହୋଇଯାଇଛି। ଏହାର ପ୍ରଭାବରେ ବିଦ୍ୟୁତ ସରବରା ଦୀର୍ଘ ସମ୍ୟ ଧରି ବନ୍ଦ ହୋଇଥିଲା। ଫଟୋ ଇ ମେଲରେ ପଠାଗଲା

# ଗାନ୍ଧାରୀଭୂଇଁରେ ୪ ଘର ଭାଙ୍ଗିଲେ ହାତୀପଲ

**ରାଇକିଆ,୩।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା କରଡ଼ା ରେଞ୍ଜର ଇନ୍ଦ୍ରଗଡ ସେକ୍ସନରେ ହାତୀପଲଙ୍କ ଆକ୍ରମଣରେ ଚାରିଜଣଙ୍କ ଘରନଷ୍ଟ ହୋଇଛି । ମୃଜାଗଡ ରେଞ୍ଜରୁ କରଡ଼ା ରେଞ୍ଜରେ୨୬ ଗୋଟି ହାତୀ ଗତ କିଛି ଦିନ ହେଲା ଚଳପ୍ରଚଳ କରୁଛନ୍ତି । ମଙ୍ଗଳବାର ରାତିରେ ଉକ୍ତ ରେଞ୍ଜର ଗାନ୍ଧାରୀ ଭୂଇଁ ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ଗ୍ରାମର ମଲ ନାୟକ, ଚକ୍ର ନାୟକ, ଖଦାଳ ନାୟକ, ମନୋଜ ମଲ୍ଲିକଙ୍କ ଘର ଭାଙ୍ଗିଛି । କ୍ଷତି ଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ଦାବି କରାଯାଇଥିବା ବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖା ଦେଇଛି ।



## ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ
# ଧାନ ଓ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀଙ୍କୁ ଆହ୍ୱାନ



**ସୁବର୍ଣ୍ଣପୁର,୩।୫(ସଂଚାର ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୫ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ କୃଷକ ଦିବସ ପାଳନରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷୀମୁଠି ଅନୁକୂଳ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅକ୍ଷୟ ତୃତୀୟା ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଚଳିତ ଖରିଫ ଋତୁରେ କୃଷି ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ସହ ଅଧିକରୁ ଅଧିକ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତ କୃଷିବର୍ଷରେ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୧ଲକ୍ଷ ୨୮ହଜାର ହେକ୍ଟରରେ ଧାନଚାଷ ସହ ଅଣଧାନ ଚାଷ କରିବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିବାବେଳେ ୭୦ ହଜାର ହେକ୍ଟରରେ ଧାନଚାଷ ଏବଂ ବୀରମହାରାଜପୁର ଓ ସଦର ସୁବର୍ଣ୍ଣପୁର ବ୍ଲକରେ ୨ହଜାର ହେକ୍ଟରରେ ପ୍ରଥମଥର ପ୍ରାକୃତିକ କୃଷି ଅଭିଯାନରେ ଜୈବିକ ଧାନଚାଷକୁ ଗୁରୁତ୍ୱ ଦିଆଯାଇଛି। ମୃତ୍ତିକା ପରୀକ୍ଷଣ, କମ୍ପୋଷ୍ଟ ଖତ, ଜିଆ ଖତ ବ୍ୟବହାର ସହ ଜଳର ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ କେ.ବି.କେ କୃଷି ବିଜ୍ଞାନୀ ବିଶ୍ୱରଞ୍ଜନ ପଟ୍ଟନାୟକ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ସୋନପୁର ଉପଖଣ୍ଡ ଘନଶ୍ୟାମ ଦେହୁରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୃଷକ ଦିବସ ପାଳନର ଶୁଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ମୋହନ ଚରଣ ମାଝୀ ଆଭାସୀ ଜରିଆରେ ଖରିଫ ୨୦୨୫ ସିଏମ କିସାନ ସହାୟତା ରାଶିର ହସ୍ତାନ୍ତର କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବହୁ ଅଗ୍ରଣୀ ଚାଷୀ, କୃଷକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ।

# ଅପେରା ଯାଜ୍ଞସେନୀର ଶୁଭମହୁରତ



**କଳିଙ୍ଗନଗର,୩।୪(ସଂଚାର ବ୍ୟୁରୋ):** ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଯାଜପୁର ଜିଲ୍ଲା କଳିଙ୍ଗନଗର ର ଯଖପୁରା ଗାଁ ରେ ମା ହିଙ୍ଗୁଳା ଇଣ୍ଟରଟେନମେଣ୍ଟ ପ୍ରାଇଭେଟ ଲିମିଟେଡ଼ ଓ ପ୍ରଯୋଜିକା ଆଡ଼ଭୋକେଟ ସୁଦୀପ୍ତା ସିଂ ଙ୍କ ଦ୍ୱାରା ଗଢି ଉଠିଥିବା ନିୟୁ ଅପେରା ଯାଜ୍ଞସେନୀ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଆଜି ବ୍ୟାସ ନଗର ସ୍ଥିତ ହୋଟେଲ ଉପହାର ରେ ତାର ଦ୍ୱିତୀୟ ବର୍ଷର ଷ୍ଟାରକାଷ୍ଟ ଘୋଷଣା କରିବା ସହ ନୂତନ ନାଟକ ଗୁଡିକର ନାମ ମଧ୍ୟ ଘୋଷଣା କରିଛି। ନୂତନ ବର୍ଷ ୨୦୨୫-୨୬ ରେ ନାୟକ ଭାବେ ସୁରେଶ ପଣ୍ଡା, ଅମରଜିତ ମିଶ୍ର, ନାୟିକା ଭାବେ ଜଲୀ ପଣ୍ଡା ଓ ରାଧା ପଣ୍ଡା, ଖଳ ନାୟକ ସନ୍ଦୀପ, ହାସ୍ୟ ଅଭିନେତା ଭାବେ ସାନ ମଣି, ନେଉଳ, ଲିଜୁନା, ଚରିତ୍ର ଅଭିନେତା ଜୟନ୍ତ ବାରିକ, ପ୍ରଭାସ ମିଶ୍ର, ମମତା ମିଶ୍ର, ଅନ୍ୟ ମାନଙ୍କ ମଧ୍ୟରେ ଲିଜା, ସୀମା, ଚାନ୍ଦିନୀ ପ୍ରମୁଖ ଅଭିଜ୍ଞା ଓ ନାମିଦାମୀ କଳାକାର ଯୋଗ ଦେଉଥିବା ଜଣା ପଡ଼ିଛି, ନୂଆ ଚାରି ଗୋଟି ନାଟକ ଜେମ୍ସବଣ୍ଡ, ଗ୍ୟାଙ୍ଗ ଷ୍ଟାର, ଦେଖ ଆଗକୁ କଣ ହେଉଛି। ଗାନ୍ଧୀ କଣ ଭୂଲ ହୋଇ ଗଲା କି କୁ ନେଇ ମୈଦାନକୁ ଓଲ୍ଲାଇବ ଯାତ୍ରା ଯାଜ୍ଞସେନି, ଆଜିର ଏହି ଶୁଭମହୁରତ ରେ ମୁଖ୍ୟ ଉପଦେଷ୍ଟା ପ୍ରସନ୍ନଜିତ ନାୟକ, ସନ୍ଦୀପ ବରୁଣ ଜେନା, ମୁଖ୍ୟ ପରିଚାଳକ ସୁରେଶ ପଣ୍ଡା, ମୁଖ୍ୟ କାର୍ଯ୍ୟଧିକାରୀ ପ୍ରଭାତ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ।

# ମନରେଗା କାମରେ ଠିକାଦାର ନିୟୋଜିତ
## ଥୁଆମୂଳ ରାମପୁରରେ ମନରେଗା ଦୁର୍ନୀତି



**କଳାହାଣ୍ଡି,୩।୪(ସଂଚାର ବ୍ୟୁରୋ):** ମନରେଗା ଯୋଜନା ନାଁ ରେ ସରକାର କୋଟି କୋଟି ଟଙ୍କ ଟଙ୍କା ଖର୍ଚ୍ଚ କରୁଛନ୍ତି କରୁଛନ୍ତି। ହେଲେ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ କୁ ହେରଫେର କରାଯାଉଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ୨୪ ଟି ପଞ୍ଚାୟତର ପ୍ରତ୍ୟେକ ଗାଁ ମାନଙ୍କରେ ମନରେଗା ଯୋଜନାରେ ବିଭିନ୍ନ ପ୍ରକାରର କାମ ଚାଲିଛି। ହେଲେ ଏଥିରେ ଠିକାଦାର ମାନେ ନିଯୋଜିତ ରହିଥିବା ଜଣାପଡ଼ିଛି। କମ କାମ କରାଇ ଠିକାଦାର ମାନେ ଅଫିସର ମାନଙ୍କ ସହିତ ମିଳିମିଶି ମିଥ୍ୟା ବିଲ ଦର୍ଶାଇ ଲକ୍ଷାଧିକ ଟଙ୍କା ଉଠାଉଥିବା ସୂଚନା ମିଳୁଛି। ଯାହାଫଳରେ ଠିକାଦାର ମାଲେମାଲ ହେଉଥିବା ବେଳେ ନିରିହ ଗରିବ ଶ୍ରମିକ ମାନେ ଏହାର ସଠିକ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ଗାଁ ମାନଙ୍କରେ ଠିକାଦାର ମାନଙ୍କ ରାଜ ଚାଲିଛି। ସବୁ କାମକୁ ଏମାନେ କବଜା କରି ଆଇଟିଡିଏ ହେଉ କିମ୍ବା ପଞ୍ଚାୟତ ବିଭାଗ ଅଧୀନରେ ରହିଥିବା ମନରେଗା ଯୋଜନାର କାମ ଗୁଡ଼ିକ ଛାଡାଇ ଆଣି ଠିକାଦାର ମାନେ ମନ ଇଚ୍ଛାରେ ସବୁ କାମ କରି ଆସୁଛନ୍ତି। ଷ୍ଟାଗର ଟ୍ରେଞ୍ଚ, ମାଟିମୋରମ ମେଣ୍ଟାଲ ରାସ୍ତା ଓ ଏଲବିସିଡି ମାଧ୍ୟମରେ ପାହାଡ଼ରେ ପଥର ହୁଡ଼ା ଭଳି ଅନେକ କାମ ଗୁଡ଼ିକ ଗାଁ ମାନଙ୍କରେ ଚାଲିଛି। ଏସବୁ କାମକୁ ବିଶେଷ ଭାବରେ ଠିକାଦାର ମାନେ ମାଡ଼ି ବସିଛନ୍ତି। କାମ ନ କରାଇ ଠିକାଦାରମାନେ ନିଜ ସଂପର୍କୀୟ ଲୋକଙ୍କୁ କାମ ସ୍ଥାନରେ ଛିଡ଼ା କରାଇ ଏନ ଏମ ଏମ ଏସ ରେ ଫୋଟ ଅପଲୋଡ଼ କରି ମିଥ୍ୟା ମାଷ୍ଟର ରୋଲ ପ୍ରସ୍ତୁତ କରି ଟଙ୍କା ହଡପ କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଠିକ ସେଭଳି ଶ୍ରମିକ ବଦଳରେ ଜେସିବି ମେସିନ ବ୍ୟବହାର କରା ଯାଉଥିବା ଅଭିଯୋଗ ହେଉଛି। ପଞ୍ଚାୟତରେ କାର୍ଯ୍ୟ ରତ ଜିଆର ଏସ, କନିଷ୍ଠ ଯନ୍ତ୍ରୀ ଏବଂ ଆଇ ଟିଡିଏ ବିଭାଗ ର ଗ୍ରାମାଞ୍ଚଳର ଦାୟୀତ୍ୱ ରେ ରହିଥିବା ସରକାରୀ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ କାମର ଉଚ୍ଚସ୍ତରୀୟ ତଦନ୍ତ ହେଉ ନଥିବାରୁ ସରକାରଙ୍କ କୋଟି କୋଟି ଟଙ୍କା ସଠିକ କାର୍ଯ୍ୟ ରେ ନଲାଗି ଆତ୍ମସାତ କରାଯାଉଛି।ଏଥିରେ ଗାଁ ସାଥି ମାନେ ମଧ୍ୟ ସବୁଜାଣି ଶୁଣି ନିରବ ରହିବା ଆଶ୍ଚର୍ଯ୍ୟଜନକ ପରିସ୍ଥିତି ହୋଇ ଥିବା ବେଳେ ଠିକାଦାରଙ୍କ ପାଖରେ ଗାଁ ସାଥି କାହିଁକି ଚୁପ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ରୁପ୍ରାରୋଡରେ ଅକ୍ଷୟ ତୃତୀୟା ନୀତି



**ନର୍ଲା,୩।୪(ସଂଚାର ବ୍ୟୁରୋ):** ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ। କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ। ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ। ଏହିତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟା ନିତି ବୈଦିକ ବିଧାନ ଅନୁସାରେ ପାଳିତ ହୋଇଛି। ରୁପ୍ରାରୋଡ ଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା ସ୍ୱର୍ଗତ ଡ଼ଃ ସାଧୁରାମ ଅଗ୍ରୱାଲଙ୍କ ଜ୍ୟୋଷ୍ଠ ପୁତ୍ର ସୁନିଲ ଅଗ୍ରୱାଲ ଅଖ ପୂଜା କରିଥିଲେ। ପାଞ୍ଚ ଗୋଟି ସଂକିର୍ତ୍ତନ୍ୟ ମଣ୍ଡଳୀ ନାମ ଭଜନ ପରିବେଷଣ କରିଥିବାବେଳେ ମନ୍ଦିରର ପୂଜକ ପ୍ରତାପ ପଣ୍ଡା ଅକ୍ଷୟ ତୃତୀୟା ନିତି ସଂପାଦନ କରିଥିଲେ।